DHARITRI
ଢେଙ୍କାନାଳ, ଶୁକ୍ରବାର, ଅକ୍ଟୋବର ୨୩/୨୦୨୦ (୧୬ପୃଷ୍ଠା) Dhenkanal, Friday, October 23/2020 ★★★★★
୧୬ଶ ଭାଗ ୧୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ମାଧୁରୀଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ

ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କର ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

୧୨

୧୪

## ହୋଲ୍ଡରଙ୍କୁ ୩ ଉଇକେଟ

ଚଳିତ ଆଇପିଏଲ୍‌ର ନିଜ ପ୍ରଥମ ମ୍ୟାଚରେ ୩ ଉଇକେଟ ହାସଲ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦର ଜାସନ ହୋଲ୍ଡର।



# ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଫଳ ପ୍ରକାଶିତ

**କଟକ ଅଫିସ,୨୨।୧୦**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୭୦.୯ ପ୍ରତିଶତ ରହିଛି। ଚଳିତବର୍ଷ ୨୨,୬୬୧ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମପୂରଣ କରିଥିବାବେଳେ ସେଥିମଧ୍ୟରୁ ୨୧, ୪୮୭ ଜଣ ପରୀକ୍ଷା ଦେଇଥିଲେ। ୨୫ଜଣ କପି କରି ଧରାପଡ଼ିଥିବାବେଳେ ୧୫, ୨୪୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣଙ୍କ ସଂଖ୍ୟା ଶୂନ ଥିବାବେଳେ ଏ-୨ ଗ୍ରେଡ୍‌ରେ ୧୦ଜଣ, ବି-୧ ଗ୍ରେଡ୍‌ରେ ୧୯୫ଜଣ, ବି-୨ ଗ୍ରେଡ୍‌ରେ ୯୩୦ଜଣ, ସି ଗ୍ରେଡ୍‌ରେ ୧୯୦୨ଜଣ, ଡି ଗ୍ରେଡ୍‌ରେ ୩୧୪୦ଜଣ, ଇ ଗ୍ରେଡ୍‌ରେ ୯୦୬୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୫୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା ବୋଲି ବୋର୍ଡ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(ଦ୍ୱିତୀୟ ପର୍ଯ୍ୟାୟ)ର ଫଳ ମଧ୍ୟ ପ୍ରକାଶ ପାଇଛି। ୮୮ଟି ପରୀକ୍ଷା କେନ୍ଦ୍ରରେ ୧୨,୫୩୮ ଜଣ ପରୀକ୍ଷା ଦେଇଥିଲେ। ଏଥି ମଧ୍ୟରୁ ୯୪୮୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଟିକା ନାହିଁ, ପ୍ରତିଶ୍ରୁତି ମାଳ ମାଳ

## ଭାଜପା ଇସ୍ତାହାରରେ 'ମାଗଣା ଭାକ୍ସିନ'କୁ ନେଇ ଝଡ଼

**ନୂଆଦିଲ୍ଲୀ/ପାଟନା,୨୨।୧୦**

କରୋନା ସଂକ୍ରମଣରୁ ମୁକ୍ତି ପାଇଁ ବିଶ୍ୱବାସୀ ଭାକ୍ସିନ ଅପେକ୍ଷାରେ। ଭାରତକୁ କେବେ ଟିକା ଆସିବ ବୋଲି ଦେଶବାସୀ ଅନେଇ ବସିଥିବାବେଳେ ଗୁରୁବାର ବିହାରରେ ଭାଜପାର ନିର୍ବାଚନୀ ଇସ୍ତାହାର ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଭାଜପା କ'ଣ ନିଜ ଟ୍ରେଜେରିରୁ କରୋନା ଟିକା ଦେବ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଟିକାର ଦେଖାନାହିଁ, ହେଲେ ପ୍ରତିଶ୍ରୁତି ମାଳ ମାଳ। ଏହି ବିଷୟ ଭାଜପାର ସଦ୍ୟ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ, କରୋନା ଟିକା ପ୍ରସ୍ତୁତି ପାଇଁ ବିଶ୍ୱର ଅନେକ ଦେଶ ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛନ୍ତି। ଆମ ବୈଜ୍ଞାନିକମାନେ ମଧ୍ୟ ଭାକ୍ସିନ ବିକଶିତ କରିବା ଦିଗରେ ଗବେଷଣାରତ। ଭାରତରେ ଟିକା ପ୍ରସ୍ତୁତି ବିଭିନ୍ନ ପର୍ଯ୍ୟାୟରେ ରହିଛି। ଏହି ଦିଗରେ ସଫଳତା ହାସଲ ପରେ ଭାକ୍ସିନକୁ କିପରି ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ପହଞ୍ଚାଯିବ ସେନେଇ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା କହିଥିଲେ। ଏହାର ଦୁଇଦିନ ପରେ ବିହାରରେ ଭାଜପା ପକ୍ଷରୁ ଘୋଷଣାପତ୍ର ଜାରି କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରାଜ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ଏହି ଇସ୍ତାହାର ପ୍ରକାଶ କରିଛନ୍ତି। ସୀତାରାମନ୍ କହିଛନ୍ତି, ବିହାରରେ କରୋନା ମୁକାବିଲା କ୍ଷେତ୍ରରେ ଏନ୍‌ଡିଏ ସରକାର ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି। ଏହା ଆମର ସଂକଳ୍ପ। ଭାକ୍ସିନକୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅନୁମୋଦନ କରିବା ମାତ୍ରେ ବିହାର ଜନସାଧାରଣଙ୍କୁ ମାଗଣାରେ ଦିଆଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି।

ସେପଟେ ଭାଜପା ଓ କେନ୍ଦ୍ର ସରକାର ମହାମାରୀକୁ ଏକ ରାଜନୈତିକ ସୁଯୋଗ ଭାବେ ବ୍ୟବହାର କରୁଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ବି ଏହାକୁ ନେଇ ଉଭୟ ଭାଜପା ଓ କେନ୍ଦ୍ର ସରକାରଙ୍କୁ ଟ୍ରୋଲ୍ ☞ପୃଷ୍ଠା-୪



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ(ବାମ) ଓ ଦଳର ବିହାର ସଭାପତି ସଞ୍ଜୟ ଜୟସ୍ୱାଲ୍(ଡାହାଣ) ପାଟନାରେ ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି।





# ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୨୨।୧୦**

ରେଲୱେ ଏହାର ୧୧.୫୮ ଲକ୍ଷ ଅଣ ଗେଜେଟେଡ କର୍ମଚାରୀଙ୍କୁ ବୋନସ ପ୍ରଦାନ କରିବ ବୋଲି ଘୋଷଣା କରିଛି। କର୍ମଚାରୀମାନେ ୭୮ ଦିନର ବୋନସ ପାଇବେ। କର୍ମଚାରୀଙ୍କୁ ଉତ୍ପାଦକତା ସଂଯୋଗୀ ବୋନସ(ପିଏଲ୍‌ବି) ଭାବେ ରେଲୱେ ୨,୦୮୧.୬୮ କୋଟି ଟଙ୍କା ଖର୍ଚ୍ଚ କରିବ। ବୁଧବାର କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଅଣଗେଜେଟେଡ କର୍ମଚାରୀଙ୍କୁ ବୋନସ ପ୍ରଦାନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହି କର୍ମଚାରୀଙ୍କ ମଧ୍ୟରେ ଆର୍‌ପିଏଫ୍ ଏବଂ ଆର୍‌ପିଏସ୍‌ଏଫ୍ କର୍ମଚାରୀଙ୍କୁ ସାମିଲ କରାଯାଇନାହିଁ। ପାର୍ବଣ ଅବସରରେ ପ୍ରତିବର୍ଷ କର୍ମଚାରୀଙ୍କୁ ରେଲୱେ ଏଭଳି ବୋନସ ଦେଇଥାଏ। ପାର୍ବଣ ଛୁଟି ପୂର୍ବରୁ ଏହି ନିଷ୍ପତ୍ତିକୁ ଲାଗୁ କରାଯିବାର ଯୋଜନା ରହିଛି। କର୍ମଚାରୀଙ୍କୁ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ ଦ୍ୱାରା ଖର୍ଚ୍ଚ ବଢ଼ାଇ ବଜାରରେ ଚାହିଦା ଫେରାଇ ଆଣିବା ଉପରେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

# ପୂଜାରେ ଖୋଲିବ ଆର୍‌ଟିଓ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

- ସବୁ ପରିବହନ ଅଫିସକୁ ଏସ୍‌ଟିଏର ଚିଠି
- ବିନା ରେଜିଷ୍ଟ୍ରେଶନ, ନମ୍ବର ପ୍ଲେଟରେ ଗାଡ଼ି ବିକିଲେ ଦଣ୍ଡ
- ୨୩ରୁ ୨୬ ପର୍ଯ୍ୟନ୍ତ ୱାର୍କ ଫ୍ରମ୍ ହୋମ୍
- ୨୪ ଓ ୨୬ରେ ୨ ଘଣ୍ଟା ଖୋଲିବ ରେଜିଷ୍ଟ୍ରେସନ ବିଭାଗ

ନୂଆ ଗାଡ଼ି ରେଜିଷ୍ଟ୍ରେଶନ ପାଇଁ ଦୁର୍ଗାପୂଜାରେ ଆର୍‌ଟିଓ ଅଫିସ ଖୋଲା ରହିବ। ୨୫ ତାରିଖ ରବିବାର ବ୍ୟତୀତ ୨୪ ଏବଂ ୨୬ ତାରିଖ ୨ ଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ସମସ୍ତ ଆର୍‌ଟିଓର ରେଜିଷ୍ଟ୍ରେଶନ ବିଭାଗକୁ ଖୋଲା ରଖାଯିବ। ସେହିପରି ନନ୍ ଟାକ୍ଟିକାଲ୍ ଭେହିକଲ୍(ଏନ୍‌ଟିଭି) ଯାନଗୁଡ଼ିକର ରେଜିଷ୍ଟ୍ରେଶନ ପାଇଁ ମଧ୍ୟ ଅନୁମତି ଦିଆଯିବ। ୪ ଦିନିଆ ସରକାରୀ ଛୁଟି ସମୟରେ ଏହି କାମ ଘରୁ ରହି କର୍ମଚାରୀମାନେ ଚଳାଇବେ ବୋଲି ଏସ୍‌ଟିଏ(ରାଜ୍ୟ ପରିବହନ କର୍ତ୍ତୃପକ୍ଷ) ପକ୍ଷରୁ ଗୁରୁବାର ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି।

ପୂଜା ସମୟରେ ଅଧିକ ଗାଡ଼ି ବିକ୍ରି ହେବାର ସମ୍ଭାବନା ରହିଛି। ଏସ୍‌ଟିଏ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, କୌଣସି ଡିଲର ବିନା ରେଜିଷ୍ଟ୍ରେଶନ ଏବଂ ନମ୍ବର ପ୍ଲେଟରେ ଗାଡ଼ି ବିକ୍ରି କରିପାରିବେ ନାହିଁ। ସେଥିଲାଗି ୪ ଦିନିଆ ସରକାରୀ ଛୁଟି ଦିନ ଅର୍ଥାତ୍ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ବିନା ରେଜିଷ୍ଟ୍ରେଶନରେ ଗାଡ଼ି ଗ୍ରାହକଙ୍କୁ ଯୋଗାଇବା କଷ୍ଟକର ☞ପୃଷ୍ଠା-୪

# ଭିଜା କଟକଣା କୋହଳ

## ବିଦେଶୀ ଭାରତ ଆସିପାରିବେ, ପର୍ଯ୍ୟଟକଙ୍କୁ ମନା

**ନୂଆଦିଲ୍ଲୀ,୨୨।୧୦**

ଏଣିକି ପର୍ଯ୍ୟଟକଙ୍କ ବ୍ୟତୀତ ସମସ୍ତ ବିଦେଶୀ ଭାରତକୁ ଆସିପାରିବେ। ବିଦେଶରେ ରହୁଥିବା ଭାରତର ନାଗରିକ (ଓସିଆଇ) ଏବଂ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି (ପିଆଇଓ) କାର୍ଡଧାରୀମାନଙ୍କୁ ମଧ୍ୟ ଦେଶକୁ ଆସିବା ପାଇଁ ଗୁରୁବାର କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମାର୍ଚ୍ଚ ୧୧ରେ ସମସ୍ତ ଭିଜାକୁ ବାତିଲ କରିଦେଇଥିଲେ। ସେବେଠୁ ବିଦେଶୀ ନାଗରିକମାନଙ୍କ ଭାରତକୁ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଥିଲା। କେବଳ ଓସିଆଇ କାର୍ଡ ଧାରୀଙ୍କ ଏକ ନିର୍ଦ୍ଦିଷ୍ଟ ବର୍ଗ ଓ କେତେଜଣ ନିର୍ଦ୍ଦିଷ୍ଟ ବିଦେଶୀଙ୍କୁ ଆସିବା ପାଇଁ ଅନୁମତି ରହିଥିଲା।

ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଭିଜା କଟକଣାକୁ କୋହଳ କରାଯାଇଛି। ପର୍ଯ୍ୟଟକମାନଙ୍କ ବ୍ୟତୀତ ବିଦେଶରେ ରହୁଥିବା ଅନ୍ୟ ସମସ୍ତ ନାଗରିକ ଭାରତକୁ ଆସିବା ପାଇଁ ଏଥିରେ ଅନୁମତି ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ପରିବା ଆତଙ୍କ**





# ଶିଳ୍ପ ଶ୍ରମିକଙ୍କ ଲାଗି ନୂଆ ଖାଉଟି ମୂଲ୍ୟସୂଚୀ ସିରିଜ

**ନୂଆଦିଲ୍ଲୀ,୨୨।୧୦**

ଶିଳ୍ପ ଶ୍ରମିକଙ୍କ ଲାଗି ଖାଉଟି ମୂଲ୍ୟସୂଚୀ(ସିପିଆଇ-ଆଇଡବ୍ଲ୍ୟୁ)ର ନୂଆ ସିରିଜ୍‌କୁ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହି ସିରିଜକୁ ବ୍ୟବହାର କରି ନୀତି ନିର୍ଦ୍ଧାରକମାନେ ମହଙ୍ଗା ଭତ୍ତା ନିର୍ଦ୍ଧାରଣ କରିଥାନ୍ତି। ନୂଆ ସିରିଜ୍‌ରେ ୨୦୨୦ ସେପ୍ଟେମ୍ବର ପାଇଁ ଶିଳ୍ପ ଶ୍ରମିକଙ୍କ ଲାଗି ଖାଉଟି ମୂଲ୍ୟସୂଚୀ ୧୧୮ ରହିଛି। ପୂର୍ବରୁ ସିପିଆଇର ମୂଳବର୍ଷ ୨୦୦୧ ରହିଥିବାବେଳେ ଏହାକୁ ବର୍ତ୍ତମାନ ୨୦୧୬କୁ ପରିବର୍ତ୍ତନ କରାଯାଇଛି। ପୂର୍ବର ମୂଳ ବର୍ଷକୁ ଧରିଲେ ଅଗଷ୍ଟ ମାସରେ ସିପିଆଇ ୩୩୮ ସ୍ତରରେ ରହିଥିଲା। ନୂଆ ସିରିଜ୍ ଲାଗୁ ପରେ ମହଙ୍ଗା ଭତ୍ତା ଉପରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଜଣାପଡ଼ିଛି। ସରକାରୀ କର୍ମଚାରୀ ଏବଂ ଶିଳ୍ପ ଶ୍ରମିକଙ୍କ ମହଙ୍ଗା ଭତ୍ତା ☞ପୃଷ୍ଠା-୪

# ଦୁର୍ଗମ ଅଞ୍ଚଳକୁ ବୋଟ୍ ଦେବେ ଆନନ୍ଦ ମହିନ୍ଦ୍ରା

**ମାଲକାନଗିରି, ୨୨।୧୦(ଡି.ଏନ୍.ଏ.)**

- ବିଚଳିତ କଲା ଲାଉତୁମ୍ବାରେ ନଦୀ ପାର୍ ଦୃଶ୍ୟ
- ଉପକୃତ ହେବେ ସ୍ୱାଭିମାନ ଅଞ୍ଚଳବାସୀ
- ନିଷ୍ପତ୍ତିକୁ ସ୍ୱାଗତ କଲେ ଜିଲାର ବୁଦ୍ଧିଜୀବୀ

ପାହାଡ଼ିଆ ଉଚ୍ଛୁଳା ନଈରେ ଜୀବନ ଲାଗୁଛି ବାଜି। କେତେବେଳେ ଖାଲି ହାଣ୍ଡି, ଲାଉତୁମ୍ବା ତ ଆଉ କେବେ କଦଳୀ ଗଣ୍ଡିକୁ ଆଶ୍ରା କରି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର୍ ହେଉଛନ୍ତି ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ସ୍ୱାଭିମାନ ଅଞ୍ଚଳବାସୀ। କିଛିଦିନ ତଳେ ଅଣ୍ଟାରେ ଲାଉତୁମ୍ବା ବାନ୍ଧି ୨ଜଣ ଅଙ୍ଗନୱାଡି କର୍ମୀ ନଦୀ ପାର ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଦୃଶ୍ୟ ମହିନ୍ଦ୍ରା କମ୍ପାନୀର ମାଲିକ ଆନନ୍ଦ ମହିନ୍ଦ୍ରାଙ୍କୁ ବିଚଳିତ କରିଛି। ଜିଲାର ଦୁର୍ଗମ ଇଲାକାରେ ରହୁଥିବା ଆଦିବାସୀଙ୍କ ଜଳଯାତ୍ରା ସୁଗମ କରିବା ଲାଗି ସେ ଏକ ମୋଟର ବୋଟ୍ ଯୋଗାଇ ଦେବାକୁ ଆଶ୍ୱାସନା ଦେଇଛନ୍ତି। ମହିନ୍ଦ୍ରା ନିଜର ପ୍ରତିଶ୍ରୁତି ରକ୍ଷା କଲେ ସ୍ୱାଭିମାନ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଲାଲ୍‌ଗଡ଼ ଭାବେ ପରିଚିତ ଚିତ୍ରକୋଣ୍ଡା ବ୍ଲକର ☞ପୃଷ୍ଠା-୪




ଖୋଲିଲା ଖୁସିର ଭଣ୍ଡାର
ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ର ଅପୂର୍ବ ସମ୍ଭାର
ଏହି ପାର୍ବଣଋତୁ ରେ ଆପଣ ବି ପାଇପାରିବେ
ପ୍ରତିଦିନ ୨୦ ଗ୍ରାମ
ସୁନା ଜିତିବାର ସୁବର୍ଣ୍ଣ ସୁଯୋଗ
୨୦ ଜଣ ଭାଗ୍ୟଶାଳୀ ବିଜେତା ପ୍ରତ୍ୟେକେ ଜିତି ନେଇ ପାରିବେ ୦୧ ଗ୍ରାମ କରି ସୁନା ପ୍ରତିଦିନ
ବାରିପଦା ଲକିଡ୍ର ଉଠାଣ
ଆସନ୍ତା ଦଶହରା ଦିନ (ତା-୨୬.୧୦.୨୦୨୦) ସନ୍ଧ୍ୟା ୭.୦୦ ଘଟିକା
21st October - 25th October, 2020
NOW we are present at Faridabad (DELHI-NCR) PARADEEP & BARIPADA
"NO" FOR ONLINE... "YES" FOR OFFLINE
Happy DUSSEHRA SALE
LAST 03 DAYS
ଆଶାଠାରୁ ଅଧିକ ସଫଳତା ସମ୍ଭବ ହୋଇପାରିଛି କେବଳ ବାରିପଦା ବାସୀ ଙ୍କ ପାଇଁ
ସାମାଜିକ ଦୂରତ୍ୱକୁ ବଜାଇ ରଖି ଶାନ୍ତି ଶୃଙ୍ଖଳାରେ ସହିତ ସଫଳତାର ଶୀର୍ଷରେ ପହଞ୍ଚିଥିବାରୁ ବାରିପଦା ବାସୀ ଙ୍କୁ ଗୁପ୍ତା ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା
"YES" FOR MASK "NO" FOR CORONA
UPTO 40% OFF
upto 22% CASH BACK + Extra 5% CASH BACK ON SBI CARD
OFFERS AVAILABLE AT ALL OUR 22 STORES
GUPTA FURNITURE
UPTO 60% OFF*
Available at (CDA) CUTTACK, KALAPATHAR, JAGATSINGHPUR, NIMAPADA, NAYAGARH, BALUGAON & JAJPUR TOWN
LED TV
WATER HEATER
WASHING MACHINE
MICRO OVEN
HOME APPLIANCES
Kelvinator
UP TO ₹2,000 CASHBACK* SBI card
*Min. Trxn.: ₹15,000; Max. Cashback: ₹2,000 per card account. Validity: 13 Oct - 15 Nov 2020. T&C Apply.
THE MOST PREFERRED BRAND IS OPEN IN TOWN WITH SANITIZED STORE AND ALL SAFETY SOP MEASURE.
ALL BRANDS OFFERS AVAILABLE ALONG WITH GUPTA'S OFFERS
FINANCE ALSO AVAILABLE HERE ALL CREDIT & DEBIT CARDS ACCEPTABLE
NOW ASK FOR Additional Warranty with Company Warranty
0% INTEREST EASY FINANCE
Odisha's most trusted Electronics, Home Appliances & Digital Products Dealer Since 1972
GUPTA DISTRIBUTORS
Symbol of Trust
No.1 Retail Chain Stores
LG SONY SAMSUNG Panasonic Kelvinator Godrej Whirlpool HITACHI Inspire the Next VOLTAS BLUE STAR DAIKIN BAJAJ Carrier LLOYD IFB
ONEPLUS oppo vivo SAMSUNG mi realme hp DELL ASUS acer EPSON JBL Nikon Canon
KUTCHINA LUMINOUS CARE HAVELLS Haier BOSCH AO Smith MITSUBISHI ELECTRIC Butterfly EUREKA FORBES USHA STANDARD V-GUARD GLEN KENT
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, DIGITAL STORE- Tinikonia Bagicha, Mob: 7008989313, CDA, Near Judicial Academy (Utkal Hyndai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C

# ଅବପାତ ରୂପ ନେଲା ଲଘୁଚାପ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)



## ସବୁ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ

- ଉପକୂଳବର୍ତ୍ତୀ ଜିଲାରେ ପ୍ରବଳ ବର୍ଷିବ
- ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ
- ୨୪ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଘନୀଭୂତ ହୋଇ ଅବପାତ(ଡିପ୍ରେଶନ)ରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଗଭୀର ଅବପାତ(ଡିପ୍ ଡିପ୍ରେଶନ)ରେ ପରିଣତ ହେବା ସମ୍ଭାବନା ରହିଛି। ତେବେ ଲଘୁଚାପ ବାତ୍ୟାରେ ପରିଣତ ହେବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଅବପାତ ଉତ୍ତର ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରର ପାରାଦୀପଠାରୁ ୧୫୦ କି.ମି. ଦୂରରେ ରହିଛି। ଶୁକ୍ରବାର ଅପରାହ୍ନ ସୁଦ୍ଧା ପଶ୍ଚିମବଙ୍ଗ–ବାଂଲାଦେଶ ଉପକୂଳରେ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଲଘୁଚାପ ଘନୀଭୂତ ହେଲେ ମଧ୍ୟ ଏହାର ଅଧିକ ପ୍ରଭାବ ସମୁଦ୍ର ଭିତରେ ରହିବ। ଅବପାତରେ ପରିଣତ ହୋଇ ଉପକୂଳକୁ ଆସିବ। ଏଥିଯୋଗୁ ଉପକୂଳରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ନ ଥିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାରେ କିଛି ପରିମାଣରେ ଅଧିକ ବର୍ଷା ହେବ ବୋଲି ସେ କହିଛନ୍ତି।

ଗଭୀର ଅବପାତ ଉତ୍ତର–ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ୨୩ ତାରିଖ ଅପରାହ୍ନରେ ପଶ୍ଚିମବଙ୍ଗର ସାଗର ଦ୍ୱୀପ ଏବଂ ବାଂଲାଦେଶର ଖେପୁରା ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳରେ ଘଣ୍ଟାକୁ ୫୦ରୁ ୬୦ ଏବଂ ବେଳେ ବେଳେ ୭୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ୨୪ ତାରିଖରେ ଏହା ଡିପ୍ରେଶନରେ ପରିଣତ ହୋଇ ଦୁର୍ବଳ ହୋଇଯିବ। ଲଘୁଚାପକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ପୁରୀ, ଚାନ୍ଦବାଲିରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

ଲଘୁଚାପ ଘନୀଭୂତ ହେଉଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଏହାଛଡ଼ା ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ଯାଜପୁର ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୪ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଲଘୁଚାପ ଅବପାତ ରୂପ ନେଉଥିବାରୁ ଜିଲାପାଳଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ତଳିଆ ଅଞ୍ଚଳ ପାଣିରେ ବୁଡ଼ିଯିବା ସମ୍ଭାବନା ରହିଛି। କଚ୍ଚାଘର ଭାଙ୍ଗିବା ସହ ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ସମ୍ଭାବନା ରହିଛି। ସେଥିପ୍ରତି ଦୃଷ୍ଟି ରଖିବାକୁ ପରାମର୍ଶ ଦିଆଯାଇଛି। ଅଗ୍ନିଶମ ବାହିନୀକୁ ମଧ୍ୟ ପରିସ୍ଥିତିର ମୁକାବିଲା ପାଇଁ କୁହାଯାଇଛି।

ଲଘୁଚାପ ଯୋଗୁ ଗତ ୨୪ ଘଣ୍ଟା ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ୭୧ ମିଲିମିଟର ବର୍ଷା ହୋଇଥିବା ବେଳେ ଚାନ୍ଦବାଲି ୫୯.୮, କଟକ ୧୧.୪, ଭୁବନେଶ୍ୱର ୧୫.୯, ପୁରୀ ୧୮, ଗୋପାଳପୁର ୧୮.୧, ଛତ୍ରପୁର ୧୫ ଏବଂ ପାରଳାଖେମୁଣ୍ଡିରେ ୧୦.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




# ଛତରଯାତ୍ରାରେ ବଳି ନିଷିଦ୍ଧ

**ଭବାନୀପାଟଣା,୨୨।୧୦(ଡି.ଏନ୍.ଏ.):** କଳାହାଣ୍ଡି ଜିଲାରେ ଚଳିତ ବର୍ଷ ଦଶହରା ଏବଂ ଛତର ଯାତ୍ରାରେ କୋଭିଡ୍ ନିୟମ ପାଳନ କରାଯିବ । ଏଥିପାଇଁ ପ୍ରଶାସନ ପକ୍ଷରୁ ନିୟମାବଳୀ ଜାରି କରାଯାଇଛି। ଆସନ୍ତା ୨୪ ତାରିଖରେ ମା'ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହେବ। ଏଥର ପଶୁ ଓ ପକ୍ଷୀ ବଳିକୁ ନିଷିଦ୍ଧ ଘୋଷଣା କରାଯାଇଛି। ଛତର ଯାତ୍ରା ସମୟରେ ଭବାନୀପାଟଣା ସହରରେ ୧୪୪ ଧାରା ଜାରି ହେବ। କେବଳ ଜରୁରୀ ସେବା କିମ୍ବା ଡାକ୍ତରୀ ସେବା ପାଇଁ ସହରକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଅନ୍ୟ କୌଣସି କାମ ପାଇଁ ଜନସାଧାରଣ ସହରକୁ ପ୍ରବେଶ କରି ପାରିବେ ନାହିଁ। ସେହିପରି ଦୁର୍ଗା ପୂଜାରେ ସର୍ବସାଧାରଣ ଭାଗ ନେଇପାରିବେ ନାହିଁ। କିମ୍ବା ମାନସିକଧାରୀମାନେ ବଳି ଦେଇ ପାରିବେ ନାହିଁ। କୌଣସି ପୂଜା କମିଟି ଏହି ନିର୍ଦ୍ଦେଶବଳୀ ଅବମାନନା କଲେ କର୍ମକର୍ତ୍ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତଥା ୧ ଲକ୍ଷ ଟଙ୍କା ଜରିମାନା କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।









**ଆଜିର ମନ୍ତବ୍ୟ**
"ଭାରତରେ ମହିଳାମାନଙ୍କୁ ଦେବୀ ଦୁର୍ଗାଙ୍କ ଭଳି ସମ୍ମାନ ଦିଆଯିବା ଜରୁରୀ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ୨ ଆତଙ୍କବାଦୀଙ୍କ ଆତ୍ମସମର୍ପଣ

ଶ୍ରୀନଗର,୨୨।୧୦: ଜମ୍ମୁ-କଶ୍ମୀରର ବାରାମୁଲା ଜିଲାରେ ସୁରକ୍ଷାବଳର ଅପରେଶନ ବେଳେ ୨ ଆତଙ୍କବାଦୀ ଆତ୍ମସମର୍ପଣ କରିଛନ୍ତି। ସୋପୋରର ତୁଜ୍ଜର ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନ ଚଳାଇଥିବାବେଳେ ଏହି ଦୁଇ ଆତଙ୍କବାଦୀ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଉଭୟେ ସୋପୋର ବାସିନ୍ଦା। ଜଣଙ୍କ ବୟସ ୨୦ ଓ ଅନ୍ୟ ଜଣଙ୍କ ୨୧ ବର୍ଷ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାହିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଛ ଧରୁଛନ୍ତି ପୂର୍ବତନ ବିଧାୟକ

**ମାଲକାନଗିର, ୨୨।୧୦(ଡି.ଏନ୍.ଏ.)**

**କରୋନା ବଦଳାଇଛି ଜୀବନଧାରା**

ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ବିଧାୟକ ଥିବା ସମୟରେ ଚାଷବାସ କଥାକୁ ଭୁଲିଯାଇ ଲୋକଙ୍କ ସେବା ଏବଂ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ। ବର୍ତ୍ତମାନ ସେ ଜିଲା ବିକାଶ ପରିଷଦ ଅଧ୍ୟକ୍ଷ ଅଛନ୍ତି। ତେବେ ମାର୍ଚ୍ଚରୁ କରୋନା ମାହାମାରୀ ଜିଲାରେ ବ୍ୟାପିବାରୁ ଏବେ ସେ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବା ସହ ନିଜର ପୈତୃକ ଚାଷ ଜମିରେ ଚାଷ କରିବାକୁ ମନ ବଳାଇଛନ୍ତି। ୫ଟି ପୋଖରୀ ଖୋଳି ମାଛ ଚାଷ କରୁଛନ୍ତି। ବ୍ୟବସାୟୀମାନେ ମାଛ ନେବାକୁ ତାଙ୍କ ପୋଖରୀ ନିକଟରେ ଭିଡ ଜମାଉଛନ୍ତି। ମାଡକାମୀ ନିଜେ ମାଛ ଧରି ସେମାନଙ୍କୁ ଦେଉଛନ୍ତି। ପ୍ରତିଦିନ ପୋଖରୀରେ ମାଛଙ୍କୁ ଖାଦ୍ୟ ଦେବା ସହ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଔଷଧ ଦେଉଛନ୍ତି। ପୋଖରୀ ଚାରିପଟେ ବିଭିନ୍ନ ଫଳ ଗଛ ଲଗାଇଛନ୍ତି ସେ। ହଂସ ଓ କୁକୁଡା ମଧ୍ୟ ପାଳିଛନ୍ତି। ରାଜନୀତି ମୋର ପେସା ନୁହେଁ, ଚାଷ ମୋ କୁଳ ବେଉସା ବୋଲି ମାଡକାମୀ କହିଛନ୍ତି।


ନିଜ ପୋଖରୀରୁ ମାନସ ମାଡକାମୀ ମାଛ ଧରୁଛନ୍ତି।


ଭଙ୍ଗାକାନ୍ଥରେ ଅଙ୍କାଯାଇଥିବା ଫଟୋଚିତ୍ର।

# ଭଙ୍ଗାକାନ୍ଥରେ ୱାଲ୍‌ପେଣ୍ଟିଂ

**ନୟାଗଡ଼ ଅଫିସ,୨୨।୧୦**

ପ୍ରଶାସନ ପକ୍ଷରୁ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ କାନ୍ଥ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁରହିଛି। ତେବେ କିଛି ସ୍ଥାନରେ ଭଙ୍ଗା କାନ୍ଥରେ ୱାଲ୍‌ପେଣ୍ଟିଂ କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ନୟାଗଡ଼ ଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ପ୍ରାଚୀର ଭାଙ୍ଗିଯାଇଥିଲା। ଏହା ଏଯାବତ ମରାମତି ହୋଇପାରି ନାହିଁ। ଏଭଳିସ୍ଥଳେ ମନ୍ଦିର ଦକ୍ଷିଣପାର୍ଶ୍ୱ ପ୍ରାଚୀରରେ ୱାଲ୍‌ପେଣ୍ଟିଂ କରାଯାଉଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଚୀରରେ ଫଟୋଚିତ୍ର ଶୋଭାପାଉଛି। କିନ୍ତୁ କିଛି ପ୍ରାଚୀର ନଷ୍ଟ ହୋଇଯାଇଥିଲେ ମଧ୍ୟ ତାକୁ ପ୍ରାଧାନ୍ୟ ଦିଆଯାଉନି। ଜିଲାର ବିଭିନ୍ନ ସ୍ଥାନରେ ପ୍ରାଚୀର ନଷ୍ଟ ହୋଇ ରହିଛି।

ଲୋକଙ୍କୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଜିଲା ଓ ରାଜ୍ୟ ଐତିହ୍ୟର ଫଟୋଚିତ୍ର ଏହି ପ୍ରାଚୀରରେ କରାଯାଉଛି। କାନ୍ଥ ସୌନ୍ଦର୍ଯ୍ୟକରଣ ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ପେଣ୍ଟରମାନେ ବି ରୋଜଗାର ପାଇଥାନ୍ତି। କିନ୍ତୁ ପେଣ୍ଟିଂ ପୂର୍ବରୁ ପ୍ରାଚୀର କେତେ ସୁରକ୍ଷିତ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ଯଦି ଏହା ଭୁଶୁଡ଼ିପଡେ ତେବେ ଫଟୋଚିତ୍ର କରି ଲାଭ କ'ଣ ବୋଲି ପ୍ରଶ୍ନ ଉଠୁଛି। ଭାଙ୍ଗିଥିବା କାନ୍ଥରେ ୱାଲପେଣ୍ଟିଂ ସରକାରୀ ଅନୁଦାନ ଅପବ୍ୟୟ ବୋଲି କୁହାଯିବ। ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଆମେ ଅନୁଧ୍ୟାନ କରିବୁ। ଯଦି କାନ୍ଥ ବିପଦସଙ୍କୁଳ ଥାଏ ଆଉ ଚିତ୍ର କରିବୁ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ଟିକା ନାହିଁ,...

କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଏବେ କେନ୍ଦ୍ର ସରକାର ଭାରତର କୋଭିଡ୍ ପରିଚାଳନା ରଣନୀତି ଘୋଷଣା କରିଛନ୍ତି। ଆଗକୁ ଏହି ରଣନୀତି ରାଜ୍ୟଓ୍ୱାରି ନିର୍ବାଚନ ତାରିଖ ଉପରେ ନିର୍ଭର କରିବ। ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଟୁଇଟରରେ ଲେଖିଛନ୍ତି, ତୁମେ ମୋତେ ଭୋଟ ଦିଅ, ମୁଁ ତୁମକୁ ଭାକ୍ସିନ ଦେବି'। ଏପରି ବିଭେଦପୂର୍ଣ୍ଣ ନିବେଦନକୁ ନେଇ ଭାଜପା ବିରୋଧରେ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଥରୁର ଦାବି କରିଛନ୍ତି। ସେହିପରି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ପ୍ରଶ୍ନ କରିଛନ୍ତି ଯେ, ଭାଜପା କ'ଣ ନିଜ ଟ୍ରେଜେରିରୁ ଭାକ୍ସିନ ଦେବ? ଯଦି ଏହା ସରକାରୀ ରାଜକୋଷରୁ ଆସିବ ତେବେ ବିହାରକୁ ମାଗଣାରେ ଟିକା ଦିଆଯିବ। ମାତ୍ର ଦେଶର ଅନ୍ୟ ଭାଗର ଲୋକେ ଏହାକୁ ଟଙ୍କା ଦେଇ କିଣିବେ? କୋଭିଡ୍ ଭୟକୁ ନେଇ ଏହା ଏକ ଲଜ୍ଜାଜନକ ଶୋଷଣ ବୋଲି ଓମାର ଟୁଇଟ୍ କରିଛନ୍ତି।

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମଧ୍ୟ ଭାଜପାକୁ ସମାଲୋଚନା କରିଛି। ବିହାରର ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡିର ରାଜ୍ୟ ସଭା ସଦସ୍ୟ ମନୋଜ ଝା କହିଛନ୍ତି, ବିଶ୍ୱରେ ଭାଜପା ହେଉଛି ପ୍ରଥମ ପାର୍ଟି, ଯିଏ କେବଳ ଗୋଟିଏ ରାଜ୍ୟରେ ମାଗଣାରେ କରୋନା ଟିକା ଦେବାକୁ ଘୋଷଣା କରିଛି। ଆଇସିଏମ୍‌ଆର୍ ତତ୍ତ୍ୱାବଧାନରେ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଭାକ୍ସିନ ଉଦ୍ଭାବନ ପାଇଁ ଗବେଷଣା କରୁଥିବାବେଳେ ମୋଦି ସରକାର ଏହାର ସାବାସି ନେବାକୁ ଉଦ୍ୟମ କରୁଛନ୍ତି।

ଅନ୍ୟପକ୍ଷରେ ଭାଜପାର ନିର୍ବାଚନୀ ଇସ୍ତାହାର ଜାରି ହେବାର କିଛି ସମୟ ପରେ ତାମିଲନାଡୁରେ କ୍ଷମତାସୀନ ଏହାର ସହଯୋଗୀ ଏଆଇଏଡିଏମ୍‌କେ ସରକାର ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି। ତାମିଲନାଡୁରେ ଆସନ୍ତା ବର୍ଷ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ଇ. ପାଲାନିସ୍ୱାମୀ କହିଛନ୍ତି, କୋଭିଡ୍-୧୯ ଭାକ୍ସିନ ପ୍ରସ୍ତୁତ ହୋଇଗଲେ ରାଜ୍ୟର ସମସ୍ତ ଲୋକଙ୍କୁ ଏହା ବିନା ମୂଲ୍ୟରେ ବଣ୍ଟାଯିବ।

## ପୂଜାରେ ଖୋଲିବ...

ବ୍ୟାପାର। ତେଣୁ ଆର୍‌ଟିଓ ଅଫିସର ରେଜିଷ୍ଟ୍ରେଶନ ବିଭାଗ ୨୪ ଏବଂ ୨୬ ତାରିଖରେ ଖୋଲା ରହିବ। ଏହି ସମୟରେ ଆବଶ୍ୟକ କାଗଜପତ୍ର ଗ୍ରହଣ କରି ଗାଡ଼ି ନମ୍ବର ଯୋଗାଇ ଦିଆଯିବ। ଅଧିକାରୀମାନେ ରୋଷ୍ଟର ଡ୍ୟୁଟି କରିବେ। ନିଜ ଅଞ୍ଚଳର ଡିଲରମାନଙ୍କୁ ଏ ବାବଦରେ ଅଧିକାରୀମାନେ ଅବଗତ କରାଇବେ। ରେଜିଷ୍ଟ୍ରେଶନ ବ୍ୟବସ୍ଥା ସରଳ କରିବାକୁ ଅଧିକାରୀମାନେ ଘରେ ରହି କାର୍ଯ୍ୟ କରିପାରିବେ। ଯେପରି ଡିଲରମାନେ ନିୟମ ଉଲ୍ଲଂଘନ ନ କରନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ। ଯଦି କୌଣସି ଡିଲର ଏଭଳି କରନ୍ତି ତାଙ୍କ ଟ୍ରେଡ୍ ଲାଇସେନ୍ସ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଶିଳ୍ପ ଶ୍ରମିକଙ୍କ ଲାଗି...

ନିର୍ଦ୍ଧାରଣ କରିବାରେ ଏହି ସିରିଜ୍ ଡାଟା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମୁଦ୍ରାସ୍ଫୀତିକୁ ବିଚାର କରି ମହଙ୍ଗା ଭତ୍ତା(ଡିଏ)ରେ ପରିବର୍ତ୍ତନ କରାଯାଇଥାଏ। ସେହିଭଳି ନ୍ୟୁନତମ ବେତନ ଧାର୍ଯ୍ୟ ଏବଂ ପରିବର୍ତ୍ତନ କ୍ଷେତ୍ରରେ ଏହି ସିରିଜ୍ ଡାଟାକୁ ବିଚାର କରାଯାଏ। ସେହିଭଳି ଅଗଷ୍ଟ ୨୦୨୧ ସୁଦ୍ଧା କୃଷି ଏବଂ ଗ୍ରାମାଞ୍ଚଳ ଶ୍ରମିକଙ୍କ ଲାଗି ସିପିଆଇ ମୂଳ ବର୍ଷକୁ ପରିବର୍ତ୍ତନ କରିବା ଲାଗି ଶ୍ରମ ମନ୍ତ୍ରଣାଳୟ ଲେବର ବ୍ୟୁରୋକୁ କହିଛି। ନୂଆ ଶ୍ରମ କୋଡ୍‌କୁ ନଜରରେ ରଖି ବ୍ୟୁରୋ ପକ୍ଷରୁ ଡାଟା ସଂଗ୍ରହ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଦୁର୍ଗମ ଅଞ୍ଚଳକୁ...


ଆନନ୍ଦ ମହିନ୍ଦ୍ରା

ସ୍ୱାଭିମାନ ଅଞ୍ଚଳକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଗୁରୁପ୍ରିୟା ସେତୁ ଉଦ୍‌ଘାଟନରେ ପରେ ଅନେକ ସ୍ଥାନକୁ ଗମନାଗମନ ସୁଗମ ହୋଇଛି। ତଥାପି ଆଭ୍ୟନ୍ତରୀଣ ଅଞ୍ଚଳବାସୀ ଏବେ ବି ଯାତାୟାତରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷାଦିନେ ପାହାଡ଼ିଆ ନଦୀଗୁଡ଼ିକ ଫୁଲିଲେ ପ୍ରଖର ସ୍ରୋତ ପାର ହେବା ଲାଗି ଜୀବନକୁ ବିପଦରେ ପକାଉଛନ୍ତି।

କିଛିଦିନ ତଳେ ସ୍ୱାଭିମାନ ଅଞ୍ଚଳ ଅଧୀନ ରାଲେଗେଡ଼ା ପଞ୍ଚାୟତର ନେରୁଡୁପାଲି ନଦୀ ନିକଟରୁ ଏକ ସ୍ପର୍ଶକାତର ଚିତ୍ର ପଦାକୁ ଆସିଥିଲା। କର୍ତ୍ତବ୍ୟ ପାଳନ କରିବାକୁ ଯାଇ କେତେଜଣ ଅଙ୍ଗନୱାଡି କର୍ମୀ ଏବଂ ଶିକ୍ଷକ ଅଣ୍ଟାରେ ଲାଉତୁମ୍ବା ବାନ୍ଧି ନଦୀପାର ହୋଇ ରାଲେଗେଡ଼ା ଯାଉଥିବା ଦୃଶ୍ୟ ଅନେକଙ୍କୁ ବିଚଳିତ କରିଥିଲା। ସୁଆପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ପ୍ରମିଳା ପାଙ୍ଗୀ ଏବଂ ନେରୁଡୁପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ହେମଲତା ଶିଶା ଅଣ୍ଟାରେ ଲାଉତୁମ୍ବା ବାନ୍ଧି ନେରୁଡୁପାଲି ନଦୀ ପାର ହୋଇ ଲୋକଙ୍କୁ ସେବା ଯୋଗାଉଥିବା ଦୃଶ୍ୟ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହା ଆନନ୍ଦ ମହିନ୍ଦ୍ରାଙ୍କୁ ନଜରକୁ ଆସିବା ପରେ ସେ ଉକ୍ତ ଅଞ୍ଚଳ ପାଇଁ ଏକ ମୋଟର ବୋଟ୍ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବୋଟ୍ ମିଳିଲେ ସରକାରୀ କର୍ମଚାରୀଙ୍କ ସମେତ ଜନସାଧାରଣ ସୁବିଧାରେ ନଦୀ ପାର ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ମହିନ୍ଦ୍ରାଙ୍କ ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।


ଅଣ୍ଟାରେ ଲାଉତୁମ୍ବା ବାନ୍ଧି ୨ ଅଙ୍ଗନୱାଡିକର୍ମୀ ନଦୀ ପାର ହେବା ଦୃଶ୍ୟ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣ ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିବେ। ଅବଶ୍ୟ ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ।

**ବୃଷ**
ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଅତ୍ୟନ୍ତଖୁସୀ ହୋଇଯିବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ।

**ମିଥୁନ**
ଆଜିର ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡିଯାଇ ପାରନ୍ତି। ପାରିବାରିକ କ୍ଷେତ୍ରରେ ଗତକାଲିର କଳିତକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି।

**କର୍କଟ**
ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକ ମାନଙ୍କ ତରଫରୁ ସହଯୋଗ ପାଇବେ। ଅସ୍ୱାଭାବିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକପ୍ରକାର ଖୁସୀ ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ।

**ସିଂହ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ଆଜି ହିଁ ଶେଷ କରିବାକୁ ମନସ୍ଥ କରି ସଫଳତା ହାସଲ କରିପାରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା**
କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ,ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା**
ଆପଣ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟି ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ।

**ବିଛା**
କର୍ମବ୍ୟସ୍ତତା ମଧ୍ୟରେ ଦିନସାରା ଟେନ୍ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ଧନୁ**
ପାରିବାରିକ କଳହ, କଚେରି ମାମଲାର ଟେନ୍ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ପ୍ରକାଶନ, ପ୍ରଶାସନ,ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ରାସ୍ତାରେ ଅପରିଚିତ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ମକର**
ଶାରୀରିକ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢିବ।

**କୁମ୍ଭ**
ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ**
ଆଜି ପରିବାର କଥାନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଶିଳ୍ପ, ପରିବହନ, ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ପୀଠେ ଓ ଶ୍ରୀମନ୍ଦିରରେ ମହାଷ୍ଟମୀ ପୂଜା, ମୃଣ୍ମୟୀ ଦେବୀଙ୍କର ସପ୍ତମୀ ପୂଜା, ଭାଇଜିଉନ୍ତିଆ, ଅକ୍ଟୋବର ୨୩ ତାରିଖ, ଶୁକ୍ରବାର, ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୭ମି. ଗତେ ଘ.୦୬.୩୩ମି. ମଧ୍ୟେ, ଘ.୦୭.୧୯ମି. ଗତେ ଘ.୦୯.୩୬ମି. ମଧ୍ୟେ, ଘ.୧୧.୫୩ମି. ଗତେ ଘ.୦୨.୫୬ମି. ମଧ୍ୟେ ଘ.୦୩.୪୨ମି. ଗତେ ଘ.୦୫.୧୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୪ମି. ଗତେ ଘ.୦୯.୨୫ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୧.୩୬ମି. ମଧ୍ୟେ, ଘ ୦୨.୨୭ମି. ଗତେ ଘ.୦୪.୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Honda Activa 125 CC, 2017 model in excellent condition- 9861364605 D-69927




**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**Ready to move flat for sale in a big lifestyle apartment near Airport, Sunderpada, Bhubaneswar. 9938569014, 9861433014.** D-18653

**Well developed 30'road, ଘରବାରୀ, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner- 9437033320.** D-69181

Residential plot at Sundarpada, Patia, Pathergadia & lowcost Farmhouse available. 8328811411, 9437968618. D-69187

**ଭୁବନେଶ୍ୱର NH-16 ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368.** D-69180

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita- 6370476317 D-69188

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner- 9090963952** D-69192

**BDA yellowzone commercial/ residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/- 9040033905, 9556492580, 6370719477.** D-69167

Booking open for BDA Layout approved 3BHK duplex within gated community near ITER College Jagamara, Bhubaneswar. 9861616986 D-67576

**Plot sale near AIIMS Hospital Bhubaneswar with 30' Road. 9439206202** D-69190

Gharabari Individual (1500, 2200)sqft. plot sale Pahal, Hanspal, Rasulgarh for immediate Housing. Details- 9040605900 (ବିଷ୍ଣୁ) D-18700

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**PURCHASE**

Land requires for plotting project in around, Bhubaneswar. 9937816565, 9937568585 D-18649

**GENERAL**

**PURCHASE**

**We buy old gold, land, building. Please contact Hindustan-Jewellers 9437033691** D-68386




Well furnished single room Balcony Puja room, Mausima Temple. 9338058332 D-69569

**Godown space available near Puri bypass area 18000/-, open space 15000/-. 9938125254** D-18598

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Refreshing your mind & body with best therapy at Lotus Spa. 8018234866 D-69565

Refreshing your mind body with best Panchakarma Therapy, Bhubaneswar. 8763725072 D-18705

Herbal full body massage by smart / expert therapist. Contact: 8338067247. D-69787

Get refreshment body massage by expert therapist contact for 7205084157. D-69791




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ୨୨ ଦିନରେ ଗଲାଣି ୩୫୪ ଜୀବନ

- ପୁଣି ୧୯୧୩ ପଜିଟିଭ୍, ୧୫ ମୃତ, ୨,୧୨୮ ସୁସ୍ଥ
- ୭ ଜିଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମଣ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ରାଜ୍ୟରେ ହ୍ରାସ ପାଉଥିବା ଦୈନିକ ସଂକ୍ରମଣ ଆଶ୍ୱସ୍ତି ଦେଉଥିବାବେଳେ ମୃତ୍ୟୁ ସଂଖ୍ୟା ଚିନ୍ତା ବଢ଼ାଇଛି। ଅଗଷ୍ଟରେ ୩୧୫ଜଣ ଓ ସେପ୍ଟେମ୍ବରରେ ୩୫୦ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ତେବେ ଅକ୍ଟୋବରରେ ଆହୁରି ଘାତକ ସାଜିଛି ଏହି ମହାମାରୀ। ମାତ୍ର ୨୨ ଦିନରେ ୩୫୪ଜଣଙ୍କ ଜୀବନ ନେଇଥିବାବେଳେ ବାକି ୯ଦିନରେ ୫ଶହ ପାଖାପାଖି ପହଞ୍ଚି ଯାଇଥିବ ବୋଲି ଅନୁମାନ କରାଯାଉଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୧୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମୟୂରଭଞ୍ଜ ଓ ଅନୁଗୋଳରୁ ୩ଜଣ ଲେଖାଏ, ଖୋର୍ଦ୍ଧା (ଭୁବନେଶ୍ୱର), ଢେଙ୍କାନାଳ ଓ ସୁବର୍ଣ୍ଣପୁରରୁ ୨ଜଣ ଲେଖାଏ, ପୁରୀ, ସୁନ୍ଦରଗଡ଼ (ରାଉରକେଲା) ଓ କଟକରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୧୧୯୬କୁ ବୃଦ୍ଧିପାଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୨୨୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧାରୁ ୨୦୩ ଜଣ ଓ କଟକରୁ ୧୦୪ଜଣ ପ୍ରାଣ ହରାଇଛନ୍ତି। ସେହିଭଳି ରାଜ୍ୟରେ ଆଉ ୧୯୧୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୨୫୪ଜଣ ରହିଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୧୫୦, ଅନୁଗୋଳରୁ ୧୦୬ ଓ ବାକି ଜିଲାରୁ ୧୦୦ରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତ ସଂଖ୍ୟା ୨,୭୬,୦୯୪ରେ ପହଞ୍ଚିଛି। ବର୍ତ୍ତମାନ ୭ ଜିଲାରେ କରୋନା ସଂକ୍ରମଣ ୧୦ ହଜାରରୁ ଅଧିକ ରହିଛି। ଖୋର୍ଦ୍ଧା ଶୀର୍ଷରେ ଥିବାବେଳେ ଏହା ତଳକୁ କଟକ, ଗଞ୍ଜାମ, ପୁରୀ, ମୟୂରଭଞ୍ଜ, ଯାଜପୁର ଓ ସୁନ୍ଦରଗଡ଼ ରହିଛି। ସେହିଭଳି ମୃତ୍ୟୁ ସଂଖ୍ୟାରେ ମଧ୍ୟ ଏସବୁ ଜିଲା ଆଗରେ ରହିଛି। ମୋଟ ମୃତକଙ୍କ ମଧ୍ୟରୁ ଏହି ୭ ଜିଲାରୁ ୭୩୦ଜଣ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ପୁଣି ୨,୧୨୮ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୨,୫୭,୦୪୧ ଛୁଇଁଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।


## ସର୍ବସାଧାରଣ ବିଜ୍ଞପ୍ତି



ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ
**ଶ୍ରୀ ଦେବାଶିଷ ଦାଶ**
ପିତା- ଶ୍ରୀ ଦୁର୍ଗା ଚରଣ ଦାଶ
ଆଧାର ନମ୍ବର: ୮୮୬୦-XXXX-୪୦୫୭
ପ୍ୟାନ୍ ନମ୍ବର: ଏପିକେXXXX୭୩ଜି

ଶେଷ ଜ୍ଞାତ ବାସସ୍ଥାନ ଓଡ଼ିଶା ତଥା ଆମ କମ୍ପାନୀର ପୂର୍ବତନ କର୍ମଚାରୀ ସର୍ବସାଧାରଣଙ୍କଠାରୁ ବୀମା ପ୍ରିମିୟମ୍(ଗୁଡ଼ିକ) ଜମା କରିବା ଏବଂ କେତେକ ନକଲି ଫାଇନାନ୍ସିଆଲ୍ ସ୍କିମ୍‌ରେ ନିବେଶ କରି ଉଚ୍ଚ ନିବେଶ ରିଟର୍ନ(ଗୁଡ଼ିକ) ଯୋଗାଇଦେବାର ବାହାନାକରି ନଗଦ/ଏନ୍ଇଏଫ୍‌ଟି/ଆର୍‌ଟିଜିଏସ୍/ଡିଡି ଇତ୍ୟାଦି ଆକାରରେ ଟଙ୍କା ସଂଗ୍ରହ କରୁଛନ୍ତି ଓ ଏହି ଉପାୟରେ ସେ ଠକାମି, ଜାଲ୍‌ସାଜି, ବିଶ୍ୱାସ ଭଙ୍ଗ, ଟଙ୍କା ହଡ଼ପ ଇତ୍ୟାଦି ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି।
କଥିତ ପ୍ରବଞ୍ଚକ ନିଜକୁ ଆମ କମ୍ପାନୀରେ କର୍ମଚାରୀ ପ୍ରତିନିଧି ହୋଇଥିବାର ଦାବି କରୁଛନ୍ତି ଏବଂ ନିରୀହ ଜନସାଧାରଣଙ୍କୁ ଜାଲ୍ ଟଙ୍କା ରସିଦ୍ ଜାରି କରୁଛନ୍ତି । ଦୟାକରି ଧ୍ୟାନରେ ରଖନ୍ତୁ ଯେ ଆମ କମ୍ପାନୀ/ସହଯୋଗୀ/କର୍ମଚାରୀମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏପରି ବେଆଇନ କାର୍ଯ୍ୟକଳାପ(ଗୁଡ଼ିକ)ରେ ଜଡ଼ିତ ନୁହନ୍ତି । ତେଣୁ, ଦେବାଶିଷ ଦାଶଙ୍କ ସହିତ କାରବାର କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାଙ୍କ ନିଜସ୍ୱ ଦାୟିତ୍ୱରେ କାରବାର କରୁଛନ୍ତି ଏବଂ ଏଥିପାଇଁ ଆମ କମ୍ପାନୀ ଦାୟୀ/ଉତ୍ତରଦାୟୀ ରହିବ ନାହିଁ । ଆମ କମ୍ପାନୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରେ।
ଦେବାଶିଷ ଦାଶ ଓ ତାଙ୍କ ଅବସ୍ଥିତି ସମ୍ପର୍କରେ ଯଦି କାହା ନିକଟରେ କୌଣସି ସୂଚନା ଥାଏ, ତେବେ ଦୟାକରି ନିମ୍ନଦର୍ଶିତ ଠିକଣାରେ ଆମ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମକୁ ଲେଖନ୍ତୁ। ସମ୍ପର୍କିତ ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ରୂପେ ପୁରସ୍କୃତ କରାଯିବ।

ମେସର୍ସ ବଜାଜ କ୍ୟାପିଟାଲ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିଃ
ମେଜାନାଇନ୍ ଫ୍ଲୋର୍, ବଜାଜ ହାଉସ୍, ୯୭, ନେହରୁ ପ୍ଲେସ୍, ନୂଆଦିଲ୍ଲୀ-୧୧୦୦୧୯
ଟୋଲ୍ ଫ୍ରି ନଂ.:- ୧୮୦୦-୩୧୩-୧୨୩-୧୨୩


# ସବୁ କାର୍ଯ୍ୟ ଅନ୍‌ଲାଇନ୍‌ରେ ହେବ

- ଯୋଗାଣ ବିଭାଗରେ ସ୍ୱଚ୍ଛତା ଲକ୍ଷ୍ୟ
- ୫-ଟି କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ
- ବ୍ୟାପକ ସଚେତନତା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)



ଭିଡିଓ କନଫରେନ୍ସ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଯୋଗାଣ ବିଭାଗ ଅନ୍‌ଲାଇନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ରାଶନ କାର୍ଡଠାରୁ ଆରମ୍ଭ କରି ଧାନ ସଂଗ୍ରହ ପଞ୍ଜୀକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍‌ରେ ହେବ। 'ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା। ଜଣେ ବି ଗରିବ ଲୋକଙ୍କୁ ଏଥିରୁ ବଞ୍ଚିତ ହେବାକୁ ଦେବି ନାହିଁ' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ବିଚାରଧାରାକୁ କାର୍ଯ୍ୟରେ ପରିଣତ କରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଧାନ ସଂଗ୍ରହ ପଞ୍ଜୀକରଣଠାରୁ ଆରମ୍ଭ କରି ରାଶନ କାର୍ଡ ଆବେଦନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍‌ରେ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସରେ ଏହାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛତା ଓ ଦକ୍ଷତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସହିତ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡ଼ିଥିବା ୨୫ ଲକ୍ଷ ଲୋକଙ୍କୁ ଏଥିରେ ସାମିଲ କରିଛନ୍ତି। ସାଢ଼େ ୩ କୋଟିରୁ ଅଧିକ ଲୋକ ଏହି ବିଭାଗ ସହିତ ସିଧାସଳଖ ଯୋଡି ହୋଇ ରହିଛନ୍ତି। ଲୋକ ଯେପରି ଠିକ୍ ସୁଯୋଗ ପାରିବେ ସେଥିପାଇଁ ଅନ୍‌ଲାଇନ୍ ବ୍ୟବସ୍ଥାରେ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମାସକ ମଧ୍ୟରେ କେତେ ଲୋକ ଏହି ସୁବିଧା ବ୍ୟବହାର କଲେ ସେ ସମ୍ପର୍କରେ ଜଣାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଦିଗରେ ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି । ଏକ ପୁସ୍ତକ 'ମେକିଂ ଅଫ୍ ଏ ଫୁଡ୍ ସିକ୍ୟୁଅର ଓଡ଼ିଶା'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ସୂଚନାଯୋଗ୍ୟ, ବିଭାଗ ପକ୍ଷରୁ ୪ସେବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକ ହେଲା ଧାନ କ୍ରୟ ପାଇଁ ପଞ୍ଜୀକରଣ, ରାଶନ କାର୍ଡ ଲାଗି ଆବେଦନ ଏବଂ ସଂଶୋଧନ, ସୁଲଭ ମୂଲ୍ୟ ଦୋକାନ ନିମନ୍ତେ ଲାଇସେନ୍ସ ଫି' ପ୍ରଦାନ ଓ ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ଦ୍ୱାରା ଖାଦ୍ୟଶସ୍ୟ ମୂଲ୍ୟ ପ୍ରଦାନ। ଏହି ସୁବିଧାଗୁଡ଼ିକ www.foododisha.inରେ ନାଗରିକ ସେବା ଲିଙ୍କ୍‌ରେ ଉପଲବ୍ଧ ହେବ। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୫-ଟିରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ। ଅନ୍‌ଲାଇନ୍ ସେବାଗୁଡ଼ିକ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସଚିବ ଭି.ଭି. ଯାଦବ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସଚିବ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା, କୃଷି ସଚିବ ସୌରଭ ଗର୍ଗ, ଅର୍ଥ ସଚିବ ଏ.କେ. ମୀନା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।






# ଜେଜେ ପ୍ରେରଣାର ଉତ୍ସ

**ପୂର୍ବତନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଶତବାର୍ଷିକ ଉଦ୍ଦେଶ୍ୟରେ...**



ଜନ୍ମ ୨୩.୧୦.୧୯୨୦
ମୃତ୍ୟୁ ୧୫.୦୩.୧୯୯୩

ମୋର ସ୍ୱର୍ଗତ ଜେଜେବାପା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି ଥିଲେ ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ଆଧ୍ୟାତ୍ମିକ ବିଚାରସମ୍ପନ୍ନ ମଣିଷ। ତାଙ୍କର ରାଜନୈତିକ ଜୀବନ ଥିଲା ଜଣେ ନିଷ୍ଠାପର ସମାଜସେବୀର ଜୀବନ। ତାଙ୍କର ରାଜନୈତିକ ସଫଳତା ଥିଲା ସାଧାରଣ ମଣିଷର ସ୍ୱତଃସ୍ଫୂର୍ତ୍ତ ସ୍ୱୀକୃତିର ପ୍ରତିଫଳନ। ତାଙ୍କରି ପଦାଙ୍କ ଅନୁସରଣ କରି ମୁଁ ଛାତ୍ର ରାଜନୀତିରେ ଯୋଗଦେଇଥିଲି ୧୯୯୦ ମସିହାରେ ରେଭେନ୍‌ଶା ମହାବିଦ୍ୟାଳୟରୁ। ଏଯାବତ୍ ଊଣାଅଧିକେ ରାଜନୈତିକ ଭାବରେ ସକ୍ରିୟ ଥିଲେ ମଧ୍ୟ ସ୍ୱର୍ଗତଃ ଜେଜେଙ୍କର ସମାଜସେବା ହିଁ ମୋତେ ଅଧିକ ଅନୁପ୍ରେରିତ କରିଆସିଛି। ସେ ଥିଲେ ମୋ ପାଇଁ ପ୍ରେରଣାର ଉତ୍ସ। ସାଧାରଣ ଜୀବନ ସହିତ ନିଜକୁ ସଂପୃକ୍ତ କରି ରଖିବାର ଏକ ପ୍ରବଣତା ଥିଲା ତାଙ୍କର ଚରିତ୍ରର ବୈଶିଷ୍ଟ୍ୟ, ଯାହା ପରବର୍ତ୍ତୀ ସମୟରେ ତାଙ୍କର ରାଜନୈତିକ ଜୀବନରେ ପ୍ରତିଫଳିତ ହୋଇଥିଲା ଏବଂ ତାଙ୍କ ପାଇଁ ପ୍ରତିଷ୍ଠା ଆଣିଦେଇଥିଲା। ଆଜିର ପରିବର୍ତ୍ତିତ ରାଜନୈତିକ ମୂଲ୍ୟବୋଧ ପରିପ୍ରେକ୍ଷୀରେ ସ୍ୱର୍ଗତ ମହାନ୍ତିଙ୍କର ଜୀବନଚର୍ଯ୍ୟା ମୋ ପାଇଁ ଏକ ମାର୍ଗଦର୍ଶିକା ହୋଇ ରହିଛି ଏବଂ ରହିଥିବ।

ତାଙ୍କ ପବିତ୍ର ଜନ୍ମଶତବାର୍ଷିକୀ ଅବସରରେ ମୁଁ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ଦାୟାଦ ଭାବରେ ନିଜକୁ ଧନ୍ୟ ମନେକରୁଛି।

-ନିଶିତ କରଣ
ମୋ:୯୭୭୬୦୫୫୦୦୦

# ସେ ଥିଲେ ଉଦାର ବ୍ୟକ୍ତି

**ଦ୍ୱାଦଶାହ ଉପଲକ୍ଷେ**



ଶରତ କର

ଶରତ କୁମାର କର ଆଜି ନାହାନ୍ତି। ସେ ବିଶାଳ ବ୍ୟକ୍ତିତ୍ୱଙ୍କ ସମ୍ବନ୍ଧରେ କିଛି କହିବା ବା ଲେଖିବା ଏକ ଦୁଃସାହସ କହିଲେ ଅତ୍ୟୁକ୍ତି ହେବନାହିଁ। ଦୀର୍ଘ ତେପନ ବର୍ଷ ତାଙ୍କ ସହିତ ରହିବା ପରେ ମୁଁ ଏତିକି ଜାଣିଛି ଯେ ସେ ଜଣେ ଅତି ଉଦାର, ସଚ୍ଚୋଟ ଓ ଭଲ ମଣିଷ। ସମସ୍ତଙ୍କ ସହିତ ହସି ହସି କଥା କହିବା ସମସ୍ତଙ୍କ ସୁଖଦୁଃଖରେ ସାଥୀ ହୋଇ ଖୋଲା ମନରେ ସମସ୍ତଙ୍କୁ ସାହାଯ୍ୟ କରିବା, ଶ୍ରଦ୍ଧା କରିବା ଏ ସମସ୍ତ ଗୁଣର ସେ ଥିଲେ ଅଧିକାରୀ। ମତେ ଓ ପିଲାମାନଙ୍କୁ ସବୁବେଳେ କହନ୍ତି "ମୋ ଏରିଆ ଲୋକ ଆସିଲେ ତାଙ୍କୁ ଭଲ ଭାବରେ, ଖୁସି ମନରେ କଥା ହବ।" ଥରେ ଥରେ ଅସମୟରେ କିଛି ଲୋକ ପହଞ୍ଚିଯାଆନ୍ତି। ଆମେ ବ୍ୟସ୍ତ ହେଲେ ସେ କହନ୍ତି "ରାଜନୀତି ସେଇଆ-ସବୁ ପାଇଁ ତୁମକୁ ପ୍ରସ୍ତୁତ ରହିବାକୁ ହେବ।" ପରିହାସ ଛଳରେ ମତେ କହନ୍ତି - 'ତୁମ କ୍ଲାସରୁମ୍ ଲେକ୍‌ଚର କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ - କିନ୍ତୁ ମୋର ତା' ନୁହେଁ। ତେଣୁ କେବେ ବି ବିରକ୍ତି କିମ୍ବା ଦ୍ୱିଧାବୋଧ କରିବା ଉଚିତ ନୁହେଁ। ମୁଁ ଲୋକ ପ୍ରତିନିଧି, ଲୋକଙ୍କ ପାଇଁ କାମ କରିବାକୁ ଗଲେ ସମୟସୀମା କିଛି ନଥାଏ 'ଇତ୍ୟାଦି'। ସତରେ, ସାଧାରଣ ଜନତାଙ୍କ ପାଇଁ ସମର୍ପିତ ଏକ ବିଶାଳ ହୃଦୟ ତାଙ୍କର। କେବଳ ତା' ନୁହେଁ, ଘରେ ପିଲାମାନଙ୍କର ଭଲମନ୍ଦ ସବୁଥିରେ ସେ ମୁରବି ଭାବରେ ତାଙ୍କର ମୂଲ୍ୟବାନ ଉପଦେଶ ଦିଅନ୍ତି। ଏପରି ଜଣେ ମହାନ୍, ସର୍ବଜନପ୍ରିୟ, ସଚ୍ଚୋଟ ଓ ଉଦାରପ୍ରାଣର ବ୍ୟକ୍ତିଙ୍କର ସହଧର୍ମିଣୀ ଭାବରେ ମୁଁ ଗର୍ବିତ।

ସେ ଥିଲେ ଭ୍ରମଣପ୍ରିୟ। ସାରା ଭାରତର ଅନେକ ସ୍ଥାନ ସେ ଦେଖିଛନ୍ତି। ଖାଲି ଭାରତ ନୁହେଁ ଅନ୍ୟାନ୍ୟ ଦେଶ ଯଥା ୟୁରୋପ, ଆମେରିକା, ଜର୍ମାନୀ, ଦକ୍ଷିଣଆଫ୍ରିକା ଇତ୍ୟାଦି ମଧ୍ୟ ସେ ଭ୍ରମଣ କରିଛନ୍ତି। ଅନେକ ଭାଷାଭାଷୀ ଲୋକଙ୍କ ସହିତ ମଧ୍ୟ ମିଶିଛନ୍ତି। ମୋର ସୌଭାଗ୍ୟ ଯେ ମୁଁ ତାଙ୍କ ସହିତ Speakers' conference ରେ ୟୁରୋପ ଯିବାର ସୁଯୋଗ ପାଇଥିଲି। ତାଙ୍କ ବ୍ୟକ୍ତିତ୍ୱର ଅନେକ ଦିଗ ମୁଁ ଦେଖିବାକୁ ପାଇଛି ସବୁଠାରେ। ତାଙ୍କର କଲେଜ ଜୀବନରେ ବହୁ ନାଟକରେ ସେ ଅଭିନୟ କରିଛନ୍ତି। କେବଳ ମଞ୍ଚ ନୁହେଁ, କିଛି ରେଡିଓ ଡ୍ରାମାରେ ବି ସେ ଭାଗ ନେଇଛନ୍ତି। ତର୍କ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଓଡ଼ିଆ, ହିନ୍ଦୀ, ଓ ଇଂରାଜୀରେ ମଧ୍ୟ ସେ ଅନର୍ଗଳ ବକ୍ତୃତା ଦେଇପାରନ୍ତି ଓ ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇ ତାଙ୍କର ଭାଷଣ ଶୁଣିଥାନ୍ତି। ପ୍ରାଞ୍ଜଳ ଭାବରେ ବକ୍ତୃତା ଦେବା ଏକ ସଫଳ ରାଜନୈତିକ ବ୍ୟକ୍ତିର ବିଶେଷ ଗୁଣ ବୋଲି ଧରାଯାଏ ଏବଂ ସେ ତାହା ସୁନ୍ଦର ଭାବରେ ହାସଲ କରିଥିଲେ। ପ୍ରତିବର୍ଷ ଭଞ୍ଜ ଜୟନ୍ତୀ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀରେ ମଧ୍ୟ ତାଙ୍କର ଉଚ୍ଚମାନର ବକ୍ତୃତା ଜନତାଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥାଏ। ମନ୍ତ୍ରୀ, ବିଧାୟକ, ସାଂସଦ ଓ ବାଚସ୍ପତି ଏ ସମସ୍ତ ଦାୟିତ୍ୱ ସେ ଚମତ୍କାର ଭାବରେ ତୁଲାଇଥିଲେ।

ଲେଖାଲେଖି ପ୍ରତି ତାଙ୍କର ପ୍ରଚଣ୍ଡ ଦୁର୍ବଳତା ଥିଲା। ବ୍ୟସ୍ତତା ଭିତରେ ଯେତେବେଳେ ସମୟ ପାଉଥିଲେ, କିଛି ନା କିଛି ନିଶ୍ଚୟ ଲେଖୁଥିଲେ। କେତୋଟି ଗଳ୍ପ, ଉପନ୍ୟାସ ବି ଲେଖିଥିଲେ କିନ୍ତୁ ସେ ସବୁ ପ୍ରକାଶ ପାଇନାହିଁ। ଚାରୋଟି କବିତା ସଙ୍କଳନ ତାଙ୍କର ପ୍ରକାଶିତ ହୋଇଛି ଓ ହିନ୍ଦୀ ତଥା ବଙ୍ଗଳାରେ ଅନୁବାଦିତ ହୋଇଛି।

ସେ ଥିଲେ ବନ୍ଧୁବତ୍ସଳ। ଅନେକ ବନ୍ଧୁ ତାଙ୍କର। ସମସ୍ତଙ୍କୁ ଶ୍ରଦ୍ଧା କରୁଥିଲେ। ତାଙ୍କର ଅନାବିଳ ଶ୍ରଦ୍ଧା ଥିଲା ସବୁରି ପ୍ରତି। ବହୁ ପରିବାର ତାଙ୍କ ଦ୍ୱାରା ତାଙ୍କ ସାହାଯ୍ୟ ପାଇ ଏଯାବତ ଉପକୃତ ହୋଇଛନ୍ତି ଓ ତାଙ୍କ ପ୍ରତି ଚିରକୃତଜ୍ଞ ରହିଛନ୍ତି ଓ ରହିଥିବେ ମଧ୍ୟ।

'ବସୁଧୈବ କୁଟୁମ୍ବକମ୍' ଥିଲା ତାଙ୍କ ଜୀବନର ମୂଳମନ୍ତ୍ର। ଏହି ମନ୍ତ୍ରରେ ସେ ସମ୍ପୂର୍ଣ୍ଣ ଅନୁପ୍ରାଣିତ ଥିଲେ। ସବୁକ୍ଷେତ୍ରରେ ତାଙ୍କର ଆନ୍ତରିକତା, ସ୍ନେହଶ୍ରଦ୍ଧା, ଦୟାକ୍ଷମା ଓ ଉଦାରତା ପାଇଁ ସେ ସର୍ବଜନବିଦିତ। ଏଭଳି 'ସ୍ନେହୀ ମଣିଷ' ଆଜିର ସ୍ୱାର୍ଥପର ଦୁନିଆରେ ମିଳିବା କଷ୍ଟକର।

ସ୍ମୃତି ତ ଅନେକ- ତାକୁ ବିସ୍ତୃତ ଭାବରେ ପ୍ରକାଶ କରିବା ମୋ ପରି ସାଧାରଣ ମଣିଷ ପାଇଁ କଷ୍ଟକର। ମୋର ଓ ମୋ ପିଲାମାନଙ୍କର ପରମ ସୌଭାଗ୍ୟ ଏଭଳି ଜଣେ ଦେବତୁଲ୍ୟ ବ୍ୟକ୍ତିଙ୍କୁ ସ୍ୱାମୀ ଓ ପିତା ରୂପେ ପାଇ। ଈଶ୍ୱରଙ୍କୁ ପ୍ରାର୍ଥନା ଏହି ଶୁଦ୍ଧପ୍ରାଣ ମଣିଷଟି ଜନ୍ମଜନ୍ମାନ୍ତର ଧରି ଆମରି ଭିତରେ ରହିଥାନ୍ତୁ। ତାଙ୍କ ପ୍ରତି ଆମର କୋଟି କୋଟି ପ୍ରଣାମ।

-ଅନିମା କର




ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା' ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। –ଶ୍ରୀଅରବିନ୍ଦ



# ପରିବା ଆତଙ୍କ

ପରିବା ଦର ଏବେ ଆକାଶଛୁଆଁ। ଏହା ଏତେ ଅଧିକ ହୋଇଛି ଯେ ଏକ ମଧ୍ୟବିତ୍ତ ପରିବାରର ଗ୍ରାହକ ତା'ର ଦୈନିକ ପରିବା ଆବଶ୍ୟକତାକୁ କମାଇବାକୁ ବାଧ୍ୟ ହୋଇଛି। ପରିବା କିଣିବାକୁ ଅଧିକାଂଶ ଲୋକ ବଜାରକୁ ଯିବାକୁ ଚାହୁଁନାହାନ୍ତି। କୋଭିଡ୍-୧୯ ଲକ୍‌ଡାଉନ ଯୋଗୁ ଲୋକମାନେ ଚାକିରି ହରାଇଥିବା ଓ କମ୍ ଦରମା ପାଉଥିବାବେଳେ ଏଭଳି ପ୍ରାଇସ ବା ମୂଲ୍ୟବୃଦ୍ଧି ଜନିତ ଆତଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଖାଦ୍ୟ ଶସ୍ୟଠାରୁ ଆରମ୍ଭ କରି ଖାଇବା ତେଲ ଓ ପରିବା ଦର କୋଭିଡ୍ ମାହାମାରୀ ପୂର୍ବରୁ ଯାହା ଥିଲା ତା'ଠାରୁ ପାଖାପାଖି ୫୦% ଅଧିକ ମୂଲ୍ୟରେ ବିକ୍ରି ହେଉଛି। ଯେଉଁମାନେ ପରିବା ପାଇଁ ସପ୍ତାହକୁ ୮୦୦ଟଙ୍କା ଖର୍ଚ୍ଚ କରୁଥିଲେ ସେମାନେ ଏବେ ଏ ବାବଦରେ ପାଖାପାଖି ୧୫୦୦ ଟଙ୍କା ବ୍ୟୟ କରୁଛନ୍ତି। ଦର ବୃଦ୍ଧିର ଝଟ୍‌କାରେ ସାଧାରଣ ଲୋକଟିର ଦୁଃଖ ଆହୁରି ବଢିଯାଇଛି। ପିଆଜ ଓ ଆଳୁ ଦର ବଢିବାରେ ଲାଗିଥିବାବେଳେ ଟମାଟୋ କିଣିବାକୁ ଭୟ ଲାଗୁଛି। ସ୍ଥାନୀୟ ବଜାରରେ କେଜି ପିଛା ପିଆଜ ଦର ୮୦ ଟଙ୍କା ଥିବାବେଳେ ଆଳୁ ଦର ରହିଛି ୪୫ ଟଙ୍କା। ଯେଉଁ ପରିବା ସ୍ଥାନୀୟ ଅଞ୍ଚଳରେ ଉତ୍ପାଦନ ହେଉଛି ଓ ଯାହା ବାହାରୁ ଆସିଛି ସବୁ ପରିବା ଦର ଏମିତି ବଢିଯାଇଛି ଯେ ତାହା ଜଣେ ସାଧାରଣଲୋକ ପକ୍ଷେ କିଣିବା ସମ୍ଭବପର ନୁହେଁ। ବାଇଗଣ, ବିନ୍ସ, ଆଳୁ, ଗାଜର, କଞ୍ଚାଲଙ୍କା ଆଦିର ଦର ସୀମା ଟପିଯାଇଛି। କିଣିବା ତ ଦୂରର କଥା କେହି ବଜାରରେ ତାହାକୁ ଛୁଉଁନାହାନ୍ତି। ଲୋକେ ସାଧାରଣତଃ କିଣିବାକୁ ପସନ୍ଦ କରୁନଥିବା ତଥା ଶସ୍ତାରେ ମିଳୁଥିବା ପରିବା ଯଥା କଖାରୁ, ଲାଉ, ସାରୁ, ଛଚିନ୍ଦ୍ରା, ପୋଇ ଓ କୁନ୍ଦୁରି ଆଦିର ମୂଲ୍ୟ ପୂର୍ବାପେକ୍ଷା ଢେର୍ ବୃଦ୍ଧିପାଇଛି। ପ୍ରତ୍ୟେକଟିର ଦର ୬୦ ଟଙ୍କା ତଳେ ନାହିଁ। ଉତ୍ପାଦନ ହେଉଥିବା ଅଞ୍ଚଳରୁ ପରିବା ଯୋଗାଣ କମିଯିବା କାରଣରୁ ଏଭଳି ପରିସ୍ଥିତି ଉପୁଜିଛି।

ବର୍ଷ ସାରା ପ୍ରୟାସ ସତ୍ତ୍ୱେ ରାଜ୍ୟ ସରକାର ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ଆଶାତୀତ ଦର ବୃଦ୍ଧି ପଞ୍ଝାରୁ ସାଧାରଣ ଲୋକଙ୍କୁ ରକ୍ଷା କରିପାରିନାହାନ୍ତି। ଏବେ ଦେଖାଦେଇଥିବା ଦରବୃଦ୍ଧି ଝଟ୍‌କା ନୂଆ ନୁହେଁ। ଅତୀତରେ ଏମିତି ବି ହୋଇଛି। କିନ୍ତୁ ଦୁଃଖର କଥା,ସରକାର ତାଙ୍କ ବିଫଳତାରୁ କିଛି ବି ଶିକ୍ଷା କରିନାହାନ୍ତି। ଯଦି ସୁବିଧା ଓ ସାଧନ ଯୋଗାଇ ଦିଆଯାଇଥାନ୍ତା ତେବେ ଆମେ ପରିବା ଉତ୍ପାଦନରେ ଆତ୍ମନିର୍ଭର ହେବାରେ କୌଣସି ଅସୁବିଧା ରହନ୍ତାନି। ଓଡ଼ିଶାରେ ଆଳୁ, ପିଆଜ ସମେତ ଅନ୍ୟ ପରିବା ଉତ୍ପାଦନ ପାଇଁ ଅନୁକୂଳ ଜଳବାୟୁ ଓ ମୃତ୍ତିକା ରହିଛି। ଆମେ ଭଲ କିସମର ପିଆଜ ଉତ୍ପାଦନ କରିପାରୁ ବୋଲି ବଲାଙ୍ଗୀର, ବୌଦ୍ଧ ଓ କଳାହାଣ୍ଡିର ଚାଷୀମାନେ ମଧ୍ୟ ପ୍ରମାଣ କରି ଦେଇଛନ୍ତି। ତେବେ ଆମେ ଆଳୁ, ପିଆଜ, ମାଛ ଓ ଅଣ୍ଡା ଭଳି ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ ଉପରେ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିଚାଲିଛୁ। ଯଦି ନଷ୍ଟ ହୋଇ ଯାଉଥିବା କୃଷି ଉତ୍ପାଦ ପାଇଁ ଭଣ୍ଡାରଘର, ଶୀତଳଭଣ୍ଡାର ଭଳି ଭିତ୍ତିଭୂମି ସରକାରଙ୍କ ପାଖରେ ରହିଥାନ୍ତା ତେବେ ଆମେ ଉତ୍ପାଦନ ଯଥେଷ୍ଟ ବଢାଇପାରିଥାନ୍ତୁ। କିନ୍ତୁ ସରକାର ଏ କ୍ଷେତ୍ରରେ ଅସଫଳ ହୋଇଛନ୍ତି। ରାଜ୍ୟରେ ଅତ୍ୟାଧୁନିକ ଭଣ୍ଡାରଘର ଓ ମାର୍କେଟ ସୁବିଧା ନ ଥିବାରୁ ଚାଷୀମାନେ ପରିବା ଭଳି ଅର୍ଥକରୀ ଫସଲ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଯେଉଁ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ମିଳୁଛି ତାହା କରିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। କୃଷି ଉପରେ ଅନେକ ନୀତି କରାଯାଇଛି ହେଲେ ସେଗୁଡ଼ିକ ପ୍ରାୟତଃ କାଗଜ କଲମରେ ରହିଛି। ପିଆଜ ପାଇଁ ଆମେ ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଥିବାବେଳେ ଆଳୁ ଆଣୁଛୁ ପଶ୍ଚିମବଙ୍ଗରୁ। ମାଛ ଓ ଅଣ୍ଡା ଲାଗି ଆନ୍ଧ୍ର ଉପରେ ବି ନିର୍ଭରଶୀଳ। ରାଜ୍ୟର ବହୁଚର୍ଚ୍ଚିତ 'ଆଳୁ ମିଶନ' ସମ୍ପୂର୍ଣ୍ଣ ବିଫଳ ହୋଇଛି। ଥରେ ସଂଶୋଧିତ କୃଷି ଆଇନ ଏଠାରେ କାର୍ଯ୍ୟକାରୀ କରାଗଲେ ଭିବଷ୍ୟତରେ ଏହି ସମସ୍ୟା ଆହୁରି ବିଗିଡ଼ିଯିବ। କାରଣ ସଂଶୋଧିତ ଆଇନରେ ଆଳୁ ଏବଂ ପିଆଜକୁ ଏସେନ୍‌ସିଆଲ ସର୍ଭିସ ମେଣ୍ଟେନାନ୍ସ ଆକ୍ଟ ବା ଅତ୍ୟାବଶ୍ୟକୀୟ ସେବା ଅନୁରକ୍ଷଣ ଆଇନ ପରିସର ବାହାରେ ରଖାଯାଇଛି।

ଦେଶର ବିଭିନ୍ନ ଅଞ୍ଚଳ ବିଶେଷ କରି ମହାରାଷ୍ଟ୍ରରେ ବର୍ଷା ଯୋଗୁ ଫସଲ ନଷ୍ଟ ହେବା ପରେ ପିଆଜ ଦର ବୃଦ୍ଧିପାଇଛି। ତେବେ ଅନ୍‌ଲକ ୫.୦ରେ ଆନ୍ତଃରାଜ୍ୟ ପରିବହନ ଆରମ୍ଭ ହେବା ସହ ସୁବିଧାରେ ଶ୍ରମିକ ଉପଲବ୍ଧ ହେଉଛନ୍ତି। ବର୍ଷା ହେତୁ ପରିବା ଯୋଗାଣରେ ସାମୟିକ ବିଳମ୍ବ ହୋଇପାରେ ଓ ଦର ବଢ଼ିପାରେ। କିନ୍ତୁ ବର୍ଷକରୁ ବେଶି ହେବ ତ ପରିବା ଦର ବୃଦ୍ଧିପାଇବାରେ ଲାଗିଛି। ଲଗାତର ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧିପାଇଛି। ଆମେ ଏବେ ବିଚିତ୍ର ଘଟଣା ଦେଖିବାକୁ ପାଇପାରିଛୁ। ଲୋକଙ୍କ ପାଖରେ ଜିନିଷ କିଣିବାକୁ ଅର୍ଥ ନାହିଁ ଓ ଦରବୃଦ୍ଧି ଯୋଗୁ ସେମାନେ ଜିନିଷ କିଣୁନାହାନ୍ତି, ହେଲେ ମୁଦ୍ରାସ୍ଫୀତି ବୃଦ୍ଧିପାଉଛି। ରାଜ୍ୟ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଅଧିକ ପରିବା ଉତ୍ପାଦନ କରିବା ଏବଂ ଭଣ୍ଡାରଘର ଓ ଶୀତଳଭଣ୍ଡାର ନିର୍ମାଣ କରିବା ଆରମ୍ଭ କରନ୍ତୁ। ପରିବା ଭଳି ନଷ୍ଟ ହୋଇଯାଉଥିବା ସାମଗ୍ରୀକୁ ସବୁବେଳେ ଆମଦାନୀ କରାଯାଇପାରିବ ନାହିଁ। କୃଷି ଉତ୍ପାଦ ବଜାରରେ ସବୁବେଳେ ଉପଲବ୍ଧ ହେବା ପାଇଁ ସରକାର ଉପଯୁକ୍ତ ଭିତ୍ତିଭୂମି ଓ ସଞ୍ଚାଳନ ବ୍ୟବସ୍ଥା ବିକାଶ କରିବା ଉଚିତ। ଅନ୍ୟଥା ସାଧାରଣ ଲୋକଟି ଦରବୃଦ୍ଧି ଆତଙ୍କରୁ କେବେ ବି ରକ୍ଷା ପାଇପାରିବ ନାହିଁ।

## ଆଜିର ଅର୍ଥନୀତି

# ଶାରଦୀୟ ଦୁର୍ଗୋତ୍ସବ ଓ ବଳିପ୍ରଥା



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତର ପ୍ରାଚୀନ ଋଷିମାନଙ୍କ ଉଦ୍ଭାବନ ସହିତ ବିଜ୍ଞାନର ସମନ୍ୱୟ ହିଁ ଆଧୁନିକ କାଳର ସବୁଠାରୁ ଅଭିନବ ଓ ରହସ୍ୟପୂର୍ଣ୍ଣ ଯୁଗଳବନ୍ଦୀ। ବିଜ୍ଞାନ ଓ ଆଧ୍ୟାତ୍ମିକତା ସମନ୍ୱୟରେ ସମାଜରେ ଯେଉଁ ସବୁ ସତ୍ୟ ପ୍ରତିଷ୍ଠା ଲାଭ କରିଛି, ତା' ମଧ୍ୟରେ ଏକ ମହାସତ୍ୟ ହେଉଛି ଶକ୍ତି ଉପାସନା। ଆଧ୍ୟାତ୍ମିକ ଚିନ୍ତନରେ ଏହି ଶକ୍ତି ହିଁ ସକଳ ବସ୍ତୁର କେନ୍ଦ୍ରବିନ୍ଦୁ। ବିଜ୍ଞାନ ବି ସେହି କଥାକୁ ସମର୍ଥନ କରେ ଦୃଢ଼ ଭାବରେ। ଆଇନଷ୍ଟାଇନ୍ କହନ୍ତି ପଦାର୍ଥ କିଛି ନୁହେଁ, କେବଳ ଶକ୍ତି ହିଁ ସବୁକିଛି। ସେହି ଶକ୍ତି ବା ଏନର୍ଜି ବିନା ସବୁ ଅଚଳ। ବୈଦିକ ମାନ୍ୟତାରେ ଶକ୍ତିର ପ୍ରତୀକ ହେଉଛି ନାରୀ। ଏହି ମାତୃଶକ୍ତି ବା ମହାଶକ୍ତି ଆକାଶ ପରି ବିସ୍ତୃତ। ମଣିଷ ତା'ର କ୍ଷୁଦ୍ର ଦେହରେ ଏହି ମହାଶକ୍ତିକୁ ଧାରଣ କରିବାର ବ୍ୟଗ୍ରତା ନେଇ ଅନୁଭବ କଲା ତାଙ୍କୁ ଆକାର ଭିତରକୁ ଆଣିବାର ଆବଶ୍ୟକତା। ତେଣୁ ମହାଶକ୍ତିକୁ ସେ ଆବାହନ କଲା ସାକାର ରୂପରେ। ଫଳରେ ଧରାପୃଷ୍ଠରେ ମହାଶକ୍ତି ବା ମାତୃଶକ୍ତିର ଆବିର୍ଭାବ ଘଟିଲା ଭିନ୍ନ ଭିନ୍ନ ସମୟରେ ଓ ଭିନ୍ନ ଭିନ୍ନ ରୂପରେ। ତାଙ୍କର ଲୀଳାତତ୍ତ୍ୱ ଓ ମାହାତ୍ମ୍ୟ ପର୍ଯ୍ୟାପ୍ତ ଭାବେ ପ୍ରକାଶ ପାଇଲା ବେଦ, ଉପନିଷଦ, ସଂହିତା, ପୁରାଣ ଓ ଶାକ୍ତ ସାହିତ୍ୟରେ। ଅର୍ଥାତ୍ ଶକ୍ତି ଉପାସନା ପରମ୍ପରା ଆମ ଦେଶରେ କେଉଁ ସ୍ମରଣାତୀତ କାଳରୁ ଚଳି ଆସିଛି, ଯାହା ଆମ ସଭ୍ୟତା ପରି ପ୍ରାଚୀନ। ଉତ୍କଳୀୟ ଆଧ୍ୟାତ୍ମିକ ପରମ୍ପରାରେ ସାଧାରଣତଃ ଶକ୍ତି ଉପାସନା ସ୍ଥଳୀ ଦୁଇ ଭାଗରେ ବିଭକ୍ତ। ଗୋଟିଏ ହେଲା ଦେବୀ ମଣ୍ଡପ, ଯେଉଁଠି ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଏ ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ। ଅନ୍ୟଟି ହେଲା ଶକ୍ତିପୀଠ, ଯେଉଁଠି ମା' ବର୍ଷ ତମାମ୍ ପୂଜା ପାଆନ୍ତି ପାରମ୍ପରିକ ରୀତିରେ। ଶକ୍ତିପୀଠଗୁଡ଼ିକରେ ବର୍ଷକୁ ଦୁଇଥର ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କର ପୂଜୋତ୍ସବ ଅନୁଷ୍ଠିତ ହୁଏ ଏବଂ ତନ୍ମଧ୍ୟରୁ ଆଶ୍ୱିନ ମାସ କୃଷ୍ଣପକ୍ଷରେ ଆୟୋଜିତ ପୂଜାକୁ କୁହାଯାଏ ଶାରଦୀୟ ଦୁର୍ଗାପୂଜା। ଏହି ଶାରଦୀୟ ପୂଜାର ଏକ ପ୍ରମୁଖ ଅଂଶ ହେଉଛି ବଳିପ୍ରଥା। ଭାରତୀୟ ସଂସ୍କୃତିରେ ଏହା ଏକ ପୁରାତନ ପରମ୍ପରା। କାରଣ ତା'ର ପର୍ଯ୍ୟାପ୍ତ ପ୍ରମାଣ ରହିଛି ବେଦ, ଉପନିଷଦ ଓ ପୁରାଣ ଶାସ୍ତ୍ରରେ। ବିଦ୍ୱାନମାନଙ୍କ ମତରେ ଆମ ପଶୁତ୍ୱ ଭାବକୁ ଦେବୀଙ୍କ ନିକଟରେ ଉତ୍ସର୍ଗ କରିବାର ଅର୍ଥ ବଳି। ତେଣୁ ବେଦ ଉପନିଷଦରେ ଯେଉଁ ମେଷ, ଛାଗ ଓ କୁକ୍କୁଟ ବଳି କଥା ରହିଛି ତାହା ପଶୁବଳି ନୁହେଁ, ବରଂ ତାହା ଯଥାକ୍ରମେ କୁପ୍ରବୃତ୍ତି, ଅଜ୍ଞାନତା ଓ କୂଟକପଟତାର ପ୍ରତୀକ। ଶକ୍ତି ଆରାଧନା ଅବସରରେ ମଣିଷ ଏସବୁକୁ ବଳିଦେବା ବା ତ୍ୟାଗ କରିବା କଥା କୁହାଯାଇଥିଲେ ହେଁ ଏହାର ଅର୍ଥକୁ କଦର୍ଥ କରି ପଶୁବଳିକୁ ଗୁରୁତ୍ୱ ଦିଆଗଲା ପୁରାଣ ଯୁଗରେ। ବୁଦ୍ଧଙ୍କ ଅହିଂସା ନୀତି ପ୍ରବର୍ତ୍ତନ ପରେ ବୌଦ୍ଧ ସନ୍ୟାସୀମାନଙ୍କ ଦ୍ୱାରା ପଶୁବଳି ବହୁ ପରିମାଣରେ ହ୍ରାସ ପାଇଥିଲା ସତ, ମାତ୍ର ଏହା ପୁଣି ଥରେ ଜୀବନ୍ୟାସ ପାଇଲା ତନ୍ତ୍ରର ପ୍ରଚାର ଓ ପ୍ରସାର କାରଣରୁ। ତାନ୍ତ୍ରିକମାନଙ୍କ ମତରେ ବଳି ନ ପାଇଲେ କାଳେ ଆଦୌ ସନ୍ତୁଷ୍ଟ ହୁଅନ୍ତିନି ଦେବୀ ଜଗନ୍ମାତା। ବିଶେଷକରି କ୍ଷତ୍ରିୟମାନେ ବଳି ନ ଦେଲେ ତାଙ୍କ ଭିତରେ ଜାଗ୍ରତ ହୁଏନି ବୀରତ୍ୱର ଉନ୍ମାଦନା। ତାନ୍ତ୍ରିକମାନଙ୍କର ଏଭଳି ମିଥ୍ୟାଚାରରେ ପ୍ରଭାବିତ ହୋଇ ରାଜ୍ୟର ମଙ୍ଗଳ ତଥା ନିଜ ସୈନ୍ୟମାନଙ୍କ ଭିତରେ ବୀରତ୍ୱକୁ ସଂଜୀବିତ କରିବା ପାଇଁ ବଳି ପ୍ରଥାକୁ ପ୍ରୋତ୍ସାହିତ କଲେ ରାଜା ମହାରାଜାମାନେ। ରାଜାନୁଗ୍ରହ ଲାଭ କରି ଶାରଦୀୟ ଦୁର୍ଗାପୂଜାର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଗଲା ପଶୁବଳି, ଯାହା ଏକ ଅମାନବୀୟ ପରମ୍ପରା।

ଏଭଳି ପରମ୍ପରା କେବେ ଆମ ବୈଦିକ ଋଷିମାନଙ୍କ ଦ୍ୱାରା ତିଆରି ହୋଇନି ବରଂ ସ୍ୱାର୍ଥାନ୍ଧମାନଙ୍କର ଏହା ଏକ ଫିସାଦ। କଥିତଅଛି– ଋଷି ଚାର୍ବାକ୍ ଜଣେ ପୁରୋହିତଙ୍କୁ ପଚାରିଲେ– ପଶୁବଳିର ଉଦ୍ଦେଶ୍ୟ କ'ଣ? ପୁରୋହିତ ଉତ୍ତର ଦେଲେ ଯଜମାନର ମଙ୍ଗଳ। ଚାର୍ବାକ୍ ପୁଣି ପଚାରିଲେ ଯେଉଁ ପଶୁଟିକୁ ବଳି ଦିଆଗଲା ସେ ବିଚରାର ଦୋଷ କ'ଣ? ପୁରୋହିତ କହିଲେ– ଏହାଦ୍ୱାରା ସେ ପଶୁ ଜନ୍ମରୁ ମୁକ୍ତି ପାଇଲା ବା ମୋକ୍ଷପ୍ରାପ୍ତି ହେଲା, ଯାହା ସ୍ୱର୍ଗପ୍ରାପ୍ତିଠାରୁ ବି ଅଧିକ। ଚାର୍ବାକ୍ କହିଲେ ବଢ଼ିଆ ଉପାୟ। ଯଦି ଯଜମାନ ପଶୁକୁ ସ୍ୱର୍ଗ ପଠାଇ ପାରୁଛି ତେବେ ନିଜେ କିମ୍ବା ନିଜ ପରିବାର ଲୋକଙ୍କୁ ବଳି ପକାଇ ସ୍ୱର୍ଗକୁ ପଠଉନି କାହିଁକି?

ଇତିହାସ କହେ ଯେତେବେଳେ ବଳିପ୍ରଥା ଆରମ୍ଭ ହେଲା ସେତେବେଳେ ସମ୍ପୂର୍ଣ୍ଣ ଅଲଗା ଥିଲା ଆମ ଜୀବନଯାପନ ପ୍ରଣାଳୀ। ଆଦିମ ମଣିଷ ଗୋଷ୍ଠୀବଦ୍ଧ ଜୀବନ ଯାପନ କରୁଥିଲା ଏବଂ ଜଙ୍ଗଲରୁ ପଶୁ ଶିକାର ଥିଲା ତା'ର ପେଟ ପୋଷିବାର ପ୍ରଧାନ ଅବଲମ୍ବନ। ମାତ୍ର ପଶୁପାଳନ ଶିଖିଲା ପରେ ଶିକାର ଅନ୍ୱେଷଣରେ ତାକୁ ଦିନଦିନ ଧରି ବୁଲିବାକୁ ପଡ଼ିଲାନି ଦୁର୍ଗମ ଅରଣ୍ୟରେ। ଗୋରୁ, ଛେଳି, ମେଣ୍ଢା, ମଇଁଷି ଆଦି ପଶୁ ବହୁ ସଂଖ୍ୟାରେ ପାଳନ କରିବା ହେତୁ ଉପଲବ୍ଧ ହେଲା ପ୍ରଚୁର ମାଂସ ଓ ଦୁଗ୍ଧ ଜାତୀୟ ଦ୍ରବ୍ୟ। ପାଖରେ ପ୍ରଚୁର ପଶୁସଂପଦ ଥିବାରୁ ଶିଶୁ ଓ ମାଈ ପଶୁଙ୍କୁ ବାଦ୍ ଦେଇ କେବଳ ଅଣ୍ଡିରା ପଶୁଙ୍କୁ ହତ୍ୟା କରାଗଲା ଜନବସତିଠାରୁ ଅନତିଦୂରରେ, ଏକ ନିର୍ଦ୍ଦିଷ୍ଟ ସ୍ଥାନରେ। ହତ୍ୟା ସମୟରେ ପଶୁଟିର ଆର୍ତ୍ତଚିତ୍କାର ଯେପରି ଅନ୍ୟାନ୍ୟ ପାଳିତ ପଶୁ, ଜନବସତିର ଶିଶୁ ଏବଂ ଗର୍ଭବତୀ ମହିଳାମାନେ ଶୁଣି ନ ପାରିବେ, ତାକୁ ଦୃଷ୍ଟିରେ ରଖି ଖଞ୍ଜାଗଲା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଜା ବଜେଇବା ବ୍ୟବସ୍ଥା। ଏହି ସମୟରୁ ଆରମ୍ଭ ହେଲା ଧରିତ୍ରୀ ଉପାସନା। ମଣିଷ ପାଇଁ ଉପଯୁକ୍ତ ବାସସ୍ଥାନ ଓ ପଶୁସଂପଦର ପରିପୁଷ୍ଟି ନିମନ୍ତେ ତୃଣଭୂମି ଯୋଗାଇ ଦେଇଥିବା ଧରିତ୍ରୀ ମାତାଙ୍କୁ କୃତଜ୍ଞତା ଜଣାଇ ଆଦିମ ମଣିଷ ସମର୍ପଣ କଲା ମୃତ ପଶୁଟିର ରକ୍ତ।

କୃଷିର ବିକାଶ ପରେ ମାଂସ ବଦଳରେ ଶସ୍ୟ ହେଲା ମଣିଷର ପ୍ରଧାନ ଖାଦ୍ୟ। ଏହା ଦ୍ୱାରା କ୍ରମଶଃ ହ୍ରାସ ପାଇଲା ପଶୁହତ୍ୟା। ତଥାପି କେତେକ ଆଦିବାସୀ ଗୋଷ୍ଠୀ ରହିଗଲେ, ଯେଉଁମାନେ ମାଂସକୁ ପ୍ରଧାନ ଖାଦ୍ୟ ଭାବରେ ଗ୍ରହଣ କରି ବସବାସ କଲେ ବଣ ଜଙ୍ଗଲରେ। ଯାଯାବରୀ ଜୀବନଯାପନ କରୁଥିବା ଏହି ଆଦିବାସୀମାନେ ଋତୁ ପରିବର୍ତ୍ତନ ସହିତ ବାସସ୍ଥାନ ପରିବର୍ତ୍ତନ କରୁଥିଲେ ବାରମ୍ବାର। ଶିକାର ହେଉ କି ପାଳିତ ପଶୁ ହେଉ, ତାକୁ ଭକ୍ଷଣ ପୂର୍ବରୁ ଏମାନେ ସମର୍ପଣ କରୁଥିଲେ ଧରତୀ ମା' ଉଦ୍ଦେଶ୍ୟରେ। ଅନ୍ୟ ପକ୍ଷରେ ଗାଁ ଗଣ୍ଡାରେ ରହୁଥିବା କୃଷକ ଓ ଶ୍ରମଜୀବୀମାନେ ନୂଆଖାଇ ଓ ମାଣବସା ଆଦି ଉତ୍ସବ ଅବସରରେ ମାଟି ମା' ଉଦ୍ଦେଶ୍ୟରେ ଅର୍ପଣ କରୁଥିଲେ ଉତ୍ପାଦିତ ଶସ୍ୟସଂପଦ। ଏଇମାନେ ଥିଲେ ସମୁଦାୟ ଜନସଂଖ୍ୟାର ଏକ ବିରାଟ ଅଂଶ। ସ୍ଥାୟୀ ବାସିନ୍ଦା ଭାବରେ ଏମାନେ ଗୋଟିଏ ସ୍ଥାନରେ ବର୍ଷବର୍ଷ ଧରି ରହିବା ଫଳରେ ସେଠାକାର ଜଳଉତ୍ସ ଦୂଷିତ ହୋଇ ବ୍ୟାପୁଥିଲା ହଇଜା, ବସନ୍ତ ଆଦି ସଂକ୍ରାମକ ରୋଗ। ବେଳେବେଳେ ମହାମାରୀ ରୂପ ନେଉଥିବା ଏହି ରୋଗରେ ଆକ୍ରାନ୍ତ ହୋଇ ପୋକମାଛି ପରି ମରୁଥିଲେ ହଜାର ହଜାର ଲୋକ। ଏହାକୁ ନେଇ ସେତେବେଳେ ଗ୍ରାମାଞ୍ଚଳ ଲୋକଙ୍କ ଭିତରେ ପ୍ରବେଶ କଲା ଅନ୍ଧବିଶ୍ୱାସ। ଜଳପ୍ରଦୂଷଣଜନିତ ଏହି ରୋଗକୁ ସେମାନେ ଠାକୁରାଣୀଙ୍କ କୋପ ବୋଲି ଭାବିନେଲେ ଅଜ୍ଞତାବଶତଃ। ତା'ପରେ ଚାଲିଲା ଠାକୁରାଣୀଙ୍କ କୋପର କାରଣ ସମ୍ପର୍କରେ ତର୍ଜ୍ଜମା। ସେମାନେ ଅନୁଭବ କଲେ ଯେ ଆଦିବାସୀମାନେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପଶୁ ରକ୍ତ ସମର୍ପଣ କରି ନୀରୋଗ ରହୁଥିବା ବେଳେ ଶସ୍ୟ ସମ୍ପଦ ସମର୍ପଣ କରୁଥିବା କାରଣରୁ ସେମାନଙ୍କୁ ବାରମ୍ବାର ଗ୍ରାସୁଛି ମଡ଼କ। ଏହି ବଦ୍ଧମୂଳ ବିଶ୍ୱାସ ନେଇ ତନ୍ତ୍ର ଉପଚାର ସ୍ୱରୂପ ଗାଁଗଣ୍ଡାରେ ଚାଲିଲା ପଶୁବଳିର ବ୍ୟାପକ ଆୟୋଜନ। ଏହା କ୍ରମଶଃ ଅଧିକ ପ୍ରସାରଲାଭ କଲା ଏବଂ ଦଶହରା ଓ ପଣାସଂକ୍ରାନ୍ତି ଆଦି ପର୍ବରେ ରକ୍ତରଞ୍ଜିତ ହେଲା ଦେବୀପୀଠ।

ବିଜ୍ଞାନର ଅଭୂତପୂର୍ବ ବିକାଶ ଫଳରେ ଅତିକ୍ରାନ୍ତ ହେଲା ହଇଜା ଓ ବସନ୍ତକୁ ଠାକୁରାଣୀ କହି ଲୋକଙ୍କୁ ଭୁଆଁ ବୁଲେଇବାର ବେଳ। ତଥାପି ଲୋପ ହେଲାନି ଆମ କୁସଂସ୍କାର ଲାଳିତ ଭ୍ରମଧାରଣା। ସ୍ୱାମୀ ବିବେକାନନ୍ଦ କହୁଥିଲେ ମଣିଷର ବଡ଼ ଶତ୍ରୁ ହେଉଛି ତା'ର ଅନ୍ଧବିଶ୍ୱାସ। ଏହା ଲୋପ କରିଦିଏ ମଣିଷର ହିତାହିତ ଜ୍ଞାନ। ସେହି କାରଣରୁ ଏବେସୁଦ୍ଧା ଜାରି ରହିଛି ଠାକୁରାଣୀଙ୍କ ପାଖରେ ପଶୁବଳି ଦେଇ ରୋଗମୁକ୍ତ ହେବାର ଅପଚେଷ୍ଟା।

ସାଧାରଣତଃ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ହେଉଛି ଆମ ପର୍ବପର୍ବାଣି ପାଳନର ମୂଳକଥା। ସେହି ଆଧ୍ୟାତ୍ମିକ ପରିବେଶରେ ଭକ୍ତିଭାବ ସାଙ୍ଗକୁ ପ୍ରାଣକୁ ଆହ୍ଲାଦିତ କରେ ଶ୍ରଦ୍ଧା ଓ ସହୃଦୟତା। ମାତ୍ର ଜୀବହତ୍ୟା କ'ଣ ସେହି ଶ୍ରଦ୍ଧା ଓ ସହୃଦୟତାର ନିଦର୍ଶନ? ବଳିପ୍ରଥାର ପକ୍ଷଧରମାନେ ବିବେକକୁ ଅଗ୍ରାଧିକାର ଦେଇ ଏକଥା ନିଜକୁ ପଚାରିବା ଉଚିତ। ଭାଗବତରେ ଅମୂଲ୍ୟବାଣୀ ଅନୁସାରେ ଜୀବ ବଧର ଶାସ୍ତି ହେଉଛି ନର୍କବାସ। 'ଜୀବ ମାରଣେ କର୍ମ କରେ, ନରକେ ପଡ଼େ ଅନ୍ତକାଳେ'। ଅର୍ଥାତ୍ ଆମେ ସ୍ୱର୍ଗକୁ ଯିବା କି ନର୍କକୁ ଯିବା ତାହା ନିର୍ଭର କରେ ନିଜ ଉପରେ। ମା' ଦୁର୍ଗତିନାଶିନୀ ଦୁର୍ଗା ଏ ସମ୍ପର୍କରେ ଆମକୁ ସଦ୍‌ବୁଦ୍ଧି ଦିଅନ୍ତୁ, ଶାରଦୀୟ ଦୁର୍ଗୋତ୍ସବ ଅବସରରେ ଏହା ହିଁ କାମନା।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ୍ ମହାବିଦ୍ୟାଳୟ
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ–୯୪୩୮୪୫୫୦୮୮

# ଶ୍ରେଣୀଶିକ୍ଷାର ବିକଳ୍ପ ନାହିଁ



ରବିନାରାୟଣ ସାମଲ

ଲକ୍‌ଡାଉନ୍ ଆରମ୍ଭ ହେବାକ୍ଷଣି ସ୍କୁଲ-କଲେଜ ପାଠପଢ଼ା ବନ୍ଦ ରହିଲା। ବିକଳ୍ପ ସ୍ୱରୂପ ସରକାର ଅନ୍‌ଲାଇନ୍ ପାଠପଢ଼ା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ହ୍ୱାଟ୍ସଆପ୍ ଗ୍ରୁପ୍ ତିଆରି ହେଲା। ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଗ୍ରୁପ୍‌ରେ ରହି ପାଠପଢ଼ା ଆରମ୍ଭ କଲେ। ମାତ୍ର ଏହା ଶତପ୍ରତିଶତ ଫଳପ୍ରଦ ହେଲା ନାହିଁ। କାରଣ ଅଧିକାଂଶ ଛାତ୍ରୀଛାତ୍ରଙ୍କର ଆଣ୍ଡ୍ରଏଡ୍ ଫୋନ୍ ନ ଥିବାରୁ ସେମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ନେଟ୍‌ୱର୍କ ନ ଥିବାରୁ କେତେକ ଛାତ୍ରୀଛାତ୍ର ଗଛ ଉପରେ, ପାଣି ଟାଙ୍କି ଉପରେ ଅଥବା ପାହାଡ଼ ଉପରେ ବସି ପାଠ ପଢ଼ିଲେ। ଗଣମାଧ୍ୟମରେ ଏହାର ଦୟନୀୟ(ଅତିରଞ୍ଜିତ) ଚିତ୍ର ପ୍ରକାଶ ପାଇଲା। ସରକାର 'ଦୂରଦର୍ଶନ' ଚ୍ୟାନେଲ୍ ମାଧ୍ୟମରେ ମଧ୍ୟ ଶିକ୍ଷାଦାନ ବ୍ୟବସ୍ଥା କଲେ। କିନ୍ତୁ ଡିଟିଏଚ୍ ବ୍ୟବହାର ଯୋଗୁ ଦର୍ଶକଙ୍କ ପସନ୍ଦରୁ 'ଦୂରଦର୍ଶନ' ପ୍ରାୟ ଏକରକମ ବିଦା ହୋଇଯାଇଛି। ତା' ସତ୍ତ୍ୱେ କିଛି ପିଲା ଆଶ୍ୱସ୍ତ ହେଲେ। ଆମ ରାଜ୍ୟରେ ତ ବିଜୁଳିର ଲୁଚକାଳି ଖେଳ କିଛି ନୂଆ କଥା ନୁହେଁ। କେଉଁଠି ଟିଭି ଚାଲିଲା ତ ଆଉ କେଉଁଠି ଚାଲିଲା ନାହିଁ। ଏଥିରେ ଅଭିଭାବକମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କଲେ। ସବୁ କ୍ଷେତ୍ରରେ ନିରାଶ ହୋଇ ସରକାର 'ରେଡିଓ ପାଠଶାଳା'ର ଶୁଭ ଉଦ୍‌ଘାଟନ କଲେ। ଉଦ୍ଦେଶ୍ୟ ଥିଲା ଛାତ୍ରୀଛାତ୍ରମାନେ ରେଡିଓ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବେ। ଟିଭି-ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଯୋଗୁ ରେଡିଓ ଯେ କେବେଠାରୁ ବିଦା ହୋଇଗଲାଣି, ଏକଥା ବୋଧେ ସରକାରଙ୍କୁ ଜଣା ନ ଥିଲା। ତା' ସତ୍ତ୍ୱେ ବିଚ୍ଛିନ୍ନାଞ୍ଚଳରେ କିଛି ପିଲା ଆଲିମାଲିକାରେ ପଡ଼ିଥିବା ରେଡିଓକୁ ଉଦ୍ଧାର କରି ଶ୍ରୋତା ପାଲଟି ଗଲେ। ଏହି ପ୍ରକ୍ରିୟା ମଧ୍ୟ ଫଳପ୍ରଦ ହେଲା ନାହିଁ। ଶେଷକୁ ସ୍କୁଲ-କଲେଜ ଖୋଲିବା-ନ ଖୋଲିବାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର୍ ଧରିଛି। ଚଳିତ ଅକ୍ଟୋବର ପରେ ପରିସ୍ଥିତିକୁ ଦେଖି ସରକାର ହୁଏତ କିଛି ନିଷ୍ପତ୍ତି ନେଇପାରନ୍ତି।

ସ୍କୁଲ ବନ୍ଦ ଯୋଗୁ ଛାତ୍ରୀଛାତ୍ରମାନଙ୍କର ଯେତେ କ୍ଷତି ଘଟିଲାଣି ସେ ସମ୍ପର୍କରେ ୟୁନେସ୍କୋ ଯେଉଁ ସତର୍କ ଘଣ୍ଟି ବଜାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଦେଶର ଅର୍ଥନୀତିକୁ କୋଭିଡ୍ ମହାମାରୀ ଯେତେ ପ୍ରଭାବିତ କରିଛି ତାହା ପରୋକ୍ଷ ଭାବେ ଶିକ୍ଷା ବ୍ୟବସ୍ଥାକୁ ଆକ୍ରାନ୍ତ କରିଛି। ଫଳରେ ଆସନ୍ତା ଶିକ୍ଷା ବର୍ଷରେ ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବ ଏବଂ ୨୩.୮ ମିଲିଅନ୍ ଛାତ୍ରୀଛାତ୍ର ନିଜ ପାଠପଢ଼ାରେ ସବୁ ଦିନ ପାଇଁ ଡୋରି ବାନ୍ଧିବେ। ଅନ୍ୟପକ୍ଷରେ ଲକ୍‌ଡାଉନ୍ ଯୋଗୁ ଶିକ୍ଷା କ୍ଷେତ୍ରରୁ ଅବ୍ୟାହତି ନେଇଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନ ପ୍ରଭାବିତ ହେବ ଏବଂ ସେଥିଯୋଗୁ ଦେଶର ୪୨୦ ବିଲିଅନ୍ ଡଲାର କ୍ଷତି ଘଟିବ। କଥାଟିକୁ ବୁଝିବା ଆମ ପରି ସାଧାରଣ ଲୋକଙ୍କ ପକ୍ଷେ ସେତେ ସହଜ ହେଉ ନ ଥିଲେ ମଧ୍ୟ ତାହାର କୁପରିଣାମ ଆମକୁ ଭୋଗିବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କର ଶିକ୍ଷାଗ୍ରହଣରେ ପାଖାପାଖି ଯେଉଁ ଗୋଟିଏ ଶିକ୍ଷାବର୍ଷ ନଷ୍ଟ ହୋଇଗଲା ତାହାର ପ୍ରଭାବ ସୁଦୂରପ୍ରସାରୀ। ଏହାକୁ ଆମମାନଙ୍କୁ ସ୍ୱୀକାର କରିବାକୁ ହେବ।

ସ୍କୁଲ-କଲେଜ ଖୋଲିଲେ ଛାତ୍ରୀଛାତ୍ରମାନେ ଯେ କେବଳ ପାଠ ପଢ଼ନ୍ତି ତାହା ନୁହେଁ, ପାଠପଢ଼ା ସହିତ କୋକରିକୁଲାର ଓ ଏକ୍ସଟ୍ରା କରିକୁଲାର କାର୍ଯ୍ୟକ୍ରମ ଗତିଶୀଳ ହୋଇଥାଏ। ଛାତ୍ରୀଛାତ୍ରମାନେ ଆଳସ୍ୟମୁକ୍ତ ହୋଇଥାନ୍ତି। ନୀତିନିର୍ଘଣ୍ଟ ସେମାନଙ୍କୁ ଅଧିକ ସକ୍ରିୟ କରେ ଏବଂ ଶାରୀରିକ ଓ ମାନସିକ ସ୍ତରରେ କ୍ରିୟାଶୀଳ କରିଥାଏ। ଦୀର୍ଘ ଆଠ ମାସ ହେଲା ଏହି ସବୁ ପ୍ରକ୍ରିୟାରେ ପ୍ରାୟ ଭଙ୍ଗା ପଡ଼ିଯାଇଛି। ଛାତ୍ରୀଛାତ୍ରମାନେ ସ୍ଥାଣୁତାର ଶିକାର ହୋଇଯାଇଛନ୍ତି।

ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ଶ୍ରେଣୀଶିକ୍ଷା। ଆମ ପିଲାମାନେ ଯଦି ଏକଲବ୍ୟ ହୋଇଥାନ୍ତେ ତେବେ ଆମକୁ ବେଶି ଚିନ୍ତା କରିବାକୁ ପଡ଼ନ୍ତା ନାହିଁ। ଅନ୍‌ଲାଇନ୍, ଅଫ୍‌ଲାଇନ୍ ନିର୍ବିଶେଷରେ ସେମାନେ ନିଜ ଆବଶ୍ୟକତାକୁ ମେଣ୍ଟାଇ ଦିଅନ୍ତେ। ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାହା ଫଳପ୍ରଦ ହେଉ ନାହିଁ। ଶ୍ରେଣୀ ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ଅନୁଭୂତ ହେଉଛି। ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷକଙ୍କ ଶିକ୍ଷାଦାନ ଛାତ୍ରୀଛାତ୍ରମାନଙ୍କୁ ଆଶାତୀତ ପ୍ରଭାବିତ କରିଥାଏ। ଶିକ୍ଷକଙ୍କ ଶିକ୍ଷାଦାନ ପ୍ରଣାଳୀ, ବିଷୟବସ୍ତୁର ଅନୁଶୀଳନ, କଳାପଟା ଓ ପାଠ୍ୟ ଉପକରଣର ବ୍ୟବହାର ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ଭାବର ଆଦାନପ୍ରଦାନ ଶ୍ରେଣୀଶିକ୍ଷାକୁ ପ୍ରାଣବନ୍ତ କରିଥାଏ। ଫଳରେ ଛାତ୍ରୀଛାତ୍ରମାନେ ଚଳଚଞ୍ଚଳ ହୋଇଥାନ୍ତି ଏବଂ ଶିକ୍ଷାଦାନରେ ସେମାନଙ୍କର ଅଂଶଗ୍ରହଣ ବିଷୟଗତ କ୍ଲିଷ୍ଟତାକୁ ସାବଲୀଳ କରିଥାଏ। ଛୁଟି ଦିନଗୁଡ଼ିକୁ ତୁଳନାତ୍ମକଭାବେ ବିଚାର କଲେ ଏ କ୍ଷେତ୍ରରେ ଶ୍ରେଣୀଶିକ୍ଷାର ଗୁରୁତ୍ୱକୁ ସହଜରେ ଉପଲବ୍ଧି କରିହୁଏ। ତେଣୁ ଶ୍ରେଣୀଶିକ୍ଷାକୁ ବାଦ୍ ଦେଇ ଅନ୍ୟ କୌଣସି ଫଳପ୍ରଦ ବିକଳ୍ପ କଥା ଚିନ୍ତା କରାଯାଇପାରିବ ନାହିଁ।

କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କେତେକ ରାଜ୍ୟରେ ସ୍କୁଲ-କଲେଜ ଖୋଲିଲାଣି। ପୂଜା ଛୁଟି ପରେ ଆମ ରାଜ୍ୟରେ ଆରମ୍ଭ କରିବାକୁ ସରକାର ଚିନ୍ତା କରୁଛନ୍ତି। ତାହା ମଧ୍ୟ ହେବା ଉଚିତ। ସତର୍କତା ସହିତ ପରିଚାଳନା କରିପାରିଲେ ଆମ ପାଇଁ ସେତେ ବିପଜ୍ଜନକ ହେବ ନାହିଁ। କୋଭିଡ୍ ସେଣ୍ଟର୍ ହୋଇଥିବା ପ୍ରତ୍ୟେକଟି ସ୍କୁଲ-କଲେଜକୁ ପ୍ରଥମେ ପୂରା ମାତ୍ରାରେ ବିଶୋଧନ କରିବା ଅତ୍ୟନ୍ତ ଜରୁରୀ। ବିଶୋଧିତ ଶୌଚାଳୟ ସହିତ ନିରାପଦ ପାନୀୟଜଳର ସୁବନ୍ଦୋବସ୍ତ କରାଯିବା ନିହାତି ଆବଶ୍ୟକ। ମଧ୍ୟାହ୍ନଭୋଜନରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବା ମଧ୍ୟ ଦରକାର। ଶ୍ରେଣୀ ପ୍ରକୋଷ୍ଠର ଆୟତନକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଗ୍ରୁପ୍ କରାଯିବା ସହିତ ପାଠପଢ଼ାର ସମୟ ଓ ଦିନକୁ ଅଦଳବଦଳ କରି ଶିକ୍ଷାଦାନ କରାଯାଇ ପାରେ। ପ୍ରବେଶ ପଥରେ ଥର୍ମୋସ୍କ୍ରିନର୍ ରଖାଯିବା ସାଙ୍ଗେ ସାଙ୍ଗେ ପିଲାମାନଙ୍କର ମାସ୍କ, ଗ୍ଲୋଭସ୍ ଆଦିକୁ ମଧ୍ୟ ତନଖି କରିବା ଦରକାର। ପ୍ରତ୍ୟେକଟି ଶ୍ରେଣୀରେ ସାନିଟାଇଜର୍ ଓ ହ୍ୟାଣ୍ଡ୍‌ୱାଶ୍‌ର ବ୍ୟବସ୍ଥା ମଧ୍ୟ ହେବା ଦରକାର। ମଝିରେ ମଝିରେ ପ୍ରଶାସନ ଦ୍ୱାରା ଏ ସବୁର ତଦାରଖ ହେବା ସହିତ ବିଦ୍ୟାଳୟର କାନ୍ଥବାଡ଼ରେ ସଚିତ୍ର ପୋଷ୍ଟର୍ ଲଗାଗଲେ ଛାତ୍ରୀଛାତ୍ରମାନେ ଅଧିକ ଯତ୍ନବାନ ହେବେ। ଛାତ୍ରୀଛାତ୍ରମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ପ୍ରତ୍ୟେକଟି ବିଦ୍ୟାଳୟରେ ହେବା ଦରକାର। ଏ ସବୁଥିରେ ଅଭିଭାବକମାନଙ୍କ ସହଯୋଗ ରହିବା ସର୍ବାଦୌ ଉଚିତ ହେବ। ସରକାର ତ ପାଠ୍ୟକ୍ରମକୁ ୩୦ ଶତାଂଶ ହ୍ରାସ କରିଛନ୍ତି। ଅବଶିଷ୍ଟ ଅଂଶକୁ ଆବଶ୍ୟକ ସ୍ଥଳେ ଏକ୍ସଟ୍ରା କ୍ଲାସ୍ କରି ଭରଣା କରିବା କଷ୍ଟକର ହେବ ନାହିଁ। ଏବେ ସୁଦ୍ଧା ଛାତ୍ରୀଛାତ୍ରମାନେ ବହୁତ କ୍ଷତିଗ୍ରସ୍ତ ହେଲେଣି। ଅଧିକ ବିଳମ୍ବ କରିବା ଆଉ ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ। ଅତ୍ୟନ୍ତ ସତର୍କତାର ସହିତ ପାଠପଢ଼ା ଆରମ୍ଭ କରାଗଲେ ପରିସ୍ଥିତି ଆସ୍ତେ ଆସ୍ତେ ସ୍ୱାଭାବିକ ହେବ।

କପିଳା, ଯାଜପୁର
ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ଦେଶସେବା ପରେ ଏବେ ଚାଷରେ ଲାଗିଛନ୍ତି ରାଜସ୍ଥାନର ମୋତି ସିଂ। ତାଙ୍କ ଚାଷକୁ ନେଇ ଚର୍ଚ୍ଚା ହେଉଛି ଏଇଥିପାଇଁ ଯେ, ସେ ଦେଢ଼ଫୁଟ ଲମ୍ବର ଲଙ୍କା ଫଳାଉଛନ୍ତି। ମୋତି ସେନାରେ ଚାକିରି କରିଥିଲେ। ସେଥିରୁ ଅବସର ନେବା ପରେ ସେ ଜୈବିକ ପଦ୍ଧତିରେ ଚାଷ କରି ସବୁଠୁ ଲମ୍ବା ଲଙ୍କା ଫଳାଇବାରେ ସକ୍ଷମ ହୋଇଛନ୍ତି। ୧୯୯୨ରେ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ସେ ଗୁରୁତର ଆହତ ହୋଇଥିଲେ। ସୁସ୍ଥ ହେବା ପରେ ୧୯୯୫ରେ ସେନାରୁ ଅବସର ନେଇ ସ୍ଲେମା ଗାଁରେ ଚାଷ ଆରମ୍ଭ କରିଥିଲେ। ମୋତିଙ୍କ ବୟସ ୫୧। ଅବସର ସମୟରେ ସେ ପାଇଥିବା ୧.୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରଥମେ ଟମାଟୋ ଚାଷ କରି ୮୦,୦୦୦ ଟଙ୍କା ଲାଭ ପାଇଥିଲେ। ପରେ ସେ ପଲିହାଉସ ନିର୍ମାଣ କରି ଲଙ୍କା ଚାଷ ଆରମ୍ଭ କଲେ। ଏବେ ସେଥିରେ ସେ ଦେଢ଼ଫୁଟ ଲମ୍ବର ଲଙ୍କା ଫଳାଉଛନ୍ତି। ଲଙ୍କା ସହ ସେ ଟମାଟୋ, କାକୁଡ଼ି, କ୍ୟାପ୍ସିକମ୍ ବି ଚାଷ କରୁଛନ୍ତି। ସେ ଲମ୍ବା ଲଙ୍କା ଫଳାଇ ଗିନିଜ୍ ବୁକ୍ସ ଅଫ୍ ରେକର୍ଡସ୍‌ରେ ତାଙ୍କ ନାମ ସାମିଲ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ପଲିହାଉସରେ ଚାଷ କରି ପ୍ରଚୁର ଲାଭ ପାଉଥିବାରୁ ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଜାଣିବା ଲାଗି ବିଭିନ୍ନ ଜାଗାରୁ ଚାଷୀମାନେ ଆସୁଛନ୍ତି। ସେ ଚାଷରେ ବହୁ ପୁରସ୍କାର ଲାଭ କରିଛନ୍ତି। ଅନେକ ମନ୍ତ୍ରୀ ଓ ସରକାରୀ ଅଧିକାରୀ ତାଙ୍କ ପଲିହାଉସ ପରିଦର୍ଶନରେ ଆସୁଛନ୍ତି। ତେବେ ଯୁବପିଢ଼ିଙ୍କୁ ଏହି ପଦ୍ଧତିରେ ଚାଷ ପ୍ରତି ଆକୃଷ୍ଟ କରିବା ପାଇଁ ସେ ଅଭିଯାନ ଆରମ୍ଭ କରିଦେଇଛନ୍ତି।

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର
ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି
ହୃଦ ଯାଏ ତାତି।

(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅକ୍ଟୋବର ୧୯୯୫

- ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦକ୍ଷିଣ କୋରିଆ ଓ ସୁଇଜରଲାଣ୍ଡ ମଧ୍ୟରେ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ତାମିଲନାଡୁସ୍ଥିତ ଭେଲୋର ତାଲୁକର କାନିୟାମବାଡ଼ିଠାରେ ଏକ ଘରୋଇ ବସ୍ ଗଛରେ ପିଟିହୋଇଯିବା ଫଳରେ ୧୯ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଭାରତୀୟ କ୍ରିକେଟ ବୋର୍ଡର ଅନୁମୋଦନ ଓ ସ୍ୱୀକୃତି କ୍ରମେ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି କ୍ରିକେଟ ଖେଳିବାକୁ ସିକିମ୍‌ର ଯୋଗ୍ୟତା ଅର୍ଜନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 1 | 7 | | | 4 | 8 | | B | A | 9 | | |
| 5 | 7 | | D | | | | | | | | | 3 | 1 | |
| | | | 6 | | | 3 | | | | | | 8 | | 4 |
| 4 | | A | 0 | | | | 6 | 9 | C | 7 | | | | |
| | D | 6 | | | A | | | | | E | | | 0 | |
| 1 | | | | | | C | | | | | | 4 | | |
| | | C | | 5 | | | | | | 2 | | | | |
| 8 | | | | | | | | | | | | E | | 6 |
| | B | 4 | | | | | | | 8 | A | 0 | | 5 | 3 |
| 6 | 5 | | | | | | | | 9 | | B | C | | 2 |
| | | | | | | | 2 | | 6 | C | 3 | | | |
| C | 4 | | 5 | | | | 1 | | | | 8 | | B | |
| | 6 | 9 | | A | E | | | | | | | | | 0 |
| B | A | | | | 9 | | D | 7 | | | 5 | | | 1 |
| E | | 0 | | | C | | 3 | | | | D | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 2 | 8 | E | 3 | 9 | D | B | 1 | 7 | 0 | 5 | 6 | C |
| 5 | D | 3 | C | 7 | 1 | 8 | 2 | 0 | A | 6 | B | 4 | E | 9 |
| 1 | 8 | B | 4 | 2 | A | 5 | C | 6 | 3 | 9 | E | 7 | 0 | D |
| C | 6 | 9 | B | 0 | 5 | 1 | E | 7 | D | 2 | 4 | A | 3 | 8 |
| 7 | E | 0 | 6 | 9 | D | 4 | A | 3 | 8 | 5 | C | B | 1 | 2 |
| 8 | B | D | 2 | 5 | 4 | A | 0 | 1 | E | C | 3 | 6 | 9 | 7 |
| 6 | 3 | C | E | D | 9 | 7 | 4 | 5 | 0 | B | A | 2 | 8 | 1 |
| A | 2 | 4 | 0 | 8 | 7 | 6 | 3 | C | 9 | D | 1 | E | B | 5 |
| 0 | 1 | 7 | 3 | B | C | E | 9 | 2 | 6 | 8 | 5 | D | 4 | A |
| E | 9 | 5 | A | 1 | 6 | D | B | 8 | 2 | 4 | 7 | 0 | C | 3 |
| B | 4 | 1 | D | 3 | 8 | C | 5 | E | 7 | A | 6 | 9 | 2 | 0 |
| 2 | 5 | 8 | 1 | 4 | 0 | B | 7 | 9 | C | E | D | 3 | A | 6 |
| 3 | 7 | E | 9 | C | B | 0 | 6 | A | 5 | 1 | 2 | 8 | D | 4 |
| D | C | 6 | 5 | A | 2 | 3 | 8 | 4 | B | 0 | 9 | 1 | 7 | E |
| 9 | 0 | A | 7 | 6 | E | 2 | 1 | D | 4 | 3 | 8 | C | 5 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ମେନିଆ-ଆଜରବୈଜାନ ଯୁଦ୍ଧର ବର୍ବରତା

ମହାଶୟ,

ନାଗୋର୍ଣ୍ଣ କାରାବାଖ ଉପରେ ନିଜ ନିଜର ପ୍ରଭୁତ୍ୱକୁ ଜାରିକରିବାକୁ ନେଇ ଆରମେନିଆ ଓ ଆଜରବୈଜାନ ମଧ୍ୟରେ ଚାଲିଥିବା ଭୀଷଣ ଯୁଦ୍ଧରେ ୫୫ ହଜାର ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିସାରିଛନ୍ତି। ହଜିଯାଇଛି ସମସ୍ତ ମାନବିକତା ଏଇ ଭୀଷଣ ଯୁଦ୍ଧର କ୍ରୂରତା ଓ ବର୍ବରତା ଭିତରେ। ଜୀବନର ମୂଲ୍ୟ ସତେ ଅବା ଲାଗେ ଆଜି ମୂଲ୍ୟହୀନ। ବିଶ୍ୱରେ ମାନବ ସଭ୍ୟତାରେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ପରିଲକ୍ଷିତ ହେବା ଦୁଃଖର ବିଷୟ, ଦୁର୍ଭାଗ୍ୟପୂର୍ଣ୍ଣ ଓ ଲଜ୍ଜାଜନକ। ବିଶ୍ୱର ସବୁ ମହାଶକ୍ତି ରାଷ୍ଟ୍ର ଏବଂ ଜାତିସଂଘର ନିରାପତ୍ତା ପରିଷଦ ନୀରବ ଦର୍ଶକ ସାଜିଛନ୍ତି। ଏଠାରେ ଜାତିସଂଘର ଦାୟିତ୍ୱବୋଧତା ଓ କର୍ତ୍ତବ୍ୟଜ୍ଞାନର ଭୂମିକା ଉପରେ ପ୍ରଶ୍ନବାଚୀ ଉଠିଛି। ଏଇ ଭୟାନକ ଯୁଦ୍ଧ ଚାଲିଥିବାବେଳେ କେତେକ ମହାଶକ୍ତି ରାଷ୍ଟ୍ର ଯୁଦ୍ଧକୁ ଉପଯୁକ୍ତ ବ୍ୟବସାୟର ସମୟ ଭାବେ ବିବେଚନା ପୂର୍ବକ ନିଜର ଅସ୍ତ୍ରଶସ୍ତ୍ର ବିକ୍ରିକରି ଲାଭବାନ ହେବାସହ ନିଜର ଯୁଦ୍ଧାସ୍ତ୍ରର ବ୍ୟବହାରିକ ବିଧ୍ୱଂସାତ୍ମକର ଗୁଣାତ୍ମକ ମାନକୁ ପରୀକ୍ଷା କରିବାଠାରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ଉଚିତ। ସବୁ ସମସ୍ୟାର ସମାଧାନ କରିବା ଓ ବିଶ୍ୱର ସମୂହ କଲ୍ୟାଣ ମୂଳଲକ୍ଷ୍ୟ ହେବା ଆବଶ୍ୟକ। ନଚେତ ମନୁଷ୍ୟ ଦ୍ୱାରା ଗଢିଉଠିଥିବା ସମୃଦ୍ଧ ସୁନ୍ଦର ସଭ୍ୟତାକୁ ଧ୍ୱଂସ ହେବାକୁ ସମୟ ଲାଗିବନାହିଁ। ଯୁଦ୍ଧ ପରେ କେହି ନ ଥିବେ ଜୟ ପରାଜୟର ଗାଥା ଶୁଣିବାକୁ। ଏଥିପାଇଁ ଆଧୁନିକ ବିଜ୍ଞାନଯୁଗର ସଭ୍ୟମଣିଷର ଅସଭ୍ୟ ମାନସିକତା ହିଁ ଏଥିପାଇଁ ଦାୟୀ ରହିବ।

ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୧୭,୩୪,୮୮୭ | ୧୧,୩୯,୬୪୭ | ୩,୧୦,୫୯,୫୬୫ |
| ଭାରତ | ୭୭,୫୬,୨୦୬ | ୧,୧୭,୨୨୨ | ୬୯,୪୧,୨୩୮ |
| ଓଡ଼ିଶା | ୨,୭୭,୦୯୪ | ୧୧୯୬(+୫୩) | ୨,୫୭,୦୪୧(+ ଅନ୍ୟ |

ଗୁରୁବାର ରାତି ୧୦ଟା ସୁଦ୍ଧା (ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# 'ସୁନନ୍ଦା ସମ୍ମାନ'କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଶାସ୍ତ୍ରୀୟ ସଙ୍ଗୀତରେ ଉତ୍କର୍ଷ ଲାଗି ରାଜ୍ୟର ଜଣେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞଙ୍କୁ 'ସୁନନ୍ଦା ସମ୍ମାନ' ମିଳିବ। ବିଶିଷ୍ଟ ସଙ୍ଗୀତ ଗୁରୁ ସ୍ୱର୍ଗତ ସୁନନ୍ଦା ପଟ୍ଟନାୟକଙ୍କ ନାମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ୨ ଲକ୍ଷ ୫୦ ହଜାର ଟଙ୍କା ଦିଆଯିବ। ପୂର୍ବରୁ ଏନେଇ ଘୋଷଣା ହୋଇଥିବାବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସୁନନ୍ଦା ସମ୍ମାନ'କୁ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ସୁନାମଧନ୍ୟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ତଥା ସଙ୍ଗୀତ ସାମ୍ରାଜ୍ଞୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ 'ସୁନନ୍ଦା ସମ୍ମାନ' ଓ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତାଙ୍କ ପରଲୋକ ପରେ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଥିଲେ। ତେବେ ଏହି ଘୋଷଣା ଅନୁସାରେ, ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରତିବର୍ଷ 'ସୁନନ୍ଦା ସମ୍ମାନ' ପ୍ରଦାନ କରାଯିବ। ସେହିଭଳି ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ। ପୁରୀ ଓ କଟକରେ ଥିବା ତାଙ୍କ ବାସଭବନକୁ ତାଙ୍କ ପରିବାରର ଅନୁମତିକ୍ରମେ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ଏଥିସହ ସୁନନ୍ଦାଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀରେ ସଂରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିବର୍ଷ ସ୍ୱର୍ଗତ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପାଳନ କରାଯିବ ବୋଲି ଘୋଷଣା ହୋଇଥିଲା। ସବୁଜ ଯୁଗର ପ୍ରଖ୍ୟାତ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଝିଅ ସୁନନ୍ଦା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଜଣେ ନିପୁଣ କଣ୍ଠଶିଳ୍ପୀ ଥିଲେ। ବିଧିବଦ୍ଧ ସଙ୍ଗୀତ ଶିକ୍ଷା ନ କରି ମଧ୍ୟ ପିଲାଦିନୁ ଗୀତ ଶୁଣି ଶୁଣି ନିଜେ ଗାଉଥିଲେ ଓ ପରବର୍ତ୍ତୀ ସମୟରେ ସଙ୍ଗୀତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୨୦୨୦ ଜାନୁୟାରୀ ୧୯ରେ ୮୫ବର୍ଷ ବୟସରେ ଏହି ଖ୍ୟାତନାମା କଣ୍ଠଶିଳ୍ପୀ ଆଖି ବୁଜିଥିଲେ।



# ଲିଙ୍ଗରାଜ ମନ୍ଦିର ବାହାର ଫଟୋ ମନୋମୁଗ୍ଧକର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲିଙ୍ଗରାଜ ମନ୍ଦିର ବାହାରୁ ଉତ୍ତୋଳିତ ହୋଇଥିବା ଏକ ଫଟୋକୁ ପୋଷ୍ଟ କରି ଏହା ଅତ୍ୟନ୍ତ ମନମୁଗ୍ଧକର ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଲିଙ୍ଗରାଜ ମନ୍ଦିର ଏକ ଦିବ୍ୟ ଅନୁଭବ ପ୍ରଦାନ କରୁଛି। ଜମି ଦାନ କରିଥିବା ଓ ସ୍ଥାନାନ୍ତର ହୋଇଥିବା ପ୍ରତିଟି ବ୍ୟକ୍ତିଙ୍କ ନିକଟରେ କୃତଜ୍ଞ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ମନ୍ଦିରର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଛନ୍ତି। ପ୍ରଥମେ ଜଗନ୍ନାଥ ମନ୍ଦିର ପରେ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ କାମ ଜାରି ରହିଛି।

# ଯୁକ୍ତ ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ

**ବିଜେବି ପୁଣି ଆଗରେ**

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଯୁକ୍ତ ୩ ଡିଗ୍ରୀ କଲେଜର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଖାଲିଥିବା ସିଟ୍‌ରେ ନାମଲେଖା ଲାଗି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ତଥା କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ପରି ଏଥର ମଧ୍ୟ ବିଭିନ୍ନ ବିଷୟରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ସର୍ବାଧିକ ରହିଛି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳରେ କଟ୍ ଅଫ୍ ୮୯% ଥିବାବେଳେ ଅର୍ଥନୀତିରେ ୮୬, ଇଂଲିଶରେ ୮୪, ରାଜନୀତି ବିଜ୍ଞାନରେ ୮୩, ସାମାଜିକ ବିଜ୍ଞାନରେ ୮୨, ମନୋ ବିଜ୍ଞାନରେ ୮୧, ପରିସଂଖ୍ୟାନରେ ୭୮, ହିନ୍ଦୀରେ ୭୭, ଶିକ୍ଷାରେ ୭୭, ଗଣିତରେ ୭୬, ଦର୍ଶନଶାସ୍ତ୍ରରେ ୭୨, ଇତିହାସରେ ୭୨% ରହିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫିଜିକାଲ ସାଇନ୍ସ ବିଭାଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତରେ ୯୫% ଥିବାବେଳେ ପଦାର୍ଥ ବିଜ୍ଞାନ, ପରିସଂଖ୍ୟାନ ଓ ରସାୟନ ବିଜ୍ଞାନରେ ୯୩% ଲେଖାଏ ଓ ଭୂତତ୍ତ୍ୱ ବିଜ୍ଞାନରେ କଟ୍ ଅଫ୍ ମାର୍କ ରାଜଧାନୀ କଲେଜର ୮୭% ରହିଛି। ବାୟୋଲୋଜିକାଲ ସାଇନ୍ସ ବିଭାଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଷୟରେ କଟ୍ ଅଫ୍ ମାର୍କ ୯୪%, ଉଦ୍ଭିଦ ବିଜ୍ଞାନରେ ୯୧% ରହିଥିବାବେଳେ ବାୟୋ-ଟେକ୍ନୋଲୋଜିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୬% ରହିଛି। ସେହିଭଳି ବାଣିଜ୍ୟ ବିଭାଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ କଟ୍ ଅଫ୍ ମାର୍କ ୮୬% ରହିଛି। ଶାସ୍ତ୍ରୀରେ ବୋଲଗଡ଼ସ୍ଥିତ ରାଧାମାଧବ ସଂସ୍କୃତ କଲେଜର କଟ୍ ଅଫ୍ ମାର୍କ ୬୬% ଓ ସେଲ୍ଫ ଫାଇନାନ୍ସ ବିଭାଗରେ ବାୟୋ-ଟେକ୍ନୋଲୋଜିରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ସର୍ବାଧିକ ୮୮% ରହିଛି। ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ୨୨,୦୧୬ ଜଣ ମନୋନୀତ ହୋଇଛନ୍ତି। କଳା ବିଭାଗରେ ସର୍ବାଧିକ ୧୨,୦୬୯ଜଣ ରହିଥିବାବେଳେ ଫିଜିକାଲ ସାଇନ୍ସରେ ୪,୧୧୯, ବାୟୋଲୋଜିକାଲ ସାଇନ୍ସରେ ୩,୪୬୫, ବାଣିଜ୍ୟରେ ୧୭୮୧, ସେଲ୍ଫ ଫାଇନାନ୍ସିଂରେ ୩୯୮ ଓ ସଂସ୍କୃତରେ ୧୮୪ ଜଣ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୦ ହଜାର ୫୩୨ଜଣ ଛାତ୍ର ଓ ୧୧ ହଜାର ୪୮୪ ଜଣ ଛାତ୍ରୀ ରହିଛନ୍ତି। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ୨୯ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନରେ ନାମଲେଖା ଫି' ଦାଖଲ କରିବେ। ଅକ୍ଟୋବର ୨୭ରୁ ନଭେମ୍ବର ୩ ମଧ୍ୟରେ ନାମଲେଖା ହେବ।

# ରେଳ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ମୋବାଇଲ୍ ଆପ୍

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ପୂର୍ବତଟ ରେଳପଥର କର୍ମଚାରୀମାନେ ବର୍ତ୍ତମାନ ମୋବାଇଲ୍ ଆପ୍ ମାଧ୍ୟମରେ ସେମାନଙ୍କ ସେବା ସହ ଜଡିତ ତଥ୍ୟ ଏବଂ ନଥିପତ୍ର ଦେଖିପାରିବେ। ଆବଶ୍ୟକ ହେଲେ କୌଣସି ପରିବର୍ତ୍ତନ ପାଇଁ ଏହି ଆପ୍ ମାଧ୍ୟମରେ ରେଳ ପ୍ରଶାସନ ସହିତ ଯୋଗାଯୋଗ କରିପାରିବେ। କର୍ମଚାରୀଙ୍କ ନିଯୁକ୍ତି ଓ କାର୍ଯ୍ୟରେ ଯୋଗଦାନଠାରୁ ସେମାନଙ୍କର ପ୍ରତିଟି ସେବାର ତଥ୍ୟ, ବେତନ ବୃଦ୍ଧି, ପଦୋନ୍ନତି, ପୁରସ୍କାର, ସ୍ଥାନାନ୍ତର, ନୂତନ ପଦବୀରେ ଯୋଗଦେବା, ଛୁଟି, ତାଲିମ ଏବଂ ଅବସରକାଳୀନ ସୁବିଧା ପାଇଁ ପରିବାର ସଭ୍ୟ ଚୟନ ସଂକ୍ରାନ୍ତ ସମସ୍ତ ତଥ୍ୟ ଏଥିରେ ଉପଲବ୍ଧ ରହିଛି। ଏହି ଆପ୍ ରେଳ କର୍ମଚାରୀ ଓ ପ୍ରଶାସନ ମଧ୍ୟରେ ଯୋଗାଯୋଗ ପାଇଁ ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା ଭାବେ କାର୍ଯ୍ୟକରିବ। ରେଳ କର୍ମଚାରୀଙ୍କର ପ୍ରାୟ ୯୫% ସେବା ତଥ୍ୟ ଏବେ ସୁଦ୍ଧା ଏହି ମଡ୍ୟୁଲ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଆପ୍ ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ଅଛି। ରେଳ କର୍ମଚାରୀଙ୍କ ପାଇଁ ଉପଲବ୍ଧ ଏଚ୍‌ଆର୍‌ଏମ୍‌ଏସ୍ ମୋବାଇଲ୍ ଆପ୍ ଦ୍ୱାରା ମଧ୍ୟ ଏହି ନୂଆ ଆପ୍‌ର ବ୍ୟବହାର କରିହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଜାହାଜରୁ ଖସିପଡ଼ିଲେ ୩ ନାବିକ

**ପାରାଦୀପ,୨୨।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିକଟସ୍ଥ ଆଙ୍କରେଜ ଅଞ୍ଚଳ ସମୁଦ୍ରରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ମାଲ୍ଟା ଫ୍ଲାଗ୍ ବହନକାରୀ ଲୁହାପଥର ପରିବହନ କରିବାକୁ ବାଂଲାଦେଶରୁ ଆସିଥିବା ଓସନ ସେଞ୍ଚୁରୀ ନାମକ ଜାହାଜର ସେଫ୍ଟି ବୋଟ୍‌ରୁ ୩ଜଣ ଯନ୍ତ୍ରୀ(ନାବିକ)ଖସିପଡ଼ି ସମୁଦ୍ରରେ ଭାସି ଯାଇଥିଲେ। ସେମାନଙ୍କୁ ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଉକ୍ତ ଜାହାଜ ପାରାଦୀପର ଆଙ୍କରେଜ୍‌ରେ ଅପେକ୍ଷା କରିଥିଲା। ସମ୍ପୃକ୍ତ ୩ ନାବିକ ଜାହାଜର ସେଫ୍ଟି ବୋଟ୍‌ରେ ବସି କାମ କରୁଥିଲେ। ବର୍ଷାଯୋଗୁ କୌଣସି କାରଣ ବଶତଃ ସେହି ସେଫ୍ଟିବୋଟଟି ଜାହାଜରୁ ପାଣିକୁ ଖସିପଡ଼ି ବୁଡ଼ି ଯାଇଥିଲା। ସମୁଦ୍ର ଅଶାନ୍ତ ଥିବାରୁ ସମ୍ପୃକ୍ତ ନାବିକମାନେ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ସେକେଣ୍ଡ ଓ ଥାର୍ଡ ଇଞ୍ଜିନିୟର ଏବଂ ଅନ୍ୟ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ଏସମ୍ପର୍କରେ ଜାହାଜର କ୍ୟାପଟେନ ତୁରନ୍ତ ପୋର୍ଟ ମେରାଇନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇବା ମାତ୍ରେ ବନ୍ଦର ହାର୍ବର ମାଷ୍ଟର ଅଲେଖ ଚନ୍ଦ୍ର ସାହୁଙ୍କ ଉଦ୍ୟମରେ ପାଟ୍ରୋଲିଂ କ୍ରାଫ୍ଟ ଓ ଟଗ୍ ବୋଟ୍‌କୁ ପଠାଯାଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ବୁଡିଯାଇଥିବା ସେଫ୍ଟି ବୋଟ୍‌କୁ ଉଦ୍ଧାର କରି ବନ୍ଦର ମଧ୍ୟକୁ ଅଣାଯିବା ପାଇଁ ଉଦ୍ୟମ ଜାରି ରହିଛି। ପ୍ରକାଶଯେ, ୨୦୦୯ ସେପ୍ଟେମ୍ବର ୯ରେ ବୁଡିଥିବା ବ୍ଲାକରୋଜ ଜାହାଜରୁ ୨୬ ଜଣଙ୍କୁ ମେରାଇନ ବିଭାଗ ଉଦ୍ଧାର କରିଥିଲା।



ଉଦ୍ଧାର ହୋଇଥିବା ୩ ନାବିକ।

# ଜେଡିୟୁ-ଭାଜପା ସପକ୍ଷରେ ୫୦% ବିହାରୀ

**ନୂଆଦିଲ୍ଲୀ,୨୨।୧୦ (ଆଇଏଏନ୍‌ଏସ୍)**

ବିହାରରେ କ୍ଷମତାସୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ମେଣ୍ଟ ସରକାର ଉପରେ ୫୦% ଲୋକ ସନ୍ତୁଷ୍ଟ ଥିବା ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ୫୭% ଉତ୍ତରଦାତାଙ୍କ ମତରେ ଶାସକ ଦଳ ଉପରେ ସେମାନେ ସନ୍ତୁଷ୍ଟ ଅଛନ୍ତି। ୩୪% ଲୋକ କିଛି ମତ ଦେଇ ନ ଥିବାବେଳେ ୧୦% ଅସନ୍ତୁଷ୍ଟ ଥିବା କହିଛନ୍ତି। ବିହାରର ୨୮ ଜିଲାରେ ମାର୍କେଟ ଗବେଷଣା ସଂସ୍ଥା ମାର୍କେଟ ଏକ୍ସେଲ ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

# ଅନ୍‌ଲାଇନ୍‌ରେ ହେବ ଏସ୍‌ଓଏଫ୍ ଅଲିମ୍ପିଆଡ୍

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):**

ଚଳିତ ଶିକ୍ଷାବର୍ଷ ପାଇଁ ଅଲିମ୍ପିଆଡ୍ ପରୀକ୍ଷା ଘୋଷଣା କରିଛି ସାଇନ୍ସ ଅଲିମ୍ପିଆଡ୍ ଫାଉଣ୍ଡେଶନ (ଏସ୍‌ଓଏଫ୍)। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ନିଜ ଘରେ ବସି ଅନ୍‌ଲାଇନ୍‌ରେ ପରୀକ୍ଷା ଦେବାକୁ ନିଷ୍ପତ୍ତି ନେଇଛି। ସେହିଭଳି ମାତ୍ର ୪ଟି ଅଲମ୍ପିଆଡ୍ ପରୀକ୍ଷା କରାଯିବ। ସେଗୁଡିକ ହେଲା ଏସ୍‌ଓଏଫ୍ ଅନ୍ତର୍ଜାତୀୟ ସାଧାରଣଜ୍ଞାନ ଅଲିମ୍ପିଆଡ୍, ଏସ୍‌ଓଏଫ୍ ଅନ୍ତର୍ଜାତୀୟ ଇଂଲିଶ ଅଲିମ୍ପିଆଡ୍, ଏସ୍‌ଓଏଫ୍ ଅନ୍ତର୍ଜାତୀୟ ଜାତୀୟ ବିଜ୍ଞାନ ଅଲିମ୍ପିଆଡ୍ ଓ ଏସ୍‌ଓଏଫ୍ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍। ପରୀକ୍ଷା ପରିଚାଳନା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିବା ଏସ୍‌ଓଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ଭାଗନେଉଥିବାବେଳେ ଗତବର୍ଷ ଭୁବନେଶ୍ୱରରୁ ପାଖାପାଖି ୮୭ ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।


OTPC
**ODISHA THERMAL POWER CORPORATION LTD.**
Regd./Corp. Office – N3/B14, IRC VILLAGE, NAYAPALLY, BHUBANESWAR-751015
Ph-0674-2550732, Website- otpcl.com, Email- info@otpcl.com /otpcbbsr@gmail.com CIN:U40102OR2007SGC009145

**ସର୍ବସାଧାରଣଙ୍କ ନିମନ୍ତେ ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆମ୍ଭ କାର୍ଯ୍ୟାଳୟ **''ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍'' (ଓଟିପିସି)**ର ନାମ ଓ ଲୋଗୋ ବ୍ୟବହାର କରି କେତେକ ଠକ ସଂସ୍ଥା ବା ବ୍ୟକ୍ତିବିଶେଷ ଜନସାଧାରଣଙ୍କୁ ଜାଲ୍ ନିଯୁକ୍ତିପତ୍ର ଦେଇ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି ଯାହାକି ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ବର୍ତ୍ତମାନ ଓଟିପିସିରେ କୌଣସି ପଦବୀ ଖାଲି ନାହିଁ ଯଦି ବା ଭବିଷ୍ୟତରେ ଆବଶ୍ୟକ ପଡ଼େ ତା ହେଲେ ଏକ ସରକାରୀ ଉଦ୍ୟୋଗ ହିସାବରେ ଓଟିପିସି ତାର ପୂର୍ଣ୍ଣସ୍ୱଚ୍ଛତା ବଜାୟ ରଖିବା ସହିତ ଆଗଧାଡ଼ିର ସମ୍ବାଦପତ୍ର ବା ନିଯୁକ୍ତି ପତ୍ରିକାରେ ମୁକ୍ତ ବିଜ୍ଞାପନ ମାଧ୍ୟମରେ ପଦବୀ ପୂରଣ କରାଯିବ।

ତେଣୁ ସର୍ବସାଧାରଣଙ୍କୁ ଅନୁରୋଧ ଯେ ଏହିପରି ବେଆଇନ୍ କାର୍ଯ୍ୟକଳାପ କରୁଥିବା ଠକ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କର ଠକାମୀର ଶିକାର ହୁଅନ୍ତୁ ନାହିଁ। ଜାଲ୍ ନିଯୁକ୍ତିପତ୍ର ଦେଉଥିବା ଠକ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଓଟିପିସି କର୍ତ୍ତୃପକ୍ଷ କୌଣସି ପ୍ରକାରରେ ଦାୟୀ ରହିବେ ନାହିଁ।

ସ୍ୱା./-
ଓଟିପିସି କର୍ତ୍ତୃପକ୍ଷ



**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur,Via-Jatni,Dist-Khurda-752050
Phone- 0674-2494013, Fax-0674-2494004, web:- http://www.niser.ac.in

**Advt. No: NISER/ACAD/Ph.D/2020-21(2)**

**Notice for Admission to Ph.D. Programme – 2020-21 (Winter Session)**

Applications are invited from Indian citizens for admission to Ph.D Program scheduled to commence from **5th January, 2021** in the following schools at NISER Bhubaneswar:

1. **School of Biological Sciences (SBS)**
2. **School of Chemical Sciences (SCS)**
3. **School of Computer Sciences (SCPS)**
4. **School of Earth & Planetary Sciences (SEPS)**
5. **School of Mathematical Sciences (SMS)**

Candidates short-listed in School of Biological, Chemical, Computer, Earth & Planetary, Physical, Humanities & Mathematical Sciences vide advertisement No NISER/ACAD/Ph.D/2020-21(1) summer session NEED NOT APPLY AGAIN. Their names are already available on the NISER homepage and they will be called for test/interview. School of Physical Sciences and School of Humanities are not inviting fresh applications this time. Admissions into these two schools will be open only for candidates who are already short listed in summer.

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**

**Online application will be activated on : 21.10.2020 (Wednesday)**

**Last date for filling up online application : 05.11.2020 (Thursday)**

Kindly refer to our website **http://www.niser.ac.in** for details regarding eligibility criteria, application and selection procedure.

**Sd/- Dean (Academic Affairs)**



**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5625/P.S.C., (1E-11-2020-21) (DR-II)** — **Dt. 22.10.2020** — **Website- http://www.opsc.gov.in**

**No. D-88:-** It is for information of all concerned that the Preliminary written examination for recruitment of the post of Assistant Executive Engineer (Civil) in Odisha Panchayati Raj Engineering Service, under Department of Panchayati Raj & Drinking Water, pursuant to Advertisement No. 04 of 2020-21 will be held **on 29.11.2020 (Sunday) tentatively from 10.00 A.M. to 11.30 A.M. (10.00 A.M. to 12.00 Noon for PWD candidates).** The detail programme of the written examination showing venue will be notified later in due course.

The date of the written examination on 29.11.2020 is tentative and likely to be changed considering the then instruction & guidelines issued by the Government for maintaining safety for human life during conduct of examination in view of the Covid-19 pandemic. The candidates are advised to visit the website of OPSC regularly for the knowledge of conduct of the Preliminary written examination.

**Sd./- Secretary**
OIPR-12002/11/0048/2021



**Government of Odisha** — No. O-487
**OFFICE OF THE EXECUTIVE ENGINEER, RURAL WORKS DIVISION, NABARANGPUR**
e-mail: eerwngp@rediffmail.com, Phone No. 222023

**Letter No. 3296** — **e-Procurement Notice** — **Date: 20.10.2020**

Name of the Work : Building Works
Total No. of Works : 01 (One) No.
Approx. Estimated Cost : Rs.233.63 lakhs
Class of Contractor : "A", "B" Class of Contractor
Period of Completion : 12 (Twelve) Months

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division- I, Nabarangpur | EERWNGP-Online-08/2020-21 | 01 (One) No. | 05.11.2020 at 10.00 A.M. | 23.11.2020 upto 03.00 P.M. | 24.11.2020 at 11.00 A.M. |

For details can be seen from the Government website **www.tendersorissa.gov.in**.

**Sd./- Executive Engineer, Rural Works Division, Nabarangpur**
**OIPR-25092/11/0008/2021**



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**No. CAD-637** — **E-PROCUREMENT NOTICE**
**NIT No. OMC/E-PROC/CMC/22/2020** — **Dated: 22.10.2020**

| | | |
|---|---|---|
| 1 | Work Name | Geotechnical Site Investigation (SI) at OMC-SKP Underground Project |
| 2 | Availability of tender documents on the e-tendering portal of Government of Odisha | Date 22.10.2020, Time: 5.00 P.M. |
| 3 | Last date for sending queries to OMC | Date: 29.10.2020, Time: 5.00 P.M., queries may be sent by email to **sknayak@odishamining.in**, **dmanoharan@odishamining.in** and **cmc@odishamining.in** |
| 4 | Pre-bid Meeting | Date: 04.11.2020, Time: 11.00 A.M., Venue: MS Team (Video Conferencing) |
| 5 | Issue of responses to pre-bid queries, addendum/corrigendum, if required | Date: 06.11.2020 |
| 6 | Bid due date | Date: 12.11.2020, Time: 5.00 P.M. |
| 7 | Opening of Techno-Commercial Bid | Date: 13.11.2020, Time: 11.30 A.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Paper Fee (Non-refundable) including GST | Amount: INR 11,800/- (Rupees eleven thousand eight hundred only) including GST 18% Payable Online on the e-tender portal of Government of Odisha **(www.tendersodisha.gov.in)**. |
| 10 | Earnest Money Deposit (EMD) | Amount: INR 4,00,000/- (Rupees four lakh only). Payable online on the e-tender portal of Government of Odisha **(www.tendersodisha.gov.in)** |

All other details can be seen from the tender document available on the e-procurement portal of the Government of Odisha **(www.tendersodisha.gov.in)** and on the website of OMC **(www.omcltd.in)**. OMC reserves the right to reject any or all bids without assigning any reason thereof.

**Sd./- CGM (Material), Head (Contracts & Procurement)**
**OIPR-30005/11/0093/2021**



**JAJPUR MUNICIPALITY, JAJPUR**
**QUOTATION CALL NOTICE**

**No. 2907** — **Date: 22.10.2020**

The Executive Officer, Jajpur Municipality invites sealed quotations for the following nature of works.

1. **Supply & Installation of different type of Sclupture made from available Waste/Scrap materials (Paper Cost Rs.4000/-).**
2. **Supply & Delivery of different verities of Flowers including Transportation, Loading, Unloading, Manuring (Paper Cost Rs.4000/-).**

The intending bidders satisfying the eligible criteria as provided in the quotation paper can take part in the bidding process.

The quotation paper containing general bid information's, terms & conditions will be issued from the office of the undersigned w.e.f. 22.10.2020 to 05.11.2020 in the working days & hours respectively on payment of above specified amount against each project work. Such quotation paper after duly filled in shall be submitted to the undersigned by Regd. Post/Speed Post/ Courier Service on or before 05.11.2020 by 5.00 P.M. which shall be opened on 06.11.2020 at 11.00 A.M. in presence of the bidders or their authorised representatives in the Municipal Office, Jajpur. The date of opening shall not be deferred in the absence of either bidder or their authorised representatives.

The intending bidders are required to deposit the E.M.D. @ 1% of the quoted amount in shape of N.S.C./Bank Draft/Term Deposit Drawn/Pledged in favour of the Executive Officer, Jajpur Municipality, payable at Jajpur by 05.11.2020.

The authority reserves the right to reject or cancel the Notice without assigning any reason thereof.

**Sd./- Executive Officer, Jajpur Municipality**



**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀମାନଙ୍କରେ ଖାଲି ପଡ଼ିଥିବା ସଭାପତି, ଉପସଭାପତି ପଦ ଏବଂ ସମ୍ପାଦକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ**

**No. RR-08:-** ତା୨୨।୧୦।୨୦୨୦ରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞାପନର କ୍ରମାନୁବୃତ୍ତି ଅନୁଯାୟୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି, ଉପସଭାପତି ପଦ ଓ ସମ୍ପାଦକ ପଦବୀ ପାଇଁ ଚିତ୍ରକଳା, ଚାରୁ ଓ କାରୁକଳା ଓ ସ୍ଥାପତ୍ୟ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ଲଳିତକଳା ଏକାଡେମୀର ଉପସଭାପତି ପଦ ଓ ସମ୍ପାଦକ ପଦବୀ ପାଇଁ ନାଟ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି, ଉପସଭାପତି ପଦ ପାଇଁ ଏବଂ ଉର୍ଦ୍ଦୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କଠାରୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ଜୀବନୀ ତଥ୍ୟ (Bio-data) ସହ ଆସନ୍ତା ତା୧୨।୧୧।୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବିଜେବି ନଗର, ଭୁବନେଶ୍ୱର-୧୪କୁ ଆବେଦନ କରିପାରିବେ। ଏ ସମ୍ପର୍କିତ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ଆବଶ୍ୟକ ନମୁନା ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ବିଭାଗୀୟ Website: www.odishaculture.inକୁ ପରିଦର୍ଶନ କରିପାରିବେ।

ବି.ଦ୍ର.: ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଆବେଦନ କରାଯାଇଥିବା ଦରଖାସ୍ତକୁ ନାକଚ କରାଯାଇପାରିବ।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
OIPR-03001/11/0009/2021

## ସଂକ୍ଷେପରେ

### କରୋନା ମୃତ୍ୟୁ ସଂଖ୍ୟା ୧୫ ହେଲା

**ଢେଙ୍କାନାଳ ଅଫିସ, ୨୨।୧୦:** ଢେଙ୍କାନାଳ ଜିଲାରେ କରୋନାରେ ସଂକ୍ରମିତ ହୋଇ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧରେ ପରଜଙ୍ଗ ବ୍ଲକର ଜଣେ ୫୦ ବର୍ଷୀୟା ମହିଳା ଏବଂ ଓଡ଼ାପଡ଼ା ବ୍ଲକର ଜଣେ ୪୨ ବର୍ଷୀୟ ବ୍ୟକ୍ତି ଅଛନ୍ତି। ଷ୍ଟେଟ୍ କରୋନା ଡେଥ୍ ଅଡିଟ୍ ଟିମ୍ ଦ୍ୱାରା ଏହା ସ୍ପଷ୍ଟ କରାଯାଇଛି। ଏହାକୁ ମିଶାଇ ଜିଲାରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଜିଲାରୁ ଗୁରୁବାର ୪୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧରେ କାମାକ୍ଷାନଗର ବ୍ଲକ ଏବଂ ଏନ୍ଏସିର ୬, ଭୁବନ ବ୍ଲକ ଏବଂ ଏନ୍ଏସିର ୧୪, ହିନ୍ଦୋଳ ବ୍ଲକର ୫, ପରଜଙ୍ଗ ବ୍ଲକର ୧୬, ସଦର ବ୍ଲକର ୩, କଙ୍କଡ଼ାହାଡ଼ ବ୍ଲକର ୨, ଗଁଦିଆ ବ୍ଲକ ଏବଂ ଓଡ଼ାପଡ଼ା ବ୍ଲକର ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪୮୧୬ ହୋଇଛି। ସେହିପରି ଦିନକରେ ୬୬ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ୪୩୯୬ ଜଣ କରୋନାରୁ ଆରୋଗ୍ୟ ଲାଭ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ନାଳରେ ବୁଡ଼ି ମହିଳା ମୃତ

**ଅନୁଗୋଳ ଅଫିସ, ୨୨।୧୦:** ଅନୁଗୋଳ ସହର ଉପକଣ୍ଠ କୁରୁଡୁଲୁ ଗ୍ରାମରେ ଗୁରୁବାର ନାଳରେ ବୁଡ଼ି ଜଣେ ମହିଳଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଭିକାରୀ ନାଏକଙ୍କ ସ୍ତ୍ରୀ ଲକ୍ଷ୍ମୀ ନାଏକ (୩୫)। ପୂର୍ବାହ୍ନରେ ଲକ୍ଷ୍ମୀ ଘରପାଖ ନାଳରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### କରୋନା ଆକ୍ରାନ୍ତ ଅଧାପକଙ୍କ ମୃତ୍ୟୁ

**ହିନ୍ଦୋଳ, ୨୨।୧୦(ଡି.ଏନ.ଏ.):** ହିନ୍ଦୋଳସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପକ ଶୁଭନାରାୟଣ ମହାନ୍ତିଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ



ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ ଅଧାପକଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲରେ। ସେ ୧୯୯୯ରୁ ଏହି କଲେଜରେ ଅଧାପନା କରୁଥିଲେ।

### ଶାଳକାଠ ଜବତ, ଜଣେ ଗିରଫ

**କେନ୍ଦୁଝର, ୨୨।୧୦(ଡି.ଏନ୍.ଏ./ସ୍ୱ.ପ୍ର.)** କେନ୍ଦୁଝର ଜିଲା ନନ୍ଦରା ନିକଟରୁ ବୁଧବାର ରାତିରେ ବନ ବିଭାଗ ଏକ କାଠ ବୋଝେଇ ପିକ୍‌ଅପ୍ ଗାଡି ଜବତ କରିଛି। ଘଟଣାରେ ସମ୍ପୃକ୍ତ ଗାଡ଼ି ଡ୍ରାଇଭର ଅରୁଣ ବାରିକ ଗିରଫ ହୋଇଛନ୍ତି। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଘଟଗାଁ ରେଞ୍ଜ ଓ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର କର୍ମଚାରୀମାନେ ଚଢ଼ାଉ କରିଥିଲେ। ଗାଡ଼ିରୁ ୫୧ ଖଣ୍ଡ ଶାଳ କାଠ ଜବତ କରାଯାଇଛି। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଧରାପଡ଼ିଥିବାବେଳେ ଅନ୍ଧାର ସୁଯୋଗରେ ଅନ୍ୟମାନେ ଖସି ଯାଇଛନ୍ତି। ମିଳିତ ଚଢ଼ାଉରେ ଘଟଗାଁ ରେଞ୍ଜର ପ୍ରଭାତ କୁଅଁର, ଡେପୁଟି ରେଞ୍ଜର ପିତାମ୍ବର ନାୟକ, ଦେଓବନ୍ଧ ଫରେଷ୍ଟର ପୁଷ୍ପଲତା ମହାନ୍ତ, ଢେଙ୍କିକୋଟ ଫରେଷ୍ଟ ଗାର୍ଡ ଯୋଗେଶ୍ୱର ମାଝୀ, ଦେଓବନ୍ଧ ଫରେଷ୍ଟଗାର୍ଡ ରାଜେଶ ଜେନା ଏବଂ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର କର୍ମଚାରୀମାନେ ସାମିଲ ଥିଲେ।

### ବାଲି ଚୋରା ଚାଲାଣ: ଜରିମାନା ଆଦାୟ

**ଧାମନଗର, ୨୨।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ତହସିଲଦାର ରାଧାକାନ୍ତ ବାରିକ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ବାଲି ଚୋରାଚାଲାଣ କରୁଥିବା ୭ଟି ଗାଡ଼ି ଜବତ କରିଛନ୍ତି। ଜବତ ଗାଡ଼ି ମାଲିକଙ୍କଠାରୁ ଜରିମାନା ବାବଦରେ ୭୦ ହଜାର ୮୪୦ ଟଙ୍କା ଆଦାୟ କରାଯାଇଛି। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# କଳାର ସୌଦାଗର ସୁରସାର୍

**ଭୁବନ, ୨୨।୧୦(ଡି.ଏନ.ଏ.)**

- ୯୦ବର୍ଷରେ ବି ଥକିନାହାନ୍ତି
- ପ୍ରତିମାକୁ ଦେଉଛନ୍ତି ଜୀବନ୍ତ ରୂପ
- ପାଲାଗାୟକ ଭାବେ ସୁପରିଚିତ
- ଯନ୍ତ୍ର ସଙ୍ଗୀତରେ ପାରଙ୍ଗମ
- ନାଟକରେ ଦେଇଛନ୍ତି ନିର୍ଦ୍ଦେଶନା



ଦେଶମେଢ଼ ମଣ୍ଡପରେ ନିଜର ହାତଗଢ଼ା ମୂର୍ତ୍ତି ନିକଟରେ ସୁରସାର୍।

ହାତରେ ଚାମର ଧରିଲେ ସେ ପାଲଟିଯାଆନ୍ତି ପାଲାଗାୟକ। ରଙ୍ଗତୂଳୀ ଧରିଲେ ମାଟି ପ୍ରତିମାରେ ସଞ୍ଚରି ଉଠେ ଜୀବନ। ନାଟକ ପ୍ରଚ୍ଛଦପଟରେ ରହି କଳାକାରଙ୍କୁ ତାଗିଦ୍ କରିବା ବେଳେ ତାଙ୍କ ପରିଚୟ ବଦଳିଯାଏ ନାଟ୍ୟ ନିର୍ଦ୍ଦେଶକରେ। ମୁହଁରେ ରଙ୍ଗ ବୋଳି ମଞ୍ଚକୁ ଉଠିଲେ ଯାଦୁକରୀ ଅଭିନୟରେ ବାନ୍ଧି ହୋଇଯାଆନ୍ତି ଦର୍ଶକ। କଳାକୁ ସାଉଁଟୁ ସାଉଁଟୁ ବୟସ ୯୦ ଛୁଇଁଲାଣି। ତଥାପି ଭାଙ୍ଗିନି ମନୋବଳ କି କମିନି ଯୁବସୁଲଭ ଗୁଣ। କଳାର ସାଧନାରେ ଜୀବନ ସମର୍ପିତ କରିଥିବା ଏହି ବ୍ୟକ୍ତିତ୍ୱ ଜଣକ ହେଲେ ଢେଙ୍କାନାଳ ଜିଲା ଭୁବନ ଏନଏସିର ସୁରେନ୍ଦ୍ର ମିଶ୍ର ଓରଫ୍ ସୁରସାର୍।

ଶିକ୍ଷକତା ତାଙ୍କର ବୃତ୍ତି ନୁହେଁ, କିନ୍ତୁ ସମସ୍ତେ ପାଖରେ ସେ ଅତି ପରିଚିତ ସୁରସାର୍। ଚମଡ଼ା ଭାଙ୍ଗରୁ ବୟସର ଛାପ ସ୍ପଷ୍ଟ ବାରି ହୋଇପଡୁଛି, ତଥାପି ଏବେ ବି ବୃତ୍ତିଗତ ଜୀବନରେ ବେଶ୍ ଚଞ୍ଚଳ। ଜଣେ ଖୁସିମିଜାଜ ମଣିଷ ଭାବେ ସେ ଯେତିକି ପରିଚୟ ସେତିକି ଆଦୃତ ମୂର୍ତ୍ତି କାରିଗର ଭାବରେ। ନିଜର ଏହି ସ୍ୱତନ୍ତ୍ର କଳା ଲାଗି ସ୍ଥାନୀୟ ଗୁଜୁରୀହାଟ ଦେଶମେଢ଼ରେ ପାଖାପାଖି ୭୦ବର୍ଷ ହେଲା ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରି ଆସୁଛନ୍ତି। ଏହାକୁ ବାଦ୍ ଦେଲେ କାଳୀ, ଲକ୍ଷ୍ମୀ, ଗଣେଶ, କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ମଧ ଗଢୁଛନ୍ତି। ଏକ ଟଙ୍କାରୁ ଆରମ୍ଭ ହୋଇଥିବା ଏହି କାରିଗରି ବିଦ୍ୟାର ପାରିଶ୍ରମିକ ସମୟକ୍ରମେ ୩୦ ହଜାରରେ ପହଞ୍ଚିଛି, ଯାହାକୁ ନେଇ ବେଶ୍ ଖୁସି ଅଛନ୍ତି ସୁରସାର୍।

ଭୁବନ ଏନ୍ଏସିର ୪ନଂ. ୱାର୍ଡରେ ୧୯୩୧ରେ ଜନ୍ମଗ୍ରହଣ କରିଥିଲେ ସୁରେନ୍ଦ୍ର ମିଶ୍ର। ସ୍ତ୍ରୀ, ୪ ପୁଅ, ବୋହୂ, ନାତିନାତୁଣୀଙ୍କୁ ନେଇ ତାଙ୍କର ହସଖୁସିର ସଂସାର। ପିଲାଟି ଦିନରୁ ନାଟକ, ଯାତ୍ରା ପ୍ରତି ରହିଥିଲା ସୁରସାର୍‌ଙ୍କ ଝୁଙ୍କ୍। ବୟସ ବଢ଼ିବା ସହିତ ଏହା ନିଶା ପାଲଟିଗଲା। ଗାଁ ଗହଳିରେ ହେଉଥିବା ଛୋଟ ଛୋଟ ନାଟକରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ଏହାପରେ ସେ ନାଟକରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏକ ପାଲା ଦଳ ଗଠନ କରି ରାଜ୍ୟର ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରି ବେଶ୍ ପ୍ରଶଂସା ମଧ ସାଉଁଟିଥିଲେ। ପାଲାର ପ୍ରଚାର ପ୍ରସାର କ୍ଷେତ୍ରରେ ଅବଦାନ ଲାଗି ସେ ଏବେ ଜିଲା ପାଲା ପରିଷଦର ସଭାପତି ଅଛନ୍ତି। କେବଳ ଏତିକି ନୁହେଁ, ନାଟକ, ଯାତ୍ରା ସହିତ ଜଡ଼ିତ ରହିବା ମଧରେ ସୁର୍‌ସାର ହାର୍‌ମୋନିୟମ, ତବଲା, ମୃଦଙ୍ଗ ବଜାଇବା କଳାରେ ମଧ ପାରଙ୍ଗମ ହୋଇଯାଇଛନ୍ତି।

ନିଜର ବୃତ୍ତିଗତ ଜୀବନ ସମ୍ପର୍କରେ ସୁରସାର୍ କୁହନ୍ତି, ତାଙ୍କର ନିର୍ଦ୍ଦିଷ୍ଟ ଭାବେ କେହି ଗୁରୁ ନାହାନ୍ତି। ନିଜ ଦକ୍ଷତା ବଳରେ ଏସବୁ ଶିଖିଛନ୍ତି। ତାଙ୍କୁ ରାଜ୍ୟ ସରକାରଙ୍କ କଳାକାର ଭତ୍ତା ଛଡ଼ା ଅନ୍ୟ କିଛି ସହାୟତା ମିଳୁନାହିଁ। କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରି ନିରାଶ ହୋଇଛନ୍ତି। କରୋନା ସମୟରେ ସରକାରୀ କଟକଣା ଯୋଗୁ ମୂର୍ତ୍ତି ଗଢ଼ାକାମ ପ୍ରଭାବିତ ହୋଇଛି। ମୂର୍ତ୍ତି ଉଚ୍ଚତା କମିଯାଇଥିବାରୁ ପାରିଶ୍ରମିକ ଠିକ୍ ଭାବେ ମିଳୁନାହିଁ। ବୟସ ହୋଇଯାଇଥିବାରୁ ଆଗ ଭଳି କାମ କରିହେଉନାହିଁ। ତଥାପି ହାତଗୋଡ଼ ଚଳୁଥିବା ଯାଏ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି।

# ଆଲୁମିନିୟମ୍ ପାର୍କ ଭିତ୍ତିଭୂମି ପରଖିଲେ ଇଡ୍‌କୋ ଅଧିକାରୀ

**ଅନୁଗୋଳ ଅଫିସ, ୨୨।୧୦**

ଅନୁଗୋଳରେ ସ୍ଥାପନ ହେବାକୁ ଥିବା ଆଲୁମିନିୟମ ପାର୍କର ଭିତ୍ତିଭୂମି କାର୍ଯ୍ୟର ତଦାରଖ କରିଛନ୍ତି ଇଡ୍‌କୋ ସିଏମ୍‌ଡି ସଞ୍ଜୟ କୁମାର ସିଂ। ବୁଧବାର ଅପରାହ୍ନରେ ସିଂ ଅଚାନକ ଅନୁଗୋଳ ଗସ୍ତରେ ଯାଇ ପାର୍କର ଉନ୍ନୟନ କାର୍ଯ୍ୟ ସହ ପାଣି ଯୋଗାଣ, ରାସ୍ତା କାର୍ଯ୍ୟ ଆଦିର ଅଗ୍ରଗତି ତଦାରଖ କରିଛନ୍ତି। ମନ୍ଥର ହେଉଥିବା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଇଡ୍‌କୋ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ଆଲୁମିନିୟମ ପାର୍କ ନିର୍ମାଣ ପାଇଁ କେନ୍ଦ୍ର ସରକାର ସମ୍ମତି ଜଣାଇବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ନାଲ୍‌କୋ ଏବଂ ଇଡ୍‌କୋ ସହଭାଗିତାରେ କାର୍ଯ୍ୟ ଚାଲିଛି। ୨୦୨୦ ସୁଦ୍ଧା

### କାର୍ଯ୍ୟ ଅଗ୍ରଗତି ଦେଖିଲେ

ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିରେ ମୋଟ ୯୯.୬୦ କୋଟି ଟଙ୍କା ନିବେଶ କରାଯିବ। ସେଥିମଧ୍ୟରୁ କେନ୍ଦ୍ର ସରକାର ୩୩.୪୪ କୋଟି ଟଙ୍କା ପୁଞ୍ଜି ବ୍ୟବସ୍ଥା କରିଛନ୍ତି। ଏହି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଶିଳ୍ପ ଏବଂ ଅନ୍ତର୍ଦେଶୀୟ ଶିଳ୍ପ ବିକାଶ (ଏଆଇଆଇୟୁଏସ୍) ଯୋଜନା ଅନ୍ତର୍ଭୁକ୍ତ। ଏଥିଲାଗି କାର୍ଯ୍ୟାନ୍ୱୟନ ସଂସ୍ଥା ଭାବେ ଅନୁଗୋଳ ପାର୍କ ପ୍ରାଇଭେଟ ଲିମିଟେଡ୍ (ଏଏପିପିଏଲ୍) ଗଠନ କରାଯାଇଥିଲା। ତେବେ ନଭେମ୍ବର ୨୦୧୮ରେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ଦର୍ଶାଇ ଏହାକୁ ବନ୍ଦ କରାଯାଇଥିଲା। ସଞ୍ଜୟଙ୍କ ଗସ୍ତ ସମୟରେ ଜିଲାପାଳଙ୍କ ସହ ଇଡ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ।



ଇଡ୍‌କୋ ଅଧିକାରୀ ସଞ୍ଜୟ କୁମାର ସିଂହ ଆଲୁମିନିୟମ ପାର୍କ ପରିଦର୍ଶନ କରୁଛନ୍ତି।

# କୋଭିଡ୍ କଟକଣାରେ ଦଶହରା



ବୈଠକରେ ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୨୨।୧୦(ଡି.ଏନ.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଟକଣାରେ ପୂଜା ପାଳନ ପାଇଁ କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଲବ ବୋଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବଇଣ୍ଡା ଫାଣ୍ଡି ଅଧକାରୀ ଅରୁଣ କୁମାର ପଣ୍ଡା, ହଣ୍ଡପା ଏଏସ୍‌ଆଇ ପ୍ରମୋଦ କୁମାର ଆଇଚ, ବଇଣ୍ଡା ହାଇସ୍କୁଲ ପୂଜା କମିଟିର ପ୍ରଦୀପ ସାହୁ, ଛବି ପାତ୍ର, ତପନ ମିଶ୍ରଙ୍କ ସମେତ ଡେବେରାପାଲି ପୂଜା କମିଟିର ଅଙ୍କିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ ନିୟମ ପାଳନ କରି ପ୍ରତ୍ୟେକ ପୂଜା କମିଟି ଜିଲାପାଳଙ୍କଠାରୁ ଅନୁମତି ଆଣିବା ସହ ସାମାଜିକ ଦୂରତା ରଖି ପୂଜା କରିବାକୁ କୁହାଯାଇଛି। ଏଥିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### ୧୩୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୨।୧୦**

ଅନୁଗୋଳ ଜିଲାରୁ ଗୁରୁବାର ୧୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭,୯୬୬ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧରେ ଅନୁଗୋଳ ପୌରାଞ୍ଚଳର ସର୍ବାଧିକ ୨୯ ଜଣ ଅଛନ୍ତି। ସେହିପରି ଦିନକରେ ୨୧୭ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

# ପାଳିରେ ଚାଲିଛି କାମ




- ହିନ୍ଦୋଳ ବ୍ଲକରେ ଅଚଳାବସ୍ଥା
- ୧୩ ପଦବୀରେ ଅଛନ୍ତି ୬ ଡାକ୍ତର
- ଅଧିକାଂଶ କାର୍ଯ୍ୟାଳୟ ମୁରବି ବିହୀନ

**ହିନ୍ଦୋଳ, ୨୨।୧୦(ଡି.ଏନ.ଏ.)**

ଆବଶ୍ୟକ କର୍ମଚାରୀ ନ ଥିବାରୁ ହିନ୍ଦୋଳ ବ୍ଲକର ଅଧିକାଂଶ ସରକାରୀ କାର୍ଯ୍ୟାଳୟ ଦୀର୍ଘଦିନ ହେଲା ପାଳିରେ ଚାଲିଛି। ଫଳରେ ବ୍ଲକବାସୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହୋଇ ରହିଥିବାବେଳେ ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଅନୁଭବ କରୁଛନ୍ତି ରୋଗୀ। ଏଠାରେ ୧୩ ପରିବର୍ତ୍ତେ ମାତ୍ର ୬ ଡାକ୍ତର ଅଛନ୍ତି। କରୋନା ସମୟରେ ଡାକ୍ତର ଅଭାବରୁ ଅନ୍ୟ ରୋଗରେ ଆକ୍ରାନ୍ତ ରୋଗୀମାନେ ଚିକିତ୍ସା ସୁବିଧା ନ ପାଇ ସମସ୍ୟା ଭୋଗୁଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଧ ଖାଲିପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ନିୟନ୍ତ୍ରିତ ବଜାର କମିଟି, ଯୋଗାଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, କର୍ମନିଯୁକ୍ତି ବିଭାଗ, ବିଦ୍ୟୁତ୍ ବିଭାଗ, ଟେଲିଫୋନ ଏକ୍ସଚେଞ୍ଜରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କର୍ମଚାରୀମାନେ ପାଳି କରି ଆସୁଛନ୍ତି। ସେହିପରି ଅନେକ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ନ ଥିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ପ୍ରଦୀପ ସାମନ୍ତ କୁହନ୍ତି, ସରକାରୀ ଅଧିକାରୀ ପାଳି କରି କାର୍ଯ୍ୟ ତୁଲାଉଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଜିଗଡ଼ର ପୂର୍ବତନ ସରପଞ୍ଚ ତରୁଣ ସାମଲ କୁହନ୍ତି, ଦୀର୍ଘଦିନ ହେଲା ଏପରି ସମସ୍ୟା ଲାଗି ରହିଛି। ଏଥିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ଉଚିତ। ପ୍ରଶାସନିକ ଅଚଳାବସ୍ଥା ନେଇ ଉପଜିଲାପାଳ ଉଦୟନାଥ ମହାପାତ୍ର କୁହନ୍ତି, କର୍ମଚାରୀଙ୍କ ଅଭାବ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ପଦବୀ ପୂରଣ ହେଲେ ଏହାର ସମାଧାନ ହୋଇପାରିବ।


**OFFICE OF THE PRINCIPAL**
**JANATA COLLEGE, SATMILE**
**PO- DUDURKOTE, DHENKANAL-759020**
**QUOTATION CALL NOTICE**

No.2282 Dated 19.10.2020

Sealed quotations are invited from registered farms having GST and PAN for supply of Science Laboratory Equipments/ Chemicals (For Physics, Chemistry, Botany and Zoology Departments) as per the CBCS syllabus.

Sealed quotations must reach the office of the undersigned by registered post within 10 days from the date of publication of this advertisement.

For details please go through the college website www. janatacollegesatmile.org.

Sd./- Principal

**PERSONNEL REQUIRED**

Viswa Yuva Kendra, Angul as a Colaborative Organisation invites application for the following posts for Child Line 1098 Services in Angul District supported by Child Line India Foundation under Ministry of Women and Child Development, Government of India.

| Name of the Post | Number of Posts | Qualification & Experience | Honorarium (Rs.) |
|---|---|---|---|
| Co-ordinator | 01 | Preferably MSW. Candidates with Masters in Humanities/Child Development/ Psychology/Sociology/Rural Developement can also apply. BSW/Bachelors Degree in Child Development/Human Development/Sociology with 3 years field experience in Child related activites/Community Development | 14,000 |
| Counselor | 01 | Graduate with Para-Professional Certificate Course and 1 year experience in Child related work or +2, with Para-Professional Certificate Course from a recognized institute with 3 years experience | 8,000 |
| Team Members | 06 | Minimum Matriculation with Computer literacy skills, knowledge about the local area and cultural context. 1 - 2 years of experience in child related work | 8,000 |
| Volunteer | 01 | Matriculation with knowledge about local area and cultural context. Minimum experience: Six Months to One year | 6,000 |

Apply by 28.10.2020 to The Member Secretary, Viswa Yuva Kendra, Baninali, Luhamunda, Angul - 759127 OR (E-mail: vyk.angul@gmail.com), Contact No.: 9437191043

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

* Microcell Pathy- A New Medical Science which based on Medicinal plants only. It offers Medical Courses for ( Promotion Development and Research of Micro Cell Pathy )
ଔଷଧୀୟ ବୃକ୍ଷ ଲତା ଉପରେ ଆଧାରିତ ଚିକିତ୍ସା ପଦ୍ଧତି
Certificate in Microcell Pathy( CMCP) Duration : 12 Month, Qualification: 10 th
Diploma in Microcell Pathy ( DMCP) Duration : 3 Years 6 Month, Qualification: 12 th(PCB)
Brilliant/ Bachelor in Microcell Pathy(BMCP) Duration : 5 Years & 6 Month, Qualification : 12th (PCB)
** All Course's conducted by:- Microcell Pathy Research and Development Foundation
Incorporated by: Ministry of Corporate Affairs* Govt. of India
(For Promotion, Development and Research of Microcell Pathy)
7503434758 9990545130

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

4G କମ୍ପାନୀ
ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି ।
ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

NO FILE CHARGE
ମାନ୍ୟତା ପ୍ରାପ୍ତ କମ୍ପାନୀ ଦ୍ୱାରା ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ 4G/5G ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 90,000/- ଟଙ୍କା ପାଆନ୍ତୁ ।
ଜଣକୁ ଚାକିରି ମିଳିବ।
ଦରମା - 25,000/- + Bike
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7004335882

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଫସଲ ନଷ୍ଟ କଲେ ହାତୀପଲ

**କଣିହାଁ, ୨୨।୧୦ (ଡି.ଏନ.ଏ.):** ତାଳଚେର ରେଞ୍ଜ କଣିହାଁ ବ୍ଲକ ଶିପୁର ସେକ୍ସନ କୁଲେଇ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଗ୍ରାମର ଶ୍ରୀପତି ସାମଲ, ନୀଳମଣି ସାମଲ, ପୁରୁଷୋତ୍ତମ ସାମଲ, ମନୋରଞ୍ଜନ ସାମଲଙ୍କ ବିଲରେ ପଶି ଧାନ ଫସଲ ଖାଇବା ସହିତ ଦଳି ଚକଟି ଦେଇଛନ୍ତି। ସେହିପରି ସୋମବାର ଓ ମଙ୍ଗଳବାର ରାତିରେ ବିରୁ, ବୁଲାଝର ଗ୍ରାମରେ ମଧ ଉପଦ୍ରବ କରି ଫସଲ ହାନି କରିଛନ୍ତି। ହାତୀପଲ ଦିନରେ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟାରେ ଗ୍ରାମରେ ପଶୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବନ ବିଭାଗ ହାତୀ ଘଉଡାଇବାରେ ବିଫଳ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

### ଆର୍‌ସିସିଏଫ୍, ଡିଏଫ୍‌ଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଛେଣ୍ଡିପଦା, ୨୨।୧୦(ସ୍ୱ.ପ୍ର.):** ଅନୁଗୋଳ ଆରସିସିଏଫ୍ ଓ ଡିଏଫ୍‌ଓଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଛେଣ୍ଡିପଦା ଥାନାରେ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ଆର୍‌ସିସିଏଫ୍ ପ୍ରଦୀପ୍ ରାଜ କରାଟେ ଅନୁଗୋଳ ଡିଏଫ୍‌ଓ ପ୍ରସନ୍ନ ବେହେରା, ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ରାଉଳ ଓ ବନ କର୍ମଚାରୀମାନେ ସନ୍ତରାବନ୍ଧ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସାରି ଗାଡି ନିକଟକୁ ଆସିବା ବେଳେ ସ୍ଥାନୀୟ ଚାଙ୍ଗୁଡିଆ ଗ୍ରାମର ୪ ଯୁବକ ସେମାନଙ୍କ ଗାଡିକୁ ଅଟକାଇଲେ। ଆରସିସିଏଫ୍ ଓ ଡିଏଫ୍‌ଓଙ୍କୁ କୋଇଲା କମ୍ପାନୀ କର୍ମଚାରୀ ଭାବି ମାସ୍କ ଖୋଲିବା ପାଇଁ ବାଧ କରିଥିଲେ। ବନାଞ୍ଚଳ ଅଧିକାରୀ ଯୁବକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ବନକର୍ମଚାରୀଙ୍କୁ ଛାଡିଥିଲେ। ଆର୍‌ସିସିଏଫ୍‌ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତାପ ରାଉଳ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

### ୧୪ ଦିନରେ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

**କଣିହାଁ, ୨୨।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ଏମ୍‌ସିଏଲ୍‌ର ଓସିପି କ୍ଷତିଗ୍ରସ୍ତ ପଥରମୁଣ୍ଡା ଗ୍ରାମବାସୀ ନିଯୁକ୍ତି ଦାବିରେ ଗତ ୯ ତାରିଖଠାରୁ କମ୍ପାନୀ ଦ୍ୱାରା ଅଧିକୃତ ସେମାନଙ୍କ ଜମିରେ କାମକୁ ବନ୍ଦ କରାଇ ଆନ୍ଦୋଳନ ଜାରି ରଖିଛନ୍ତି। କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୁରୁବାର ଏ ନେଇ ଆନ୍ଦୋଳନକାରୀ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି। ଏଥିସହ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଶୁକ୍ରବାର ଗ୍ରାମବାସୀ ଏକ ବୈଠକ ଡାକି ଆଲୋଚନା କରିବେ ବୋଲି ଜଗନ୍ନାଥ ପ୍ରସାଦ ସାହୁ, ଯତୀନ୍ଦ୍ର ସାହୁ, ଗିରିଜା ପ୍ରସାଦ ସାହୁ, ସମୀର ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

### ଭୂମି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ

**ଅନୁଗୋଳ ଅଫିସ, ୨୨।୧୦:** ଅନୁଗୋଳ ପୌରପାଳିକାରେ ଗୁରୁବାର ଜାଗା ମିଶନ ଯୋଜନାର ଶୁଭାରମ୍ଭ ହୋଇଛି। ଶିମିଳିପଡ଼ାଠାରେ ଏମ୍‌ପି ମହେଶ ସାହୁ ଏହାର ଶୁଭାରମ୍ଭ କରିଥିଲେ। ପୌରାଞ୍ଚଳରେ ମୋଟ୍ ୧୩ଟି ବସ୍ତିରେ ୩୧୫ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏମ୍‌ପି ମୋଟ୍ ୧୦୫ ଜଣଙ୍କୁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ପୂଜା ଛୁଟି ସରିବା ପରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଅବଶିଷ୍ଟ ହିତାଧିକାରୀଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସହରାଞ୍ଚଳର ଭରତନଗର, ହେମସୁରପଡ଼ା, ହରିଜନ ସାହି, ସୌଭାଗ୍ୟନଗର, ଜବରଦସ୍ତିପଡ଼ା, ଅମଳାପଡ଼ା ବସ୍ତି ଓ ହୁଲୁରିସିଂହାର ଦୋଳମଣ୍ଡପ ସାହିର ମୋଟ୍ ୧୦୫ ଜଣଙ୍କୁ ଚୟନ କରାଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପଜିଲାପାଳ ବାସୁଦେବ ଶତପଥୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସୁଯୋଗର ହେଉନି ସଦୁପଯୋଗ

**ଅନୁଗୋଳ ଅଫିସ, ୨୨।୧୦**



ପାଲଲହଡ଼ା ବ୍ଲକ ଗସ୍ତ ସମୟରେ ଜିଲାପାଳ ଉଠାଇଥିବା ସାନ ଚିଲିକାର ଫଟୋ।

- ଅନୁଗୋଳରେ ଆଗେଇପାରୁନି ପର୍ଯ୍ୟଟନ ଶିଳ୍ପ
- ଉନ୍ନତି ପାଇଁ ପ୍ରଶାସନର ଆନ୍ତରିକତା ନାହିଁ
- ଗମନାଗମନର ସୁବିଧା ଉପରେ ଦିଆଯାଉନି ଦୃଷ୍ଟି

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ପର୍ଯ୍ୟଟନର ପର୍ଯ୍ୟାପ୍ତ ସୁଯୋଗ ରହିଛି। କିନ୍ତୁ ଏଯାଏ ମାତ୍ର ୧୩ଟି ସ୍ଥାନକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରାଯାଇପାରିଛି। ଜିଲାର କେତୋଟି ପୁରାତନ ଦେବଦେବୀ ପୀଠ, ଜଳପ୍ରପାତ, ଡ୍ୟାମ୍ ଏବେ ବି ଲୋକ ଲୋଚନକୁ ଆସିପାରି ନାହିଁ। ଏପରି କି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା କେତେକ ସ୍ଥାନକୁ ଭଲ ରାସ୍ତାଟିଏ ନିର୍ମାଣ କରାଯାଇପାରି ନାହିଁ। ଜିଲାରେ ଅର୍ଥର ଅଭାବ ନ ଥିଲେ ମଧ ପର୍ଯ୍ୟଟନ ଶିଳ୍ପ ଏଠାରେ ଆଗେଇପାରୁ ନାହିଁ। ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ଆନ୍ତରିକତା ଅଭାବ ଏବଂ ସୁଯୋଗର ସଦୁପଯୋଗ କରାଯାଇ ନ ପାରିବା ଏହାର କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଜୈବ ବିବିଧତାପୂର୍ଣ୍ଣ ସାତକୋଶିଆକୁ ଅନୁଗୋଳ ଜିଲା ପର୍ଯ୍ୟଟନର ମେରୁଦଣ୍ଡ ବୋଲି କୁହାଯାଉଛି। ଏଥିସହ ତାଳଚେରର ଅଗ୍ନିରୂପା ମା' ହିଙ୍ଗୁଳା ପୀଠ, ରେଙ୍ଗାଳି, ଡେରଜେଙ୍ଗ ଜଳଭଣ୍ଡାର, ଆଠମଲ୍ଲିକର ଦେଉଳଝରୀ, ବିନିକେୟୀ, ପାତ୍ରପଡ଼ାର ମା' ବାୟାଣୀ ପୀଠ, ଅନୁଗୋଳର ଶୈଳଶ୍ରୀକ୍ଷେତ୍ର, ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର, କୋଶଳାର ମା' ରାମଚଣ୍ଡୀ ପୀଠ, କୁକୁଡ଼ାଙ୍ଗର ନାରାୟଣ ସେବାଶ୍ରମ, ଲୋଭୀ ଠାକୁରାଣୀ, କଣିହାଁର ଭୀମକୁଣ୍ଡ ଓ ମନ୍ଦରଗିରି ଜିଲା ପର୍ଯ୍ୟଟନର ଗୁରୁତ୍ୱ ବହନ କରୁଛି। ପାଲଲହଡ଼ାର ଖୁଲୁଡ଼ି ଜଳ ପ୍ରପାତ ମଧ ବର୍ଷ ତମାମ୍ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। କିନ୍ତୁ ଏହାକୁ ବାଦ୍ ଦେଲେ ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ଏବେ ମଧ ଲୁକ୍କାୟିତ ହୋଇରହିଛି। ସେଥିମଧ୍ୟରୁ ଗୋଟିଏ ହେଲା ପାଲଲହଡ଼ାର ସାନଚିଲିକା। ଏହି ସ୍ଥାନ ଏଯାଏ ଲୋକଲୋଚନକୁ ଆସିପାରି ନ ଥିଲେ ମଧ ଗତ କିଛିଦିନ ତଳେ ପାଲଲହଡ଼ା ଗସ୍ତରେ ଯାଇଥିବା ଅନୁଗୋଳ ଜିଲାପାଳ ଏହାର ସୌନ୍ଦର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେହିପରି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ମା' ହିଙ୍ଗୁଳାଙ୍କ ପୀଠ, ଆଠମଲ୍ଲିକର ଦେଉଳଝରୀ, ବିନିକେୟୀକୁ ଗମନଗମନର ଭଲ ସୁଯୋଗ ସୃଷ୍ଟି କରାଯାଇପାରି ନାହିଁ। ମହାନଦୀରେ ସାମାନ୍ୟ ବନ୍ୟା ଆସିଲେ ଦେଉଳଝରୀ ଓ ବିନିକେୟୀକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷ ବର୍ଷର ଏହି ସମସ୍ୟା ପ୍ରତି ପ୍ରଶାସନ ଯେପରି ଦୃଷ୍ଟି ଦେବା କଥା ତାହା ହୋଇପାରି ନାହିଁ। ତେବେ ବିଳମ୍ବରେ ହେଲେ ବି ଅନୁଗୋଳ ଜିଲାପାଳ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ବିଭିନ୍ନ ଉପଖଣ୍ଡ ଓ ବ୍ଲକ ପରିଭ୍ରମଣ ବେଳେ ସେଠାକାର ପର୍ଯ୍ୟଟନ ସୁଯୋଗର ଅନୁଧ୍ୟାନ କରିଛନ୍ତି। ଏ ନେଇ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେବା ସହ ଏକ ଟିମ୍ ମଧ ଗଢ଼ିଥିବା ସୂଚନା ମିଳିଛି।

### ଉଦ୍ୟମ କରୁନି ଜିଲା ପ୍ରଶାସନ



ଅନୁଗୋଳ ଜିଲାରେ ପର୍ଯ୍ୟଟନ କ୍ଷେତ୍ରର ଅଭାବ ନାହିଁ। ହେଲେ ଏହାର ଉନ୍ନତି ଦିଗରେ ପ୍ରଶାସନ ଉଦ୍ୟମ କରୁନାହିଁ। ସେଥିପାଇଁ ବହୁ ପର୍ଯ୍ୟଟନସ୍ଥଳୀ ଏଯାଏ ଲୋକ ଲୋଚନକୁ ଆସିପାରିନାହିଁ। ଯେଉଁ କେତୋଟିକୁ ସରକାରୀ ମାନ୍ୟତା ମିଳିଛି ସେଠାକୁ ଯାତାୟାତର ସେପରି ସୁବିଧା କରାଯାଉନି।

-ପ୍ରତାପ ମହାପାତ୍ର, ଅନୁଗୋଳ

### ଭାଗ୍ୟ ବଦଳି ପାରନ୍ତା



ପାଲଲହଡ଼ା ବ୍ଲକର କେବଳ ଖୁଲୁଡ଼ିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଏହି ବ୍ଲକରେ ସାନ ଚିଲିକା, ଗର୍ଜନଖୋଳ ଜଳପ୍ରପାତ, ସମଲ ଜଳପ୍ରପାତ ରହିଛି। କିନ୍ତୁ ଏସବୁ ସମ୍ପର୍କରେ ବାହାର ଲୋକେ ଜାଣିପାରୁ ନାହାନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଭାଗ୍ୟ ବଦଳିପାରନ୍ତା।

-ରମାକାନ୍ତ ତ୍ରିପାଠୀ, ପାଲଲହଡ଼ା

### ଟୁରିଜମ୍ ସେଣ୍ଟର କରାଯାଉ



ଆଠମଲ୍ଲିକ ବ୍ଲକରେ ବିନକେୟୀ, ଦେଉଳଝରୀ, ମାନଜୋର, ସୁରେଶ୍ୱରୀ ଜଳପ୍ରପାତ ରହିଛି। ଏଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କିଛିଟା ବିକାଶ କାର୍ଯ୍ୟ ହୋଇଛି। କିନ୍ତୁ ମହାନଦୀ ନିକଟରେ ଥିବା ଏହି ପର୍ଯ୍ୟଟନସ୍ଥଳୀକୁ ମିଶାଯାଇ ଏକ ଟୁରିଜମ୍ ସେଣ୍ଟର କରାଯାଇପାରିଲେ ଅଧିକ ପର୍ଯ୍ୟଟକ ଆସିପାରନ୍ତେ।

-ମନୋଜ କୁମାର ମହାପାତ୍ର, ଆଠମଲ୍ଲିକ

### ବିପୁଳ ସମ୍ଭାବନା ରହିଛି



ଶିଳ୍ପ ଜିଲା ଅନୁଗୋଳରେ ପର୍ଯ୍ୟଟନର ବିପୁଳ ସମ୍ଭାବନା ରହିଛି। ନୂଆ ଜିଲାପାଳ ଏ ନେଇ ଦେଖାଇଥିବା ଆଗ୍ରହ ସ୍ୱାଗତଯୋଗ୍ୟ। ତାଳଚେର ରାଜବାଟି, ରାଣୀ ପାର୍କ, ହିଙ୍ଗୁଳା ମନ୍ଦିରକୁ ଗମନାଗମନର ସୁବିଧା ଏବେ ବି ଅଧୁରା ରହିଛି। ପ୍ରଥମେ ଏ ନେଇ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉ।

-ବଳରାମ୍ ପତି, ତାଳଚେର

## ଚିହ୍ନଟ ଓ ଉନ୍ନୟନ ପାଇଁ ବୈଠକ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ପାଇଁ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଉନ୍ନୟନ ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ପର୍ଯ୍ୟଟନ ପୁସ୍ତିକା ପ୍ରସ୍ତୁତ ସହ ସପ୍ତାହକ ମଧରେ ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥାନଗୁଡ଼ିକର ଭିଡିଓ ଚିତ୍ର ପ୍ରସ୍ତୁତ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରଚୀନ ବାଜି ରାଉତ ଛାତ୍ରାବାସ ଓ ତାଳଚେର ରାଜପ୍ରସାଦକୁ ଐତିହସ୍ଥଳୀର ମାନ୍ୟତା ପାଇଁ ପଦକ୍ଷେପ ନିଆଯିବ। ଅନୁଗୋଳର ପ୍ରବେଶ ପଥରେ ଏକ ଅତ୍ୟାଧୁନିକ ଗେଟ୍ କରାଯିବ। ଇକୋ ପାର୍କର ସୌନ୍ଦର୍ଯ୍ୟକରଣ, ଅନୁଗୋଳରେ ଏକ ଅନ୍ତର୍ଜାତୀୟସ୍ତରର ପାଠାଗାର ଓ ତାଳଚେରରେ କଳାହୀରା ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ତାଳଚେର ରାଣୀ ପାର୍କର ଉନ୍ନତୀକରଣ ପାଇଁ ଏମ୍‌ସିଏଲ୍ ପାଣ୍ଠି ମଞ୍ଜୁର କରିଛି। ସେହିପରି ରାସ୍ତାର ଉନ୍ନତୀକରଣ ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକମାନଙ୍କ ରହିବାର ବ୍ୟବସ୍ଥା କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଏବଂ ଜିଲାର ଅନ୍ୟ ବିଧାୟକମାନଙ୍କ ପ୍ରତିନିଧି ଯୋଗଦେଇ ନିଜ ଅଞ୍ଚଳର ପର୍ଯ୍ୟଟନୀସ୍ଥଳୀ ସମ୍ପର୍କରେ ଅବଗତ କରିଥିଲେ। ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ.ପି, ପିଡି ଦିଲୀପ କୁମାର ସାହୁ, ରେଷ୍ଟୁରାଣ୍ଟ ସଂଘର କର୍ମକର୍ତ୍ତା ଓ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାଏ ପ୍ରମୁଖ ଉପସ୍ଥିତ ଥିଲେ।

# ୫ କୋଟି ଋଣ ପ୍ରଦାନ

**ଛେଣ୍ଡିପଦା,୨୨।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଗୁରୁବାର ଆର୍ଥିକ ଅନ୍ତର୍ଭୁକ୍ତି ମେଳା ଉଦ୍‌ଯାପିତ ହୋଇଯାଇଛି। ଛେଣ୍ଡିପଦା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଏହି ମେଳାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଦିଲୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରାଯାଇଥିଲା । ବ୍ଲକର ୨୬୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ କୋଟି ୨୨ଲକ୍ଷ ୬ ହଜାର ଟଙ୍କା ଋଣ ପ୍ରଦାନ ଦିଆଯାଇଥିବା ସୂଚନା ମିଳିଛି। ବିଡିଓ ବିଶ୍ୱଜିତ ସାହୁ, ଅଗ୍ରଣୀ ଜିଲା ପ୍ରବନ୍ଧକ ମହେଶ୍ୱର ଗୌଡ, ଜିଲା ପ୍ରକଳ୍ପ ପରିଚାଳକ ଚନ୍ଦନ କୁମାର ବେହେରା, ଜୀବିକା ମିଶନର ଏପିଡି ନିରୋଜ କୁମାର ଶର୍ମା, ଏଫଆଇସି ହେମନ୍ତ କୁମାର ପାଣିଗ୍ରାହୀ, ବ୍ୟାଙ୍କ ମିତ୍ର ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।




ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଋଣ ପ୍ରଦାନ କରାଯାଉଛି।

## ୨୪ରୁ ଗଣଧାରଣା

**ବଇଣ୍ଡା, ୨୨।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତ ଦଳିତସାହିରେ ୧୫ ଦିନରୁ ଊର୍ଦ୍ଧ୍ୱ ହେଲାଣି ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲେ ହେଁ ନୂଆ ଟାନ୍ସଫର୍ମର ଲାଗୁନି। ଗ୍ରାମବାସୀ ଅନ୍ଧାରରେ ରହୁଥିବାବେଳେ ଟ୍ରାନ୍ସଫର୍ମର ବସାଇବା ଦାବିରେ ବାମୁର ସେସୁ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ ପଦକ୍ଷେପ ନିଆ ଯାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ଆସନ୍ତା ୨୪ ତାରିଖରୁ ଗ୍ରାମବାସୀ ଧଉରାପାଲି ବିଦ୍ୟୁତ୍ ସବ୍‌ଷ୍ଟେଶନ ପରିସରରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଗୁରୁବାର ଏକ ବୈଠକରେ ସ୍ଥିର ହେବା ପରେ ବାମୁର କନିଷ୍ଠଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏ ଦିଗରେ ଧ୍ୟାନ ଦିଆ ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଚାଲିବ ବେଲି ଗ୍ରାମର ଦୈତାରୀ ଲୁହା, ଭୋଳେଶ୍ୱର ଲୁହା, ନିରାକାର ଲୁହା, ରମେଶ ଲୁହା, ବିଶ୍ୱଜିତ ଲୁହା, ସଞ୍ଜୀବତୀ ଲୁହା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଭାରିଯାନ ଚଳାଚଳ ନେଇ ଉତ୍ତେଜନା




ଗ୍ରାମବାସୀ ଛେଣ୍ଡିପଦା ଥାନା ଘେରାଉ କରିଛନ୍ତି।

**ଛେଣ୍ଡିପଦା,୨୨।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା-କମ୍ପସଲା ରାସ୍ତାରେ ଭାରିଯାନ ଚଳାଚଳ ନେଇ ଗୁରୁବାର ଗ୍ରାମବାସୀ ଓ ଚାଳକଙ୍କ ମଧରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ପ୍ରତିଦିନ ବାଲି ବୋଝେଇ ଭାରିଯାନ ଗ୍ରାମ ଦେଇ ଯାତାୟାତ କରୁଥିବାରୁ ରାସ୍ତା ଖରାପ ହେଉଛି। ବହୁ ସଂଖ୍ୟାରେ ଗାଡ଼ି ଚଳାଚଳଯୋଗୁ ସ୍ଥାନୀୟ ଲୋକେ ସୁବିଧାରେ ରାସ୍ତାରେ ଯାଇପାରୁନାହାନ୍ତି। ଏ ନେଇ ଗତ ୧୦ ତାରିଖରେ ଚାଙ୍ଗୁଡିଆବାସୀ ଭାରିଯାନ ଗୁଡିକୁ ଅଟକାଇ ରଖିଥିଲେ। ପୋଲିସ ପହଞ୍ଚିବା ପରେ ଗାଡ଼ିଗୁଡିକୁ ଛଡା ଯାଇଥିଲା। ଏହାର ସମାଧାନ ପାଇଁ ତହସିଲଦାର, ବିଡିଓ, ଥାନା ଅଧିକାରୀ ଓ ଆରଟିଓଙ୍କୁ ଲିଖିତ ଆକାରରେ ଜଣାଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗ୍ରାମରେ ଗାଡି ଅଟକାଇ ଚାନ୍ଦା ଆଦାୟ କରାଯାଉଥିବା ନେଇ ଜଣେ ଗାଡି ଚାଳକ ଥାନାରେ ଅଭିଯୋଗ କରିଛନ୍ତି। ଛେଣ୍ଡିପଦା ପୋଲିସ ଏ ନେଇ ନଂ.୪୦୫/୨୦ରେ ମାମଲା ରୁଜୁ କରିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଆଇଆଇସି ଜ୍ଞାନ ରଞ୍ଜନ ସାମଲ ଆଲୋଚନା କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବ ବୋଲି ବୁଝାଇଥିଲେ। ଗ୍ରାମବାସୀ ଫେରୁଥିବାବେଳେ ଆକ୍ରମଣ ହୋଇଥିବା ନେଇ ଆଉ ଏକ ଅଭିଯୋଗ ହୋଇଛି।

# ଢେଙ୍କାନାଳ କଲେଜ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

**ଢେଙ୍କାନାଳ ଅଫିସ, ୨୨।୧୦**

- କଳାରେ ୭୪.୫%, ବିଜ୍ଞାନରେ ୮୩.୯୧%, ବାଣିଜ୍ୟରେ ୫୫.୨% ପାସ୍
- ପଦାର୍ଥ ବିଜ୍ଞାନ ଛାତ୍ର ରାଜୀବ ଲୋଚନ ଘଡ଼େଇ କଲେଜ ଟପ୍ପର

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷବର୍ଷ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। କଳାରେ ୭୪.୫%, ବିଜ୍ଞାନରେ ୮୩.୯୧%, ବାଣିଜ୍ୟରେ ୫୫.୨% ରେଜଲ୍ଟ ହୋଇଛି। ପଦାର୍ଥ ବିଜ୍ଞାନ ଛାତ୍ର ରାଜୀବ ଲୋଚନ ଘଡ଼େଇ କଲେଜ ଟପ୍ପର ହୋଇଛନ୍ତି।

କରୋନା ସଂକ୍ରମଣ ଦୃଷ୍ଟିରୁ ଚଳିତବର୍ଷ ଅନ୍‌ଲାଇନରେ ପରୀକ୍ଷା ହୋଇଥିଲା। କଳା ବିଭାଗରେ ପରୀକ୍ଷା ଦେଇଥିବା ୧୭୭ଜଣଙ୍କ ମଧ୍ୟରୁ ୧୩୨, ବିଜ୍ଞାନରେ ୧୪୩ରୁ ୧୨୦ ଜଣ ପାସ୍ କରିଥିବା ଜଣାପଡ଼ିଛି। ଇତିଶ୍ରୀ ରାଉତ, ସ୍ୱାଗତ ସୌମ୍ୟାଶ୍ରୀ ମିଶ୍ର, ଜଗଦୀଶ ପ୍ରସାଦ ସେଠୀ, ଲିପ୍ସାରାଣୀ ସାହୁ, ମମତାମୟୀ ପୃଷ୍ଟି, ଶୁଭଶ୍ରୀ ସାହୁ, ଲୋପାମୁଦ୍ରା ମିଶ୍ର, ପୂର୍ଣ୍ଣେଶ୍ୱରୀ ଦେବୀ, ଦେବସ୍ମିତା ନାୟକ, ସାଦିଆ ନାଜ୍, ମଧୁସ୍ମିତା ରାଉତ, ରୁଲେଖ ମହାରଣା, ଆଶୁତୋଷ ବିଶ୍ୱାଳ, ଅଭିଷେକ ରାଉତ ପ୍ରମୁଖ ବିଭିନ୍ନ ସମ୍ମାନରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ପରୀକ୍ଷା ଫଳ ଘୋଷଣା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଜୟଦେବ ପାଢ଼ୀ, ପ୍ରଫେସର ରଣଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କଲେଜ ଅଧକ୍ଷା ପରୀକ୍ଷା ଫଳ ପ୍ରକାଶ କରୁଛନ୍ତି।

# ଫିକା ପଡ଼ିବ ଶକ୍ତିପୀଠ



- ୧୦ ବେଶରେ ଦେବୀ ଦର୍ଶନ
- ନିରାଡମ୍ବରରେ ମହାମିଳନ
- ଉତ୍ସବମୁଖର ହେବନି ଗ୍ରାମ

**ବଆଁରପାଳ, ୨୨।୧୦(ଡି.ଏନ.ଏ.)**

ଚଳିତ ବର୍ଷ ଆଡମ୍ବରବିହୀନ ହେବ ଅନୁଗୋଳ ଜିଲା ବଆଁରପାଳ ବ୍ଲକ ତଳମୂଳସ୍ଥିତ ଦୁର୍ଗା ପୂଜା। ପ୍ରସିଦ୍ଧ ଦୁର୍ଗା ଦେବୀ ମନ୍ଦିରରେ ସବୁ ବର୍ଷ ଜାକଜମକରେ ପୂଜା ପାଳନ କରାଯାଉଥିବାବେଳେ ଏ ବର୍ଷ ଉତ୍ସବ ଫିକା ପଡିବ। ଶକ୍ତିପୀଠ ପୂର୍ବ ଭଳି ଆଲୋକମାଳାରେ ଝଲସିବନି କି ଶ୍ରଦ୍ଧାଳୁମାନେ ମାନସିକ ନେଇ ଏଠାକୁ ଆସିବେନି। କରୋନା ଯୋଗୁ କେବଳ ବିଧି ଅନୁଯାୟୀ ପୂଜା ନୀତି ପାଳନ କରାଯିବ ବୋଲି ସ୍ଥିର ହୋଇଛି।

ସବୁଜ ଶସ୍ୟକ୍ଷେତ, ମନ୍ଦାକିନୀ ନଦୀ କୂଳରେ ଅବସ୍ଥିତ ଏହି ପୀଠରେ ଏକାଠି ପୂଜା ପାଆନ୍ତି ଦୁର୍ଗାମାଧବ। ବହୁ ମନୋବାଞ୍ଛା ନେଇ ଶ୍ରଦ୍ଧାଳୁ ଏଠାକୁ ପୂଜା କରିବାକୁ ଆସୁଥିବାବେଳେ ଚଳିତ ବର୍ଷ କିନ୍ତୁ ଆଉ ଲୋକଙ୍କ ଗହଳି ଦେଖିବାକୁ ମିଳିବନି। କୋଭିଡ୍ କଟକଣା ଭିତରେ ବିଧି ଅନୁଯାୟୀ ପୂଜା ଅନୁଷ୍ଠିତ ହେବ। ତେବେ ଗତ ୧୭ ତାରିଖ ନବରାତ୍ରଠାରୁ ପୀଠରେ ମା' ବିଭିନ୍ନ ବେଶରେ ପୂଜା ପାଉଛନ୍ତି। ପ୍ରଥମ ଦିନରେ ତାରା ବେଶ, ଦ୍ୱିତୀୟ ଦିନରେ ବଗଳାମୁଖୀ, ତୃତୀୟ ଦିନରେ ଷୋଡଶୀ ବେଶ, ଚତୁର୍ଥ ଦିନରେ ଭୈରବୀ ଏବଂ ୫ମ ଦିନରେ ଦେବୀ ମାତଙ୍ଗୀ, ଷଷ୍ଠୀରେ ଧୂମାବତୀ ବେଶରେ ଦେବୀ ପୂଜା ପାଇଛନ୍ତି। ସପ୍ତମୀରେ ଭୁବନେଶ୍ୱରୀ, ଅଷ୍ଟମୀରେ ଛିନ୍ନମସ୍ତା, ନବମୀରେ କାତ୍ୟାୟନୀ ଏବଂ ଦଶମୀରେ ମହିଷମର୍ଦ୍ଦିନୀ ବେଶରେ ପୂଜା ପାଇବେ। ନବମୀ ତିଥିରେ ଭଲେଲେଶ୍ୱର ମନ୍ଦିରରୁ କନକ ଦୁର୍ଗାଙ୍କୁ ମନ୍ଦିରକୁ ଅଣାଯିବା ପରେ ପୀଠରେ ଦୁର୍ଗାମାଧବ ଓ କନକ ଦୁର୍ଗାଙ୍କ ମିଳନ ହୋଇଥାଏ। ଏଥିସହ ଦଶମୀରେ ଦଶହରା ପଡିଆରେ ପାଇକଖେଳ ଜମିଥାଏ। କିନ୍ତୁ କରୋନା ଯୋଗୁ ଚଳିତ ବର୍ଷ ମହାମିଳନ ନିରାଡମ୍ବର କରାଯିବ। ସମସ୍ତ ପୂଜା ବିଧି ୭ ଜଣଙ୍କ ଉପସ୍ଥିତିରେ ପାଳନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

### ମନରେ ଉତ୍ସାହ ନାହିଁ



ଦଶହରାରେ ଉତ୍ସବମୁଖର ହୋଇଉଠେ ପୀଠ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜା ସହ ମା'ଙ୍କ ଦର୍ଶନ କରନ୍ତି। କିନ୍ତୁ ଚଳିତ ବର୍ଷ କରୋନା ଯୋଗୁ ପୂଜା ଫିକା ପଡିବ। ଜନସମାଗମ ମଧ ସେପରି ହେବାର ନାହିଁ। ସେଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ନାହିଁ।

-ଅକ୍ଷୟ କୁମାର ମହାପାତ୍ର, ପୂଜକ

### ଅନିଶ୍ଚିତତାରେ ପାଇକଖେଳ



ଚଳିତ ଥର ପାଇକଖେଳ ଅନିଶ୍ଚିତତା ଭିତରେ ରହିଛି। ବିଭିନ୍ନ ଅଞ୍ଚଳରୁ ପାଇକ ଖେଳାଳିମାନେ ଆସି ଦଶହରା ପଡିଆରେ ଖେଳ କସରତ କରନ୍ତି। ହେଲେ କରୋନା ଯୋଗୁ ଏହି ପରମ୍ପରା ବନ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

-ଶ୍ରୀକାନ୍ତ ଦାସ, ଗ୍ରାମବାସୀ

### କଟକଣା ମାନିବାକୁ ପଡ଼ିବ



କରୋନା ଯୋଗୁ ଚଳିତବର୍ଷ ପୂଜାର ଚମକ କମିଛି। ସବୁବର୍ଷ ମିଳିମିଶି ଆନନ୍ଦରେ ପାଳନ କରାଯାଉଥିବା ପୂଜା ଏଥର ନିରାଡମ୍ବର ହେବ। ତଥାପି ସରକାର ଲଗାଇଥିବା କଟକଣା ସମସ୍ତଙ୍କୁ ମାନିବାକୁ ପଡ଼ିବ।

-ସଞ୍ଜୟ ବିଶୋଇ ସିଂ, ଗ୍ରାମବାସୀ

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ତ୍ରିଦିନାତ୍ମକ ପୂଜା ଆରମ୍ଭ

**ପୁରୀ ଅଫିସ,୨୨।୧୦:** ଶାରଦୀୟ ପୂଜା ଅବସରରେ ଶ୍ରୀମନ୍ଦିର ପରିସରସ୍ଥ ମା' ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଗୁରୁବାର ସପ୍ତମୀ ପୂଜା ସମ୍ପନ୍ନ ହୋଇଥିବାବେଳେ ଶୁକ୍ରବାର ଅଷ୍ଟମୀ ଏବଂ ଶନିବାର ନବମୀ ପୂଜା ହେବ। ଏହାକୁ ତ୍ରିଦିନାତ୍ମକ ପୂଜା କୁହାଯାଇଥାଏ। ସପ୍ତମୀଠାରୁ ଏହି ତ୍ରିଦିନାତ୍ମକ ପୂଜା ପାଳନ ନିମନ୍ତେ ସଂକଳ୍ପ କରାଯାଇଥିଲା। ଏହି ସଂକଳ୍ପିତ କର୍ମରେ ତର୍ପଣ, ମାର୍ଜଣା ଆଦି ସହ ଜପ ଓ ହୋମାଦି କର୍ମ କରାଯାଇଥିଲା। ନିଶାର୍ଦ୍ଧରେ ମହାପ୍ରଭୁଙ୍କ ପହୁଡ଼ ହେବା ପରେ ଭିତର ଶୋଧ କରାଯାଇ ମା' ବିମଳାଙ୍କ ନିକଟରେ ଶଙ୍ଖୁଡ଼ି ଓ ଆମିଷ ଭୋଗ କରାଯାଇଛି। ଏଥିସହ କେତେକ ଗୁପ୍ତ ପୂଜା ବିଧି ମଧ ସମ୍ପନ୍ନ ହୋଇଛି। ଭୋଗ ପ୍ରସ୍ତୁତି ନିମନ୍ତେ ବିମଳାଙ୍କ କୂଅ ନିକଟରେ ଏକ ଅସ୍ଥାୟୀ ପାକଶାଳା ନିର୍ମିତ ହୋଇଛି । ଏଥିରେ ଶଙ୍ଖୁଡ଼ି ଭୋଗ ପ୍ରସ୍ତୁତ କରାଯାଇଥିଲା।

### ପୋଲିସକୁ ଆକ୍ରମଣ ଘଟଣା: ଆଉ ୪ ଗିରଫ

**କଣ୍ଟାପଡ଼ା, ୨୨।୧୦(ଡି.ଏନ୍.ଏ.):** ମାସ୍କଚେକିଂକୁ ନେଇ ଓଲଟପୁର ଥାନାସ୍ଥିତ ଅଡ଼ଶପୁର ବଜାରରେ ଗତ ୧୧ ତାରିଖ ଦିନ ଉତ୍ତ୍ୟକ୍ତ ଜନତାଙ୍କ ଆକ୍ରମଣର ଶିକାର ହୋଇଥିବା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ଘଟଣାରେ ସମ୍ପୃକ୍ତ ୨୦୦ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପୋଲିସ ଗୁରୁବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଡ଼ଶପୁର ଥୋଡିଆ ସାହିର ନୀଲୁ ମୁଦୁଲି ଓ ଗୋବିନ୍ଦପୁର ଥାନାସ୍ଥିତ ଉରାଡ଼ ଗ୍ରାମର ଟୁକୁଲା ମହାପାତ୍ର, ଗୁଡୁ ମହାପାତ୍ର, ଓ ଚିତ୍ତରଞ୍ଜନ ମହାପାତ୍ର। ସୂଚନାଯୋଗ୍ୟ ଘଟଣାଦିନ ଅଡ଼ଶପୁର ବଜାରରେ ଓଲଟପୁର ପୋଲିସ ମାସ୍କ ଛେକିଂ କରୁଥିବାବେଳେ ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଜନତା ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଜଣେ ଗୃହରକ୍ଷୀ ଆହତ ହୋଇଥିଲେ। ପୋଲିସ ଏହି ଘଟଣାରେ ପୂର୍ବରୁ ୫ଜଣଙ୍କୁ ଗିରଫ କରିଥିଲା।

### ଦାଦାବଟି ମାଗି ୨ ଗିରଫ: ବନ୍ଧୁକ ଜବତ

**କଟକ ଅଫିସ,୨୨।୧୦-** ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ମର୍କତ ନଗର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ନନ୍ଦନକାନନ ଥାନା ଅଞ୍ଚଳର ଜିତେନ୍ଦ୍ର ପରିଡ଼ା ଓ କଟକ ସଦର ଥାନା ଅଞ୍ଚଳର ଗୋବିନ୍ଦ ସାହୁ। ସେମାନଙ୍କଠାରୁ ୨ଟି ବନ୍ଧୁକ, ମୋବାଇଲ ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଜ୍ଞାନପ୍ରକାଶ କର ଜଣେ ବିଲ୍ଡର। ଅନେକ ଦିନ ହେବ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଫୋନ୍‌ରେ ଧମକ ଦେଇ ୨୦ ଲକ୍ଷ ଟଙ୍କା ଦାଦାବଟି ମାଗୁଥିଲେ। ଟଙ୍କା ନ ଦେଲେ ତାଙ୍କୁ ମାରିଦେବାକୁ ଧମକ ଦେଉଥିଲେ। ବୁଧବାର ରାତି ପ୍ରାୟ ୧୧ଟାରେ ଜ୍ଞାନପ୍ରକାଶ ସିଡିଏ ଅଭିମୁଖେ ଯାଉଥିବାବେଳେ ଦୁଇ ଅଭିଯୁକ୍ତ ତାଙ୍କୁ ବେଲ୍‌ଭ୍ୟୁ ଛକ ନିକଟରେ ଅଟକାଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ଦାବି ମୁତାବକ ୨୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ସେଠାରୁ ସେ ଖସି ଆସିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୯୭/୨୦) ରୁଜୁ କରି ତଦନ୍ତ ଚଳାଇଛି।

# ପୁରୀ ହେବ ସ୍ୱଚ୍ଛ ଐତିହ୍ୟ ଧାମ

**ପୁରୀ ଅଫିସ,୨୨।୧୦**



ଚାରିଧାମ ମଧ୍ୟରୁ ଅନ୍ୟତମ ହେଉଛି ପୁରୀ। ତେଣୁ ପୁରୀକୁ ସ୍ୱଚ୍ଛ ଐତିହ୍ୟ ଧାମ ଭାବେ ଗଢି ତୋଳିବାକୁ ଜିଲା ପ୍ରଶାସନ ପକ୍ଷରୁ 'ମୋ ଧାମ, ମୋ ଗର୍ବ ଅଭିଯାନ' ଆରମ୍ଭ ହୋଇଛି। ଏହାର ରୂପରେଖ କ'ଣ ରହିବ ଓ ଏହାକୁ କିପରି ସଫଳ କରାଯିବ ସେ ନେଇ ଗୁରୁବାର ଟାଉନ ହଲ୍‌ରେ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ ଶିକ୍ଷକ, ବିଭିନ୍ନ ଶିକ୍ଷାନୁଷ୍ଠାନ ମୁଖ୍ୟ, ସରକାରୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ପୃଥକ୍ ପୃଥକ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫନୀ ବିଧ୍ୱସ୍ତ ପୁରୀ ସହରକୁ ଠିଆ କରାଇବା, ମୋ ବିଚ୍ ଅଭିଯାନ ଏବଂ ସ୍ୱର୍ଣ୍ଣାଭ ବେଳାଭୂମିକୁ ବ୍ଲୁଫ୍ଲାଗ୍ ବିଚ୍ ମାନ୍ୟତା ମିଳିବା ନେଇ ସହରବାସୀ ଯେଉଁ ସହଯୋଗ କରିଥିଲେ ସେଥିପାଇଁ ଜିଲାପାଳ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏଥିସହ ପୁରୀକୁ ସ୍ୱଚ୍ଛ ଐତିହ୍ୟ ଧାମ କରିବା ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ପୁରୀବାସୀଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

'ମୋ ଧାମ, ମୋ ଗର୍ବ ଅଭିଯାନ' ନଭେମ୍ବର ପହିଲାରୁ ଏକ ସପ୍ତାହ ଧରି ଚାଲିବ। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ସବୁବର୍ଗର ଲୋକ ସାମିଲ ହେବେ। ପ୍ରତି ୱାର୍ଡରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ବ୍ୟକ୍ତି ଦସ୍ତଖତ ଅଭିଯାନ ମାଧ୍ୟମରେ ସହରକୁ ସ୍ୱଚ୍ଛ ରଖିବାକୁ ଶପଥ ନେବେ। ଏହି ଅଭିଯାନ ଛାତ୍ରୀଛାତ୍ରଙ୍କୁ ନିଜ ଘର ଓ ଚାରିପାଖ ଆବର୍ଜନାମୁକ୍ତ ରଖିବାକୁ ପରାମର୍ଶ ଦେବ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ମିଶି ଆବର୍ଜନାମୁକ୍ତ ଅଭିଯାନରେ ସାମିଲ ଥିବା ନେଇ ମୋବାଇଲ ଫୋନ୍‌ରେ ଭିଡିଓ ପ୍ରସ୍ତୁତ କରିପାରିବେ। ପ୍ରତି ଘରେ ଓଦା ଆବର୍ଜନା ପାଇଁ ସବୁଜ ରଙ୍ଗର ଡଷ୍ଟବିନ, ଶୁଖିଲା ପାଇଁ ନୀଳ, ସଂକ୍ରମିତ ଆବର୍ଜନା ପାଇଁ ନାଲି ଓ ହାନିକାରକ ଆବର୍ଜନା ଲାଗି କଳା ରଙ୍ଗର ଡଷ୍ଟବିନ ରଖିବେ। ଦୀପାବଳି ପୂର୍ବରୁ ସମସ୍ତ ୧୦ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର କାର୍ଯ୍ୟକ୍ଷମ କରାଯିବ। ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଆବର୍ଜନାମୁକ୍ତ ଓ ପରିଷ୍କାର ରଖାଯିବା ନେଇ ବିଭାଗୀୟ ମୁଖ୍ୟ ଦାୟିତ୍ୱ ନେବେ। ଆବର୍ଜନାମୁକ୍ତ ଓ ପରିଚ୍ଛନ୍ନ ଥିବା ସର୍ବୋତ୍କୃଷ୍ଟ ୩ଟି ଅଫିସକୁ ଦୀପାବଳି ପୂର୍ବରୁ ପୁରସ୍କୃତ କରାଯିବା ସହ ପ୍ରୋତ୍ସାହିତ ପାଇଁ ରାଜ୍ୟସ୍ତରକୁ ସୁପାରିସ କରାଯିବ। ନିଜ ଅନୁଷ୍ଠାନ ଓ କାର୍ଯ୍ୟାଳୟକୁ ପରିଚ୍ଛନ୍ନ ରଖିବା କ୍ଷେତ୍ରରେ ବିଫଳ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅଭିଯାନ ନେଇ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ାଯିବ। ବୈଠକରେ ନୂଆଦିଲ୍ଲୀସ୍ଥିତ ଫିଡ୍ ବ୍ୟାକ ଫାଉଣ୍ଡେଶନର ଜ୍ୟୋତି ପ୍ରକାଶ ଉକ୍ତ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ସିଡିଏମ୍‌ଓ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୧ରୁ 'ମୋ ଧାମ, ମୋ ଗର୍ବ' ଅଭିଯାନ**

- ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ
- ଅଫିସ ପରିଷ୍କାର ନ ରହିଲେ ଅଧିକାରୀଙ୍କ ଦରମା ବନ୍ଦ
- ସ୍ୱଚ୍ଛତା ପାଇଁ ସର୍ବୋତ୍କୃଷ୍ଟ ୩ ଅଫିସକୁ ପୁରସ୍କୃତ କରାଯିବ

# ଶ୍ରୀମନ୍ଦିରର ୮ ଦ୍ୱାର ହେବ ରୁପା ଛାଉଣି

**ପୁରୀ ଅଫିସ, ୨୨।୧୦**

- ଡିଜାଇନ ଅନୁମୋଦନ ପାଇଁ ୨୭ରେ ବୈଠକ
- ପ୍ରାୟ ଅଢେଇ ଟନ୍ ରୁପା ଲାଗିବ

ଶ୍ରୀମନ୍ଦିରର ୩ଟି ଦ୍ୱାର (ଜୟ ବିଜୟ, କଳାହାଟ ଓ ବେହେରଣ) ରୁପା ଛାଉଣି ହେବ। ଜଣେ ଭକ୍ତ ଏଥିପାଇଁ ଆବଶ୍ୟକ ରୁପା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବେ ବୋଲି ପୂର୍ବରୁ ସୂଚନା ମିଳିଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଏବେ ଆହୁରି ୫ଟି ଦ୍ୱାର ରୁପା ଛାଉଣି କରାଯିବ ବୋଲି ଜଣାପଡ଼ିଛି। ଉପରୋକ୍ତ ୩ ଦ୍ୱାର ସମେତ ସାତପାହାଚ ଦ୍ୱାର, ପଶ୍ଚିମ ଭୋଗମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାରକୁ ରୁପା ଛାଉଣି କରାଯିବ। ଏଥିପାଇଁ ୧୫ ଜଣିଆ କମିଟି ଗଠନ ହୋଇଛି। କମିଟିର ପ୍ରଥମ ବୈଠକ ଆସନ୍ତା ୨୭ତାରିଖ ଅପରାହ୍ନରେ ନୀଳାଦ୍ରି ଭକ୍ତନିବାସରେ ବସିବ। ଏଥିରେ ମୁମ୍ବାଇର ରୁପା କାରିଗରମାନେ ଯୋଗଦେଇ ଏହାର ଡିଜାଇନ ଉପସ୍ଥାପନ କରିବେ। ବିସ୍ତୃତ ଭାବେ ଆଲୋଚନା ପରେ ଡିଜାଇନ ଚୂଡ଼ାନ୍ତ କରାଯିବ। ସେହିପରି ରୁପା ରଖାଯିବା ପାଇଁ ଷ୍ଟ୍ରଙ୍ଗରୁମ୍, କାରିଗରଙ୍କ ରହଣି, ସିସିଟିଭି କ୍ୟାମେରା ଲଗାଯିବା ଆଦି ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ବୈଠକରେ ଆଲୋଚନା ହେବ।

ମହାପ୍ରଭୁଙ୍କୁ ଦାନ ଦେବା ପାଇଁ ଭକ୍ତଙ୍କ ମଧ୍ୟରେ ଆଗ୍ରହ ବଢିଛି। ପୂର୍ବରୁ ୩ଟି ଦ୍ୱାର ରୁପା ଛାଉଣି ଲାଗି ଜଣେ ଭକ୍ତ ଇଚ୍ଛାପ୍ରକାଶ କରିଥିଲେ। ସେହିପରି ଅନ୍ୟ ଜଣେ ଭକ୍ତ ଠାକୁରଙ୍କ ଆଭୂଷଣ ପାଇଁ ସୁନା ଦାନ ଦେବେ ବୋଲି କହିବା ପରେ ବୁଧବାର ବୈଠକ ବସି ଏହାର ଡିଜାଇନକୁ ଅନୁମୋଦନ କରାଯାଇଛି। ଖୁବ୍‌ଶୀଘ୍ର ମହାପ୍ରଭୁଙ୍କର ଶ୍ରୀମୁଖ ପଦ୍ମ, ଝୋବାକଣ୍ଠି ଓ ତଡ଼ଗୀ ନିର୍ମାଣ କରାଯିବ। ପୁନଶ୍ଚ ଆହୁରି ୫ଟି ଦ୍ୱାର ରୁପା ଛାଉଣି ପାଇଁ ଦାତା ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଜଣାପଡ଼ିଛି। ପୂର୍ବରୁ ୩ଟି କବାଟ ପାଇଁ ଆଗ୍ରହ ପ୍ରକାଶ କରିଥିବା ଭକ୍ତ ଜଣଙ୍କ ହିଁ ଆଉ ୫ଟି ଦ୍ୱାର ରୁପା ଛାଉଣି ଲାଗି ଇଚ୍ଛା ପ୍ରକଟ କରିଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଏହି ୮ ଦ୍ୱାରର କବାଟ ନୂତନ ଭାବେ ତିଆରି ହେବ। ଏହା ଉପରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଚାଦର ଆବରଣ କରାଯିବ। ଏଥିରେ ପ୍ରାୟ ଅଢେଇ ଟନ୍ ରୁପା ଲାଗିବ। କମିଟି ବୈଠକ ପରେ ନୀଳାଦ୍ରି ଭକ୍ତ ନିବାସ ପରିସରରେ କବାଟ ତିଆରି କରାଯିବ। ଏଥିପାଇଁ ବର୍ମାଟିକ୍ କାଠ ଆସୁଛି। କବାଟ ନିର୍ମାଣ ସରିବା ପରେ ଏଥିରେ ରୁପା ଛାଉଣି ହେବ ବୋଲି ସୂଚନା ମିଳିଛି।

## କୋଭିଡ୍ କଟକଣାକୁ ଫୁଁ



ପାର୍ବଣରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ସତ୍ତ୍ୱେ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟରେ ଗୁରୁବାର ହୋଇଥିବା ପ୍ରବଳ ଭିଡ଼।

# ପଥର ଖଣିରେ ଚଢ଼ାଉ, ୪ ଗିରଫ

**ଡେଲାଙ୍ଗ,୨୨।୧୦(ଡି.ଏନ୍.ଏ.)**

ଡେଲାଙ୍ଗ ପୋଲିସ ଗୁରୁବାର ବେଆଇନ ପଥର ଖନନ କରୁଥିବା ଖଣିରେ ଚଢ଼ାଉ କରି ୪ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ହରିରାଜପୁର ଗ୍ରାମର ବିଜୟ କୁମାର ଚମ୍ପତି, ଜଟଣୀ ଲୋକ କଲୋନୀର ପି.କାଳିସତିସ, ଟ୍ରାକ୍ଟର ଡ୍ରାଇଭର ଖୋର୍ଦ୍ଧା ସଦରଥାନା ଅଣ୍ଡା ଗ୍ରାମର ବିଶ୍ୱଂଜ୍ଞନ ବେହେରା, ପାୱାର ଟିଲର ଡ୍ରାଇଭର ତିରୁମଲ ଗ୍ରାମର ମହେଶ୍ୱର ବେହେରା। ଏ ନେଇ ପୋଲିସ ନଂ.୧୬୪/୨୦ରେ ମାମଲା ରୁଜୁ ହୋଇଛି। ସେମାନଙ୍କଠାରୁ ୧ଟା ପାୱାର ଟିଲର, ୧ଟା ଗ୍ୟାସ ଲାଇଟ, ୩ ପଥର କଟା କଟର ଓ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ସୂଚନାଯୋଗ୍ୟ, ଡେଲାଙ୍ଗ ଥାନାର ଏସ୍‌ଆଇ ଉପେନ୍ଦ୍ର ନାଥ ଦାଶଙ୍କ ନେତୃତ୍ୱରେ କନଷ୍ଟେବଳ ପ୍ରସାନ୍ତ ପ୍ରଧାନ, ହାବିଲଦାର ଲକ୍ଷ୍ମଣ ମହାପାତ୍ର ପାଟ୍ରୋଲିଂ କରୁଥିବା ସମୟରେ ହରିରାଜପୁର ନିକଟସ୍ଥ ଏକ ଜଙ୍ଗଲିଆ ସ୍ଥାନରେ ଟ୍ରାକ୍ଟରରେ ପଥର ଲୋଡିଂ କରାଯାଉଥିବାର ଦେଖିଥିଲେ। ଘଟଣାସ୍ଥଳକୁ ଯିବା ପରେ ସେଠାରେ ବେଆଇନ ପଥର ଖନନ କରାଯାଉଥିଲା। ପଥର ଖନନ କାର୍ଯ୍ୟକୁ ପୋଲିସ ବନ୍ଦ କରିବାବେଳେ ଅଭିଯୁକ୍ତମାନେ ବଚସା କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ ଜଣେ ଟ୍ରାକ୍ଟର ଡ୍ରାଇଭର ଚମ୍ପଟ ମାରିଥିଲା। ହେଲେ ଉପସ୍ଥିତ ଥିବା ୨ ଖଣି ମାଫିଆ, ଟ୍ରକ୍ଟର ଓ ପାୱାର ଟିଲର ଡ୍ରାଇଭର ସମେତ ୪ଜଣଙ୍କୁ କାବୁ କରାଯାଇଥିବା ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଖାଲିପଡ଼ିଥିବା ଏକାଡେମୀ ପଦବୀ ପୂରଣ ହେବ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

**ସଭାପତି, ଉପସଭାପତି ଦୌଡ଼ରେ ରହିବେନି ୬୦ରୁ କମ୍ ବୟସ୍କ ବ୍ୟକ୍ତି**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସମସ୍ତ ଏକାଡେମୀର ଖାଲି ପଦପଦବୀ ପୂରଣ ହେବ। ଏନେଇ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି, ଉପସଭାପତି ଓ ସଚିବ, ଓଡ଼ିଶା ଲଳିତକଳା ଏକାଡେମୀର ଉପସଭାପତି ଓ ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଉପସଭାପତି ଏବଂ ଓଡ଼ିଶା ଉର୍ଦ୍ଦୁ ଏକାଡେମୀରେ ସଚିବ ପଦବୀରେ ନୂଆ ନିଯୁକ୍ତି କରାଯିବ। ଏସବୁ ପଦବୀ ପାଇଁ ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଚାରୁ ଓ କାରୁକଳା, ଚିତ୍ରକଳା, ସ୍ଥାପତ୍ୟ, ନାଟ୍ୟ ଓ ସଙ୍ଗୀତ, ଉର୍ଦ୍ଦୁ ଭାଷା ଓ ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିବିଶେଷମାନେ ଏଥିଲାଗି ଆବେଦନ କରିପାରିବେ। ଆସନ୍ତା ୧୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ଇଚ୍ଛୁକ ପ୍ରାର୍ଥୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଆବେଦନ କରିପାରିବେ ବୋଲି କୁହାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ସମସ୍ତ ଏକାଡେମୀରେ ସଭାପତି ଓ ଉପସଭାପତି ପଦବୀ ପାଇଁ ଆବେଦନକାରୀଙ୍କ ବୟସ ୬୦ ବର୍ଷରୁ କମ୍ ଓ ୮୦ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପୂର୍ବରୁ ଏହି ପଦବୀ ପାଇଁ ୬୦ବର୍ଷରୁ କମ୍ ବୟସ୍କମାନେ ଆବେଦନ କରିପାରୁଥିଲେ। ତେବେ ଆବେଦନ କରୁଥିବା ବ୍ୟକ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ କଳା କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠିତ ହୋଇଥିବା ଆବଶ୍ୟକ। ଏକାଡେମୀଗୁଡ଼ିକର ସଚିବ ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତି ୪୫ରୁ କମ୍ ଏବଂ ୬୫ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ। ଓଡ଼ିଶା ଲଳିତକଳା ଏକାଡେମୀର ଉପସଭାପତି ପଦବୀ ପାଇଁ ଆବେଦନକାରୀ ଦୃଶ୍ୟକଳା, ଚାରୁ ଓ କାରୁକଳା, ଚିତ୍ରକଳା କିମ୍ବା ସ୍ଥାପତ୍ୟ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ହୋଇଥିବା ଆବଶ୍ୟକ। ସେହିଭଳି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଉପସଭାପତି ପଦବୀ ପାଇଁ ଆବେଦନକାରୀଙ୍କର ନୃତ୍ୟ, ସଙ୍ଗୀତ କିମ୍ବା ନାଟକ ଭଳି କ୍ଷେତ୍ରରେ ଖ୍ୟାତି ରହିଥିବା ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପାଇଁ ସଚିବ ପଦବୀ ପାଇଁ ଉର୍ଦ୍ଦୁ ଭାଷା ଓ ସାହିତ୍ୟରେ ଆଗ୍ରହ ରଖିଥିବା ବ୍ୟକ୍ତି ଆବେଦନ କରିପାରିବେ ବୋଲି ବିଭାଗ ସ୍ପଷ୍ଟ କରିଛି।

## ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ପୁରୀ ଅଫିସ,୨୨।୧୦**

ସମୁଦ୍ରକୂଳ ଥାନା ପୋଲିସ ବୁଧବାର ରାତିରେ ଏକ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ୮ ନଂ. ପାଣି ଟାଙ୍କିର ନିକଟ ଜଙ୍ଗଲରେ ବସି ୫ଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଅଚାନକ ଚଢ଼ାଉ କରିଥିଲା। ଯୁବକମାନେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏହି ୫ ଅଭିଯୁକ୍ତ ହେଲେ ରେଲୱେ କଲୋନୀର ଜଗନ ବେହେରା ଓ ସୁକାନ୍ତ ନାୟକ, ଶ୍ରୀକ୍ଷେତ୍ର କଲୋନୀର କରନ ଖାଉଡ଼ିଆ, ଦରଜିପୋଖରୀ ଛକର ସୁବାସ ମହାନ୍ତି ଏବଂ ଡେଲ୍‌ଟା କଲୋନୀର ସୋମନାଥ ସାହୁ। ଏମାନଙ୍କ ନାଁରେ ପୋଲିସ ଏକ ମାମଲା (ନଂ.୧୭୪/୨୦) ରୁଜୁ କରି ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

# କୋଭିଡ୍ ଡ୍ୟୁଟିରେ ନିଯୁକ୍ତ ସେବିକାଙ୍କୁ ମିଳୁନି କ୍ୱାରାଣ୍ଟାଇନ ସୁବିଧା

**କଟକ ଅଫିସ,୨୨।୧୦**

ଏସ୍‌ସିବି କୋଭିଡ ପରିଚାଳନା କମିଟି ତରଫରୁ ଆଇସୋଲେଶନ ୱାର୍ଡ ନିମନ୍ତେ ଗତ ୨୯ ତାରିଖରେ ନୂଆ ଏସ୍‌ଓପି ଜାରି କରାଯାଇଥିଲା। ତଦନୁଯାୟୀ, ଏସ୍‌ସିବି ଚକ୍ଷୁ ବିଭାଗ କୋଠାରେ ପରିଚାଳିତ ହେଉଥିବା ଆଇସୋଲେସନ ୱାର୍ଡରେ ଅକ୍ଟୋବର ଓ ଅନ୍ୟ ମାସ ନିମନ୍ତେ କାମରେ ନିୟୋଜିତ ହେବାକୁ ଥିବା ଡାକ୍ତର,ସେବିକା ତଥା ଅନ୍ୟ ପାରାମେଡିକାଲ କର୍ମଚାରୀ ୧୦ ଦିନ ଡ୍ୟୁଟି କରି ୬ ଦିନ କ୍ୱାରାଣ୍ଟାଇନରେ ରହିବା କଥା । ୧୦ ଦିନ ଡ୍ୟୁଟି ପରେ କ୍ୱାରାଣ୍ଟାଇନ ଅବଧିର ପ୍ରଥମ ଦିନ କିମ୍ବା ଲକ୍ଷଣ ଦେଖା ଯିବାର ପ୍ରଥମ ଦିନ ମଧ୍ୟରେ ଆରଟିପିସିଆର ପଦ୍ଧତି ଦ୍ୱାରା ସ୍ୱାବ ପରୀକ୍ଷା କରାଇବା ଜରୁରୀ। ଏହାପରେ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ ପୁଣି ଡ୍ୟୁଟିରେ ଯୋଗ ଦେବା ପାଇଁ ଅନୁମତି ଦିଆଯାଇପାରିବ ବୋଲି ଲିଖିତ ଭାବେ ନଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିୟମ ମୁତାବକ କ୍ୱାରାଣ୍ଟାଇନ ସୁବିଧା ଡାକ୍ତରଙ୍କୁ ଦିଆଯାଉଥିବାବେଳେ ସେବିକାମାନଙ୍କୁ ମିଳୁନାହିଁ ବୋଲି ସେବିକା ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏନେଇ କେତେଜଣ ସେବିକା ଗୁରୁବାର ଅପରାହ୍ନରେ ନୋଡାଲ ଅଧିକାରୀ ଡା. ମନୋରଞ୍ଜନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଅବଗତ କରାଇବାକୁ ଆସିଥିଲେ। କିନ୍ତୁ ନୋଡାଲ ଅଧିକାରୀଙ୍କୁ ସାକ୍ଷାତ ନ କରିପାରି ଫେରିଯାଇଛନ୍ତି। ଏ ସମ୍ପର୍କରେ ନୋଡାଲ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ଖପୁରିଆ ଆଇଟିଆଇରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଇନୋଭେଶନ ସେଣ୍ଟର

**କଟକ ଅଫିସ, ୨୨।୧୦**

**ବୁଝାମଣାପତ୍ର ସ୍ୱାକ୍ଷରିତ**

ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ପ୍ରତିଷ୍ଠା ହେବ ଫିଜିକାଲ ଏବଂ ଭର୍ଚ୍ଚୁଆଲ ଅତ୍ୟାଧୁନିକ ଇନୋଭେସନ ସେଣ୍ଟର। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ରୋବୋଟିକ୍ସ, ଇଲେକ୍ଟ୍ରୋନିକ୍ସ ଏବଂ ବିଭିନ୍ନ ଯନ୍ତ୍ରପାତି ଉପରେ ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରିପାରିବେ। ଏ ନେଇ ଗୁରୁବାର ଓଡ଼ିଶା ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଏବଂ ହାଇଦ୍ରାବାଦର ଏଜଏଫଏକ୍ସ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଶିଳ୍ପର ଆବଶ୍ୟକତା ପୂରଣ ସହ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ। ଶିଳ୍ପ ସହ ଜଡିତ ଅତ୍ୟାବଶ୍ୟକ ଜ୍ଞାନକୌଶଳ ଉପରେ ଛାତ୍ରୀଛାତ୍ର ଶିକ୍ଷା ପାଇପାରିବେ ବୋଲି ଖପୁରିଆ ଆଇଟିଆଇର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି କହିଛନ୍ତି। ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଜି. ରଘୁ, ଅତିରିକ୍ତ ନିର୍ଦ୍ଦେଶକ ଏ. କେ. ପଣ୍ଡା, ଏଜଏଫଏକ୍ସ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍‌ର ସିଇଓ କାମିନୀ ଗୁପ୍ତା ଓ ତରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



# ପାନୀୟ ଜଳ କମ୍ପାନୀରେ ପୋଲିସ ଚଢ଼ାଉ

**ବାରଙ୍ଗ,୨୨।୧୦(ଡି.ଏନ୍.ଏ.)**

- ନାମୀ ବ୍ରାଣ୍ଡ୍‌ର ଲୋଗୋ ଲଗାଇ ବିକୁଥିଲେ
- ମ୍ୟାନେଜର, ସୁପରଭାଇଜର ଗିରଫ



ଚନ୍ଦକା ଥାନା ଅଧୀନସ୍ଥ ଗ୍ରାମଡ଼ିହଠାରେ ଥିବା ଏକ ପାନୀୟଜଳ କମ୍ପାନୀ ଉପରେ ଗୁରୁବାର ପୋଲିସ ଚଢ଼ାଉ କରିଛି। ଏହି କମ୍ପାନୀ ଏକ ନାମୀ ଘରୋଇ ବ୍ରାଣ୍ଡ ପାନୀୟ ଜଳ କମ୍ପାନୀର ଲୋଗୋ ବ୍ୟବହାର କରି ପାଣି ପ୍ୟାକେଟ ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କମ୍ପାନୀର ମ୍ୟାନେଜର ବ୍ରହ୍ମଗିରି ଥାନା ଅଧୀନ ଜଉଖିଆ ଗ୍ରାମର ସର୍ବେଶ୍ୱର ଦାସ ଓ ସୁପରଭାଇଜର ନୟାଗଡ଼ ଥାନା ଅଧୀନ ନବଘନପୁର ଗ୍ରାମର ହରିହର ସାହୁ। ଏହାସହ ସେଠାରୁ ପାଣିବୋତଲ, ଛାଞ୍ଚ, ଖାଲି ପାଣି ବୋତଲ, ଲେବଲିଂ ଷ୍ଟିକର, ବୋତଲ ଠିପି, ୨ଟି ମେଶିନ ସହ ବିଭିନ୍ନ ବ୍ରାଣ୍ଡର ଛାଞ୍ଚ ସହ ପାନୀୟ ଜଳ ଉତ୍ପାଦନର ସମସ୍ତ ସାମଗ୍ରୀକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମଡିହଠାରେ ଥିବା ଲକ୍ଷ୍ମୀପାନୀୟ ନାମକ କମ୍ପାନୀ ଏକ ନାମୀ ପାନୀୟଜଳ କମ୍ପାନୀଠାରୁ ଚୁକ୍ତିନାମା କରି ସେହି ବ୍ରାଣ୍ଡର ପାନୀୟ ଜଳ ତିଆରି କରି ବିକ୍ରି କରୁଥିଲେ। କିନ୍ତୁ କମ୍ପାନୀ ସହ କିଛିଦିନ ହେବ ଚୁକ୍ତିନାମା ସରିଯାଇଥିଲେ ମଧ୍ୟ ଉକ୍ତ କମ୍ପାନୀ ସେହି ଲୋଗୋକୁ ବ୍ୟବହାର କରୁଥିଲେ। ଏହା ଜଣାପଡ଼ିବା ପରେ ନାମୀ ପାନୀୟ ଜଳ କମ୍ପାନୀର ଜଣେ ଅଧିକାରୀ ଦିଲ୍ଲୀର ବିଜୟ କୁମାର ଚନ୍ଦକା ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ ନଂ.୧୮୨/୨୦ରେ ଏକ ମାମଲା ରୁଜୁକରି ବୁଧବାର ରାତିରେ ଉକ୍ତ କମ୍ପାନୀ ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ କମ୍ପାନୀ ମାଲିକ ଲକ୍ଷ୍ମୀକାନ୍ତ ନାୟକ ନ ଥିବାରୁ ମ୍ୟାନେଜର ଓ ସୁପରଭାଇଜରଙ୍କୁ ପଚରାଉଚୁରା କରିଥିଲେ। ପୋଲିସ ଯାଞ୍ଚ ବେଳେ ନାମୀ କମ୍ପାନୀର ବିନା ଲାଇସେନ୍ସ ଓ ପ୍ରାଧିକରଣ ବିନା ବେଆଇନ ଭାବେ ପାନୀୟ ଜଳ ପ୍ୟାକେଟ ଉତ୍ପାଦନ କରୁଥିବା ଜଣାପଡ଼ିଥିଲା। ଯଦିଓ ନାମୀ କମ୍ପାନୀ ଦ୍ୱାରା ଚୁକ୍ତିନାମା ସରିଯାଇଛି କିନ୍ତୁ ତା'ର ଛାଞ୍ଚ ଓ ସମାନ ଲେବୁଲ ବ୍ୟବହାର କରି ପ୍ୟାକେଟ କରୁଥିଲେ। ଏହାପରେ ୨ଜଣଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ଗଞ୍ଜାମ ଜିଲା ଚାଷୀଙ୍କୁ ଭେଟିଲେ ବାଚସ୍ପତି

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଫାଶିଗୁଡ଼ା ଗ୍ରାମ ପଞ୍ଚାୟତର ୩୦ ଜଣ ଚାଷୀ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଧାସସଭା ନୂତନ ସମ୍ମିଳନୀ କକ୍ଷରେ ଗୁରୁବାର ସାକ୍ଷାତ କରିଛନ୍ତି। ଏହି ଆଲୋଚନା ସମୟରେ ସେମାନେ ନିଜର ଅଭାବ ଅସୁବିଧା ସହିତ ନିଜ ଗ୍ରାମ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତଭାବେ ବାଚସ୍ପତିଙ୍କୁ ଜଣାଇଛନ୍ତି । ସେମାନଙ୍କ ସମସ୍ୟାଗୁଡ଼ିକୁ ଯଥାଶୀଘ୍ର ସାମାଧାନ ସହିତ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରବା ପାଇଁ ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି । ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ବାଚସ୍ପତି ପାତ୍ର ଗଞ୍ଜାମ ଜିଲାର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଏକକ ପିଜି ପ୍ରବେଶିକା ପରୀକ୍ଷା ସରିଲା ନଭେମ୍ବର ୧୦ରେ ମେଧା ତାଲିକା

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା ଗୁରୁବାର ଶେଷ ହୋଇଛି। ରାଜ୍ୟର ୬୮ଟି ଶିକ୍ଷାନୁଷ୍ଠାନରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ୬୩ ହଜାର ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୪୯ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ସମସ୍ତ ବିଷୟର ଉତ୍ତର ଖାତା ମୂଲ୍ୟାୟନ ଶେଷ ହୋଇ ନଭେମ୍ବର ୨ ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ସଂଯୋଜନାରେ ଓକାକ୍ ନିକଟରେ ପରୀକ୍ଷାର୍ଥୀଙ୍କ ପ୍ରବେଶିକା ପରୀକ୍ଷା ମାର୍କ ଦାଖଲ କରାଯିବ। ନଭେମ୍ବର ୫ ରାତି ୧୧ଟା ୪୫ ସୁଦ୍ଧା ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ର ସେମାନଙ୍କ ମାର୍କ ସାମ୍ସ ପୋର୍ଟାଲରେ ଅପଲୋଡ୍ କରିବେ। ନଭେମ୍ବର ୧୦ରେ ଏକକ ମେଧା ତାଲିକା ପ୍ରକାଶ ପାଇବ ଏବଂ ୩୦ ତାରିଖ ସୁଦ୍ଧା ନାମଲେଖା ଶେଷ ହେବ ବୋଲି ସୂଚନା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଘୋଷଣାରେ ଅଟକିଛି ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ

- ନିର୍ଦ୍ଦିଷ୍ଟ ଭାବେ ଜମି ଦଖଲ ମିଳିନି, ଏସ୍‌ଏସ୍‌ଆଇ ନିର୍ମାଣ କାର୍ଯ୍ୟରେ ବାଧା
- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କଲେ କଳିଙ୍ଗନଗର ଏସ୍‌ଏସ୍‌ଆଇ ସଭାପତି
- ଆବଶ୍ୟକ ଜମି ଅଭାବରୁ ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ସଂଶୟ

**ଯାଜପୁର ଅଫିସ୍, ୨୨।୧୦**

ରାଜ୍ୟ ସରକାର ଶିଳ୍ପ ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ୱତନ୍ତ୍ର ଶିଳ୍ପ ଜୋନ୍ ଭାବେ ପରିଗଣିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଡାଉନ୍‌ଷ୍ଟ୍ରିମ ଶିଳ୍ପକୁ ମଧ ପ୍ରାଧାନ୍ୟ ଦିଆଯାଉଛି। ୩୬ଟି ସ୍ମଲ୍ ସ୍କେଲ୍ ଇଣ୍ଡଷ୍ଟ୍ରିଜ(ଏସ୍‌ଏସ୍‌ଆଇ)କୁ ଇଡ୍‌କୋ ଜରିଆରେ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ଏଯାଏ ନିର୍ଦ୍ଦିଷ୍ଟ ଭାବେ ଜମି ଦଖଲ ମିଳିପାରି ନାହିଁ। ଫଳରେ କଳିଙ୍ଗନଗରରେ ଏସ୍‌ଏସ୍‌ଆଇର ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଅନ୍ୟପକ୍ଷେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ନିମନ୍ତେ ପୁରୀରେ ଥିବା ବିଜୁ ପଟ୍ଟନାୟକ ନ୍ୟାଶନାଲ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟ(ବିପିଏନ୍‌ଏସ୍‌ଆଇ) କଳିଙ୍ଗନଗରକୁ ସ୍ଥାନାନ୍ତର ପ୍ରସ୍ତାବ ରହିଛି। କିନ୍ତୁ ଇଡ୍‌କୋ ଏହି ଇନ୍‌ଷ୍ଟିଚ୍ୟୁଟକୁ ଆବଶ୍ୟକ ଜମି ଯୋଗାଇ ଦେଇପାରି ନ ଥିବାରୁ ଏହାର ପ୍ରତିଷ୍ଠା ନେଇ ସଂଶୟ ପ୍ରକାଶ ପାଇଛି। ତେବେ କଳିଙ୍ଗନଗର ଏସ୍‌ଏସ୍‌ଆଇ ସଭାପତି ପ୍ରଭାତ ରଞ୍ଜନ ନାୟକ ଛୋଟବଡ଼ କମ୍ପାନୀ ପ୍ରତିଷ୍ଠା ପାଇଁ ବିଦ୍ୟୁତୀକରଣ ସମେତ ଡ୍ରେନେଜ, ରାସ୍ତା, ପାଣି, ଜମି ଦଖଲ ଆଦି ପ୍ରକ୍ରିୟା ସମ୍ପନ୍ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଡାଉନ୍‌ଷ୍ଟ୍ରିମ୍ ଶିଳ୍ପରେ ଛୋଟବଡ଼ କମ୍ପାନୀକୁ ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦେବାରେ ଇଡ୍‌କୋ ବିଫଳ ହୋଇଥିବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ପରିବର୍ତ୍ତେ ଛଟେଇ ସଂଖ୍ୟା ଅଧିକ ହେଉଥିବା ଅଭିଯୋଗ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ ପୁରୁଣା କମ୍ପାନୀ ହଜାର ହଜାର ଏକର ଜମି ଅଯଥାରେ ମାଡ଼ି ବସିଛନ୍ତି। ଫଳରେ ନୂତନ ଆଗ୍ରହୀ ଶିଳ୍ପ କମ୍ପାନୀ ପାଇଁ ଜମି ଅଭାବ ଦେଖାଦେଇଛି। ଅନ୍ୟପକ୍ଷେ ଜଙ୍ଗଲ ଜମି କିସମ ପରିବର୍ତ୍ତନ ହେବାରେ ସମସ୍ୟା ସୃଷ୍ଟି ହେଉଛି। ଏପରି କି ସାଧାରଣ ପ୍ରଜା ପୂର୍ବରୁ ଜମି ବିକ୍ରି କରି ଶୋଷିତ ହୋଇଥିବାରୁ ଆଉ ଜମି ଦେବାକୁ ଆଗ୍ରହ ପ୍ରକାଶ ମଧ କରୁନାହାନ୍ତି। କଳିଙ୍ଗନଗରର ଏକ ସର୍ବପୁରାତନ ଶିଳ୍ପ କମ୍ପାନୀ ୨୧ ବର୍ଷ ହେଲା ପ୍ରାୟ ୧୫୦୦ ଏକର ଜମି ମାଡି ବସିଛି। ଇଡ୍‌କୋ ସେହି ଜମିକୁ ଫେରାଇ ଆଣିବାକୁ ଉଦ୍ୟମ କରିଥିବାବେଳେ ଉକ୍ତ କମ୍ପାନୀ କୋର୍ଟ କଚେରିର ଦ୍ୱାରସ୍ଥ ହୋଇଛି। ଏହାବାଦ ଅନ୍ୟ ଏକ କମ୍ପାନୀ ନାମରେ ୩୭୦ ଏକର ଜମି ରହିଛି। ଏହି ଦୁଇ ବୃହତ୍ କମ୍ପାନୀ ଶିଳ୍ପ ପ୍ରତିଷ୍ଠା ନାମରେ ଜମି ନେଇ ସରକାରଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ଏହାସହ ୪ଟି ବୃହତ୍ ଶିଳ୍ପ କମ୍ପାନୀ ବନ୍ଦ ପଡିଛି। ପ୍ରାୟ ୨୨୦୦ ଏକର ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ କରିବାକୁ ଇଡ୍‌କୋ ଆବେଦନ କରିଛି। ଏହିସବୁ କାରଣରୁ ଡାଉନଷ୍ଟ୍ରିମ ଶିଳ୍ପ ପାଇଁ କମ୍ପାନୀଗୁଡ଼ିକୁ ଜମି ନିଅଣ୍ଟ ହୋଇଛି ବୋଲି ମତପ୍ରକାଶ ପାଇଛି। ତେବେ ଏନେଇ ଇଡ୍‌କୋ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଷ୍ଟିଲ, ପେଲେଟ, ସ୍ପଞ୍ଜ ଓ ସିମେଣ୍ଟ କାରଖାନା ପରେ ଏକ ତାଲିମ ଶିକ୍ଷାନୁଷ୍ଠାନ ପାଦ ଥାପିବାକୁ ଯାଉଛି। ବିପିଏନ୍‌ଏସ୍‌ଆଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ଥାନାନ୍ତରଣ କରାଯାଉଛି। ଏଥିପାଇଁ ଇଡ୍‌କୋ ପକ୍ଷରୁ ୨୯।୫।୨୦୨୦ରେ ବିପିଏନ୍‌ଏସ୍‌ଆଇକୁ ଦାନଗଦୀ ତହସିଲ ଅଧୀନ ଯଖପୁରା ଓ କଟେରିଗାଓଁ ମୌଜାରେ ମାତ୍ର ୧୦ଏକର ଜମି ଆବଣ୍ଟିତ ହୋଇଥିଲା। ଏହି ଜମି ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ପାଇଁ ନିଅଣ୍ଟ ହେବ ବୋଲି କର୍ତ୍ତୃପକ୍ଷ ଜଣାଇବାପରେ କିଛି ଅଧିକ ଜମି ଦିଆଯାଇଥିବା ଶୁଣିବାକୁ ମିଳିଛି। ବିପିଏନ୍‌ଏସ୍‌ଆଇରେ ଉତ୍ପାଦିତ ସମସ୍ତ ଷ୍ଟିଲ ସାମଗ୍ରୀର ମାନ ପରୀକ୍ଷା କରାଯିବା ସହିତ ଷ୍ଟିଲ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବ। ଏହାବାଦ କାରଖାନାରେ ନିଯୁକ୍ତି ପାଇଁ ଅପେକ୍ଷାରତ କିମ୍ବା ବିଭିନ୍ନ ବୈଷୟିକ ଡିଗ୍ରୀଧାରୀମାନେ ଏଠାରେ ତାଲିମ ନେଇ ଅଭିଜ୍ଞତା ହାସଲ କରିପାରିବେ। ତେବେ ଇଡକୋ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।



ଜବତ ବାଘଛାଲ ସହ ଗିରଫ ଅଭିଯୁକ୍ତ।

# ବାଘ ଛାଲ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ, ୨୨।୧୦**

କନ୍ଧମାଳ ଜିଲା ଫୁଲବାଣୀ ଫରେଷ୍ଟ ରେଞ୍ଜ ସୁଦ୍ରୁକୁମ୍ପା ବନବିଭାଗ ପକ୍ଷରୁ ଏକ ବାଘ ଛାଲ ଜବତ ହୋଇଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅଟୋ ଚାଳକ ଡାକରେଜୁର ଅର୍ଜୁନ ଗଣ୍ଡା ଓ ଶିକାରୀ ଜାଣମେଣି ଗ୍ରାମର ତୀର୍ଥ ନାୟକ।

ମିଳିଥିବା ସୂଚନା ଅନୁଯାୟୀ, ଏକ ଅଟୋରେ ବାଘ ଛାଲ ଚାଲାଣ ହେଉଥିବା ବନ ବିଭାଗ ଅଧିକାରୀଙ୍କୁ ଖବର ମିଳିଥିଲା। ବନକର୍ମଚାରୀମାନେ ଫୁଲବାଣୀ ସହର ଠାରୁ ଅଳ୍ପଦୂର ଗୁଦାରୀ ନିକଟରେ ଏହି ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ବାଘଛାଲ ମିଳିଥିଲା। ଏନେଇ ପଚରାଉଚରା ପରେ ଅଟୋ ଚାଳକ ଅର୍ଜୁନ ସମସ୍ତ କଥା ସ୍ୱୀକାର କରିବା ସହ ବାଘଛାଲ ସ୍ଥାନୀୟ ମଲ୍ଲିକସାହିକୁ ଚାଲାଣ କରାଯାଉଥିବା କହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାଘଟିକୁ କେଉଁଠାରୁ ଶୀକାର କଲେ ଓ କାହାକୁ ଛାଲ ଦେବାକୁ ନେଉଥିଲେ ସେ ନେଇ ଅଧିକ ଜେରା ଚାଲିଛି।

# 'ପାର୍ବଣରେ କୋଭିଡ୍ ନିୟମ ମାନ'

### କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ, ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ପାର୍ବଣ ସହିତ ଶୀତଋତୁ ଆରମ୍ଭ ହୋଇଛି। ଏହି ସମୟରେ କୋଭିଡ୍-୧୯ ମହାମାରୀ ପୁଣିଥରେ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପ୍ରସ୍ତୁତି କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଗୁରୁବାର ରାଜ୍ୟର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଏସ୍‌ପିମାନଙ୍କୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଚିଠି ଲେଖିଛନ୍ତି।

ୟୁରୋପୀୟ ଦେଶଗୁଡ଼ିକରେ କୋଭିଡ୍‌ର ଦ୍ୱିତୀୟ ଲହରି ଆରମ୍ଭ ହୋଇଛି। ଏହାଛଡ଼ା ଓନମ ପର୍ବ ପରେ କେରଳରେ କରୋନା ପଜିଟିଭ୍ ସଂଖ୍ୟା ପୁଣି ବୃଦ୍ଧି ପାଇଛି। ଏହି ମହାମାରୀର ପ୍ରକୋପ କମୁଥିବା ବେଳେ କୌଣସି ପରିସ୍ଥିତିରେ ଏହାକୁ ବଢ଼ିବା ପାଇଁ ନ ଦେବାକୁ ସମସ୍ତ ପଦକ୍ଷେପ ନେବା ସକାଶେ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ପୂଜା ସମୟ ହୋଇଥିବା ବେଳେ ଅନ୍‌ଲକ୍ ପରିସ୍ଥିତି ରହିଛି। ଏଭଳି ସମୟରେ ଲୋକମାନେ ଯେପରି ମାସ୍କ ପିନ୍ଧିବେ, ସାମାଜିକ ଦୂରତା ରକ୍ଷା କରିବେ, ହାତଧୋଇବେ, ସ୍ୱଚ୍ଛ ପରିବେଶ ରହିବ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାର୍ବଣ ସମୟରେ ଜନସମାଗମରୁ ନିଜକୁ ଦୂରେଇ ରଖିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ ଦୂରତା ବଜାୟ ରଖିପାରିଲେ ଗତ ୭ ମାସ ଧରି କରୋନା ବିରୋଧରେ ଯେଉଁ ଲଢ଼େଇ ଜାରି ରହିଛି ତାହା ବେକାର ହେବ ନାହିଁ। କୋଭିଡ୍-୧୯ ପ୍ରତିରୋଧ ଟିକା ନ ଆସିବା ଯାଏ ଆମ ସମସ୍ତଙ୍କୁ ସଚେତନ ରହିବାକୁ ପଡିବ। ଯଦି ପୁନଃ ସଂକ୍ରମଣ ଆରମ୍ଭ ହେବ ତେବେ ଲୋକମାନଙ୍କ ସହ ରାଜ୍ୟକୁ ଦୁର୍ଦ୍ଦଶା ଭୋଗିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଲୁଟ୍ ଗ୍ୟାଙ୍ଗ ଠାବ: ୨ ଗିରଫ

**କଟକ ଅଫିସ,୨୨।୧୦**

କଟକର ବିଭିନ୍ନ ସ୍ଥାନରୁ ଅଳଙ୍କାର ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ମଙ୍ଗଳାବାଗ ପୋଲିସ ଠାବ କରିଛି। ଏହି ଗ୍ୟାଙ୍ଗର ୨ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଏରସମା ଅଞ୍ଚଳର ବିକ୍ରମ ବିଶ୍ୱାଳ ଓ କଟକ ପ୍ରଫେସରପଡ଼ାର କାଳନ୍ଦି ସ୍ୱାଇଁ। ଏମାନଙ୍କ ଠାରୁ ୩ଟି ସୁନାଚେନ ଓ ବାଇକ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ରଞ୍ଜନ କୁମାର ଦାସ ନାମକ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଆଣି ଏସ୍‌ସିବି ମେଡିକାଲକୁ ଆସିଥିବାବେଳେ ଲୁଟ୍‌ର ଶିକାର ହୋଇଥିଲେ।

# 'ବଜାର ସ୍ଥିତି ଉପରେ ନଜର ରଖ'

### ପିଆଜ ଦର ବୃଦ୍ଧି ନେଇ ଜିଲାପାଳଙ୍କୁ ଯୋଗାଣ ସଚିବଙ୍କ ଚିଠି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ରାଜ୍ୟରେ ପିଆଜ ଦର ଅହେତୁକ ବୃଦ୍ଧି ପାଇବା ନେଇ ରାଜ୍ୟ ସରକାର ଗୁରୁତର ସହ ବିଚାର କରିବା ଆରମ୍ଭ କରିଛନ୍ତି। ପ୍ରତିଦିନ ପିଆଜ ଦର ବୃଦ୍ଧି ପାଇ ବର୍ତ୍ତମାନ ୯୦ଟଙ୍କାରେ ପହଞ୍ଚିଲାଣି। ଏଥିପାଇଁ ସାଧାରଣ ଲୋକେ ଅସୁବିଧା ଭୋଗିବା ସାଙ୍ଗକୁ ଅସନ୍ତୋଷ ବ୍ୟକ୍ତି କରିବା ଆରମ୍ଭ କଲେଣି। ତେଣୁ କେତେ ପରିମାଣର ପିଆଜ ବର୍ତ୍ତମାନ ମହଜୁଦ ଅଛି ଏବଂ ସବୁ ସ୍ଥାନର ଦର ଉପରେ ନଜର ରଖିବା ପାଇଁ ସରକାର ଚେଷ୍ଟା କରିଛନ୍ତି। ଏନେଇ ସବୁ ଜିଲାପାଳଙ୍କୁ ଚିଠି ଲେଖି ଯୋଗାଣ ସଚିବ ଭି.ଭି. ଯାଦବ କହିଛନ୍ତି, ଖୋଲା ବଜାରରେ ପିଆଜ ଦର ବୃଦ୍ଧି ଉପରେ ଧ୍ୟାନ ଦିଅ। ଦୈନନ୍ଦିନଭାବେ ପିଆଜ ଦର ବୃଦ୍ଧି ପାଇବା ସାଧାରଣ ଲୋକଙ୍କୁ ହଇରାଣ କରୁଛି। ଉତ୍ପାଦିତ ରାଜ୍ୟଗୁଡିକରେ ଚାଷ କ୍ଷତି ହେବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାଜ୍ୟଗୁଡ଼ିକରୁ ଆମଦାନୀ ହ୍ରାସ ପାଇଛି। ଏହା ଜାତୀୟ ପ୍ରସଙ୍ଗ ପାଲଟିଥିବାରୁ ଅନେକ ବ୍ୟବସାୟୀ ଲାଭଖୋର ମନୋବୃତ୍ତି ନେଇ ଚଢା ଦରରେ ବିକ୍ରି କରୁଛନ୍ତି। ତେଣୁ ସବୁ ଜିଲାରେ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ପିଆଜ ଦର ଏବଂ ମହଜୁଦ ନେଇ ନଜର ରଖିବା ପାଇଁ ସେ କହିଛନ୍ତି। ଏହାସହ ଜନସାଧାରଣଙ୍କ ନିକଟରେ ଠିକ୍ ଦରରେ ପହଞ୍ଚାଇବାର ଦାୟିତ୍ୱ ନେବା ପାଇଁ ସେ କହିଛନ୍ତି।

### ସିଏସ୍‌ଓ ଅଫିସରେ ଭିଜିଲାନ୍ସ ଚଢାଉ



ସିଏସ୍‌ଓଙ୍କ ଅଫିସରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି।

**ବାଲେଶ୍ୱର ଅଫିସ, ୨୨।୧୦:** ବାଲେଶ୍ୱର ସିଏସ୍‌ଓ (ଜିଲା ଯୋଗାଣ ଅଧିକାରୀ)ଙ୍କ ଅଫିସ୍‌ରେ ଗୁରୁବାର ସନ୍ଧ୍ୟାରେ ଭିଜିଲାନ୍ସର ୬ଜଣିଆ ଟିମ୍ ଚଢାଉ କରିଥିଲେ। ସିଏସ୍‌ଓ ନୀର୍ ରାଜ୍ ଅଲ୍ଲି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢାଉ କରି ତାଙ୍କଠାରୁ ୨ଲକ୍ଷ ୩୪ ହଜାର ୯ଶହ ଟଙ୍କା ଜବତ କରିଥିଲା। ମିଲର ଏବଂ ସପ୍ଲାୟରମାନଙ୍କୁ ଲାଇସେନ୍ସ ଓ ଅନ୍ୟାନ୍ୟ କାମ ସୁବିଧାରେ କରାଇଦେବା ପାଇଁ ସେ ଲାଞ୍ଚ ନେଉଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା।

### ପ୍ଲାଜମା ଥେରାପି, ରେମ୍‌ଡେସିଭିର ଔଷଧ ନେଇ ଆଇସିଏମ୍‌ଆର୍ ପକ୍ଷରୁ ନିର୍ଦ୍ଦେଶ ଆସିନାହିଁ

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ):** କୋଭିଡ୍-୧୯ ପାଇଁ ଚିକିତ୍ସା ପ୍ରୋଟୋକଲରୁ କନ୍‌ଭାଲେସେଣ୍ଟ ପ୍ଲାଜ୍‌ମା ଥେରାପି (ସିପିଟି) ଏବଂ ରେମ୍‌ଡେସିଭିର ଔଷଧ ପ୍ରତ୍ୟାହାର ନେଇ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ କୌଣସି ଲିଖିତ ନିର୍ଦ୍ଦେଶ ଆସିନାହିଁ। ତେଣୁ ଏହି ଚିକିତ୍ସାରେ ଥିବା ବା ରେମ୍‌ଡେସିଭର ଔଷଧ ସେବନ କରୁଥିବା ଆକ୍ରାନ୍ତମାନେ ଭୟଭୀତ ହେବା ଉଚିତ ନୁହେଁ ବୋଲି ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ରାଜ୍ୟ ସରକାର ଆଇସିଏମ୍‌ଆର୍ ପକ୍ଷରୁ ଏ ସଂକ୍ରାନ୍ତରେ କିଛି ଚିଠି ବା ସୂଚନା ପାଇବା ମାତ୍ରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅକ୍ଟୋବର ୨୦ରେ ଆଇସିଏମ୍‌ଆର ମହାନିର୍ଦ୍ଦେଶକ ପ୍ରଫେସର ବଳରାମ ଭାର୍ଗଭ କହିଥିଲେ, କରୋନା ଚିକିତ୍ସାରେ ପ୍ଲାଜ୍‌ମା ଥେରାପି ସେତେଟା ଫଳପ୍ରଦ ହେଉନି। ଏହା ମୃତ୍ୟୁହାରକୁ ହ୍ରାସ କରେ ନାହିଁ କିମ୍ବା କୋଭିଡ୍‌ର ପ୍ରଗତିକୁ ମନ୍ଥର କରି ନ ଥାଏ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ଏହି ମର୍ମରେ ଉପରୋକ୍ତ ସୂଚନା ଦିଆଯାଇଛି।


GOVERNMENT OF ODISHA No. A-260

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**

**SUBARNAREKHA IRRIGATION CIRCLE**

AT/P.O.- LAXMIPOSI, DIST.- MAYURBHANJ

**Government of Odisha "e" PROCUREMENT NOTICE**

**Bid Identification No. 01/20-21 of S.E.S.I.C., Laxmiposi**

| | | |
|---|---|---|
| i | Name of Works | 1. Construction of water courses for ayacut under Baba Baidyanath Pani Panchayat including all structures. 2. Construction of water courses for ayacut under Kosta Pani Panchayat including all structures. |
| ii | Estimated Cost (Lakh) | 1. Rs.162.63 lakhs, 2.147.30 lakhs |
| iii | Period of Completion | 8 (Eight) Calendar Months |
| iv | Date & time of availability of bid document in the portal | 29.10.2020 at 10 A.M. |
| v | Last date/time for receipt of bid in the portal | 12.11.2020 upto 5.00 P.M. |
| vi | Name & Address of the O.I.T. | Superintending Engineer, Subarnarekha Irrigation Circle, Laxmiposi, Mayurbhanj. |

Further details can be seen from the e-Procurement Portal "https://tendersodisha.gov.in.

Sd./- Superintending Engineer

Subarnarekha Irrigation Circle, Laxmposi, Mayurbhanj

OIPR-32120/11/0002/2021



**DISTRICT MINERAL FOUNDATION ANGUL, ODISHA**

**REQUEST FOR PROPOSAL**

**SELECTION OF AGENCY FOR "MANAGEMENT OF SOCIAL MEDIA PLATFORM AND TO PROVIDE ALLIED SERVICES TO DMF, ANGUL"**

**No. F-62:-** District Mineral Foundation (DMF), Angul invites RFP from experienced agencies for "Management of Social Media Platforms and to provide Allied Services to DMF, Angul as detailed in the bid document. The details of the RFP/Bid Documents are available in the District Website, i.e. www.angul.nic.in and can be downloaded from 21.10.2020. The last date for receipt of the bid documents is 10.11.2020 (5.00 PM) through speed / registered post only.

**Collector & Chairperson – cum – Managing Trustee, DMF, Angul**

OIPR-24012/11/0004/2021



GOVERNMENT OF ODISHA No. A-256

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, EASTERN CIRCLE - I, CUTTACK**

e-mail: seeccuttack@gmail.com

**"e" Procurement Notice No. SEEC-I/03 (MND-I) of 2020-21**

| | | | |
|---|---|---|---|
| 1 | Name of the works | : | Construction of village road bridge on river Sapua at U/S of Tailamala Minor Irrigation Project under NABARD Assistance. |
| 2 | Tender Cost (Approx.) | : | Rs.266.00 lakhs |
| 3 | Total No. of Packages | : | One No. Package |
| 4 | Tender paper Cost | : | Rs.10,000.00 (On-line payment) (Non-refundable) |
| 5 | Bid Security | : | Rs.2,66,000.00 (On-line payment) |
| 6 | Class of Contractor | : | 'B' & 'A' Class Contractor |
| 7 | Period of Completion | : | 15 (Fifteen) Calendar Months. |

8. Other details are as follows :

| Procurement Officer | Name of Division | Bid Identification No. | Availability of Tender Online for Bidding | | Date & Time of Opening of Technical Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Superintending Engineer, Eastern Circle - I, Cuttack | E.E., Mahanadi North Division - I, Jagatpur | SEEC-I/03 (MND-I) of 2020-21 | 28.10.2020 at 10.00 A.M. | 12.11.2020 upto 5.30 P.M. | 13.11.2020 at 11.30 A.M. in O/o. the S.E., Eastern Circle-I, Cuttack |

Further details can be seen from the govt. website www.dowrorissa.gov.in.

Sd./- Superintending Engineer, Eastern Circle-I, Cuttack

OIPR-32370/11/0003/2021



**OFFICE OF THE MUNICIPAL COUNCIL, KEONJHARGARH**

e-mail: keonjharm.hud@rediffmail.com

**Invitation for Bids (IFB), 'e' Procurement NOTICE**

**Bid Identification No. KGM-09/2020-21**

Letter No. 5508/KGM Date: 22.10.2020

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double Cover System through e-Procurement.

| | | |
|---|---|---|
| 1. | Nature of Work | : Civil Work |
| 2. | No. of Work | : 01 No. |
| 3. | Value of Works | : Rs.55,62,753/- |
| 4. | Date & time of availability of Bid document in the portal | : From 27.10.2020 at 11.00 A.M. upto 07.11.2020 at 5.00 P.M. |
| 5. | Date of Opening of Bid in portal | : 10.11.2020 at 11.00 A.M. |
| 6. | Name & address of the Officer in Inviting Bid | : EO, Keonhargarh Municipality |

Further details can be seen from website: www.tendersorissa.gov.in.

Sd./- Executive Officer, Keonjhargarh Municipality



**TENDER CANCELLATION NOTICE**

**No. E-320:-** Tender Reference No. 3287/Estt. (BBMC&H)/20, Dt.09.10.2020 for supply, installation, testing, commissioning and maintenance of Video Surveillance System (CCTV) in BBMC&H, Balangir which was published by this office vide this office letter No. 3288/Estt(BBMC&H)/20, Dt.09.10.2020 and No.3289/Estt(BBMCH), Dt.09.10.2020 is hereby cancelled due to some technical issues and unavoidable circumstances.

**Sd./- Superintendent**

**Bhima Bhoi Medical College & Hospital, Balangir**

OIPR-10141/11/0008/2021



**e-Tender Notice**

**OFFICE OF THE DIRECTOR, TEXT BOOK PRODUCTION AND MARKETING**

**KHARAVEL NAGAR, UNIT-III, BHUBANESWAR - 751001. TEL. NO. 0674-2380871/72**

No.n-27

**Bid letter No. 5157 /TBPM Dt. 22 /10/2020**

1. Description of tenders: National Tender for Transportation of Nationalised Text Books & Allied Books from Truck Owners/ Transport Agencies/Transport Contractors having registered "Agent Licence" for transportation of N.T. Books & Allied Books to different District Headquarter/Blocks all over Odisha for the Academic Session 2021-22.

2. Date &Time of availability of bid documents in the portal

**Start Date & Time: 27/10/2020, 10.00 AM**

**Closing Date & Time: 10/11/2020, 5.00 PM**

3. Name and address of the O.I.T.: O/o The Director, Text Book Production & Marketing, Kharavelnagar, Unit -III, Bhubaneswar- 751001. Further details regarding downloading of bid documents, online participation can be seen from the eprocurement portal **https://tendersodisha.gov.in.** Subsequent addendum / corrigendum if any will be hosted on same website. The Director reserves the right to accept or reject any or all tender(s) without assigning any reason thereof.

DIRECTOR

TEXT BOOK PRODUCTION AND MARKETING

BHUBANESWAR

OIPR-02005/11/0005/2021



**ଚୌଦ୍ୱାର ପୌରପରିଷଦ କାର୍ଯ୍ୟାଳୟ, ଚୌଦ୍ୱାର**

**OFFICE OF THE MUNICIPAL COUNCIL, CHOUDWAR**

Govt. of Odisha (H&UD Deptt.), Cuttack (Odisha), PIN - 754071

Phone No.: 0671-2394272 (O), Fax No.: 0671-2394272

e-mail: choudwarmunicipality@gmail.com

Letter No. 3351 Date: 13.10.2020

**ପ୍ରେସ୍ ଇସ୍ତାହାର**

ଚୌଦ୍ୱାର ପୌରାଞ୍ଚଳରେ ୦୧ (ଏକ) ଗୋଟି ମଳପଙ୍କ ବିଶୋଧନ କେନ୍ଦ୍ର, ୧୪ (ଚଉଦ) ଗୋଟି ଗୋଷ୍ଠୀ ଶୌଚାଳୟ ଏବଂ ୦୩ (ତିନି) ଗୋଟି ସର୍ବସାଧାରଣ ଶୌଚାଳୟ କାର୍ଯ୍ୟକ୍ଷମ କରୁଅଛି। ଏଥି ସହିତ ଚୌଦ୍ୱାର ପୌରାଞ୍ଚଳବାସୀଙ୍କୁ ବ୍ୟକ୍ତିଗତ ପାଇଖାନା ଯୋଗାଇ ଦିଆଯାଇଛି। ଏ ସମସ୍ତକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୌରପାଳିକାକୁ ODF++ର ମାନ୍ୟତା ପ୍ରଦାନ କରିବାକୁ ସ୍ଥିର କରାଯାଇଅଛି।

**ସ୍ୱା./- ନିର୍ବାହୀ ଅଧିକାରୀ**

**ଚୌଦ୍ୱାର ପୌରପାଳିକା**



**ODISHA HYDRO POWER CORPORATION LTD.**

(A Government of Odisha Undertaking)

Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022

Tel.: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com

CIN: U40101OR1995SGC003963

No. OHPC:TECH:C&P:14/2020-21/8142 Dated: 19.10.2020

**TENDER CALL NOTICE**

No. CAD-633: Sealed tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the intending firms fulfilling the eligibility criteria for the work mentioned below:

| TCN No. | Description of Work | Cost of Tender Papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 13/2020-21 | ISO 9001:2015 Certification of HHEP, Burla, UIHEP, Mukhiguda & OHPC Corporate Office | 708.00 (600 + 18% GST) | 1200.00 |

For details of the tender documents, terms and conditions please visit/ refer our website www.ohpcltd.com from Dt.28.10.2020.

GM (C&P)

OIPR-04012/11/0009/2021



**ବାରିପଦା ପୌର ପରିଷଦ**

ବାରିପଦା, ମୟୂରଭଞ୍ଜ – ୭୫୭୦୦୧

Tel.: 06792-252703, Website: www.baripadamunicipality.in

e-mail: baripadam.hud@nic.in

**ନିଲାମ ଇସ୍ତାହାର**

ପତ୍ର ସଂଖ୍ୟା: ୬୪୯୧/ଟ୍ୟାକ୍ସ ତା୨୧।୧୦।୨୦୨୦ରିଖ

No. C-178: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌର ପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସଗୁଡ଼ିକ ତା୧୫।୧୧।୨୦୨୦ରିଖଠାରୁ ୧୪।୧୦।୨୦୨୧ରିଖ ପର୍ଯ୍ୟନ୍ତ (ଏକ ବର୍ଷ ପାଇଁ) ଏବଂ କେତେ ଗୋଟି ସୈରାତ ଉତ୍ସ ତା୦୧।୧୧।୨୦୨୦ରିଖଠାରୁ ୩୧।୧୦।୨୦୨୩ରିଖ (୩ବର୍ଷ ପାଇଁ) ଲଉମୁଦ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି। ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ନିବିଦା କାଗଜ କିଣି ସେଥିରେ ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ତା୦୬।୧୧।୨୦୨୦ରିଖ ଦିବା ୩ ଘଟିକା ସୁଦ୍ଧା ନିବିଦା ଦାଖଲ କରିପାରିବେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ ଓ ତାହା ଉକ୍ତ ଦିନ ଦିବା ୪ ଘଟିକା ସମୟରେ ନିବିଦାକାରୀ ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ।

ସବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ।

OIPR-13078/11/0009/2021



ବିହାର ବିଧାନସଭା ନିର୍ବାଚନ ପାଇଁ ରାଜ୍ୟରେ ପ୍ରଚାର ଜୋର୍ ଧରିଥିବାବେଳେ ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦିଙ୍କୁ କରୋନା ଧରିଛି। ସେ କିଛିଦିନ ହେଲା ନିର୍ବାଚନ ପ୍ରଚାର ଚଳାଇଥିଲେ। ବରିଷ୍ଠ ଭାଜପା ନେତା ସୁଶୀଲ ମୋଦି କରୋନା ଆକ୍ରାନ୍ତ ହୋଇଥିବା ନେଇ ଗୁରୁବାର ଅପରାହ୍ନରେ ଟୁଇଟ୍ କରି ଜଣାଇଛନ୍ତି। କୋଭିଡ୍-୧୯ ଚିହ୍ନଟ ହେବା ପରେ ସେ ପାଟନାସ୍ଥିତ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଖୁବ୍‌ଶୀଘ୍ର ଭଲ ହୋଇ ପ୍ରଚାରକୁ ଫେରିବେ ବୋଲି ସୁଶୀଲ ଟୁଇଟରରେ ଲେଖିଛନ୍ତି।

# ଦୁର୍ଗା ଟୁଇଟ୍‌କୁ ନେଇ ଫସିଲେ ହାରିସ୍

ୱାଶିଂଟନ,୨୨।୧୦

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବାବେଳେ ସେଠାରେ ଥିବା ହିନ୍ଦୁ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ୍ ପାର୍ଟି ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ଏହି ପରିପ୍ରେକ୍ଷୀରେ ଡେମୋକ୍ରାଟ୍ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍ ଦୁର୍ଗା ଦେବୀଙ୍କ ଏକ ଟୁଇଟ୍‌କୁ ନେଇ ବିବାଦରେ ଫସିଛନ୍ତି। ଏହା ହିନ୍ଦୁମାନଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଦର୍ଶାଇ ହିନ୍ଦୁ ଆମେରିକାନ୍ ଫାଉଣ୍ଡେଶନ କମଳାଙ୍କୁ କ୍ଷମା ମାଗିବାକୁ କହିଛି।

ଭାରତୀୟ ବଂଶୋଦ୍ଭବ ତଥା କାଲିଫର୍ନିଆ ସିନେଟର କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍(୩୫) ପେସାରେ ଜଣେ ଆଇନଜୀବୀ, ଲେଖିକା ଓ ଫେନୋମେନାନ୍ ୱିମେନ ଆକ୍ସନ କ୍ୟାମ୍ପେନର ପ୍ରତିଷ୍ଠାତ୍ରୀ। କମଳା ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପରଠାରୁ ମୀନା ତାଙ୍କ ପାଇଁ ସୋସିଆଲ ମିଡିଆରେ ପ୍ରଚାର କରୁଛନ୍ତି। କିଛିଦିନ ତଳେ ମୀନା ଏକ ଫଟୋ ଟୁଇଟ୍ କରିଥିଲେ। ଏଥିରେ କମଳାଙ୍କୁ ଦୁର୍ଗା ଦେବୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମହିଷାସୁର ଭାବେ ଦର୍ଶାଯାଇଥିଲା। ଫଟୋରେ କମଳା ଏକ ସିଂହ ଉପରେ ବସିଥିବାବେଳେ ରିପବ୍ଲିକାନ୍ ଟ୍ରମ୍ପଙ୍କୁ ତ୍ରିଶୂଳରେ ବଧ କରୁଛନ୍ତି। ବାହନ ସିଂହ ମୁହଁରେ ଡେମୋକ୍ରାଟ ପ୍ରେସିଡେନ୍ସିଆଲ ନୋମିନି ଜୋ ବିଡେନଙ୍କ ଫଟୋ ରହିଛି। ଉକ୍ତ ଫଟୋକୁ କମଳା ରିଟୁଇଟ୍ କରିଥିଲେ। ପରେ ବିବାଦ ହେବାରୁ ଉଭୟେ ତାକୁ ଡିଲିଟ୍ କରିଦେଇଥିଲେ। କିନ୍ତୁ ସେତେବେଳକୁ ତାହା ଭାଇରଲ ହୋଇଯାଇଥିଲା। ଅନେକଙ୍କ ମୋବାଇଲରେ ଏବେ ମଧ୍ୟ ତା'ର ସ୍କ୍ରିନ୍ ଶଟ ରହିଛି। ଏହାକୁ ନେଇ ଉଭୟ କମଳା ଓ ବିଡେନ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ହିନ୍ଦୁ ସଙ୍ଗଠନଗୁଡ଼ିକ ସେମାନେ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଏହାର ଜବାବରେ ବିଡେନ୍-କମଳା ଯୋଡ଼ି ଏକ ନୂଆ ବିଜ୍ଞାପନ ଦେଇ ଭାରତୀୟ-ଆମେରିକୀୟଙ୍କ ବିରୋଧରେ ଘୃଣା ଓ ଭେଦଭାବର ଅନ୍ତ ଘଟାଇବାକୁ ଅନୁରୋଧ କରିଛନ୍ତି। ଉକ୍ତ ବିଜ୍ଞାପନରେ ଜଣେ ହିନ୍ଦୁ, ମୁସ୍‌ଲିମ ଓ ଶିଖ୍‌ଙ୍କ ମିଳିତ ଫଟୋ ରହିଛି। କ୍ୟାପ୍ସନ ଲେଖାଯାଇଛି, ବିଡେନ୍-ହାରିସ୍ ପ୍ରଶାସନ ସବୁ ଧର୍ମର ଭାରତୀୟ-ଆମେରିକୀୟଙ୍କ ବିରୋଧରେ ଘୃଣା ଓ ବୈଷମ୍ୟକୁ ଶେଷ କରିଦେବ।

ଆମେରିକାରେ ମୋଟ ୧.୮ ନିୟୁତ ଭାରତୀୟ ବଂଶୋଦ୍ଭବ ଯୋଗ୍ୟ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬୫% ମତଦାତା ଡେମୋକ୍ରାଟ୍‌ଙ୍କ ଆଡ଼କୁ ଢଳୁଥିବା ଇଣ୍ଡିଆନ୍-ଆମେରିକାନ୍ ଆଟିଚ୍ୟୁଡ୍ ସର୍ଭେ (ଆଇଏଏଏସ୍) ଏବଂ ୨୦୨୦ ଏସିଆନ୍ ଆମେରିକାନ୍ ଭୋଟର ପକ୍ଷରୁ କରାଯାଇଥିବା ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି।





କମଳା ହାରିସ୍

## ରାଜଶେଖରନ୍‌ଙ୍କ ନାଁରେ ଠକେଇ ମାମଲା

ଥିରୁଭାନନ୍ତପୁରମ୍,୨୨।୧୦

ମିଜୋରାମର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା କୁମ୍ମାନମ୍ ରାଜଶେଖରନ୍‌ଙ୍କ ବିରୋଧରେ ଗୁରୁବାର କେରଳ ପୋଲିସ ଠକେଇ ମାମଲା ରୁଜୁ କରିଛି। ରାଜଶେଖରନ୍ ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ସି.ଆର୍. ହରିକ୍ରିଷ୍ଣନ୍‌ଙ୍କୁ ପାଲାକ୍କାଡ଼୍‌ର ଏକ ବ୍ୟବସାୟିକ ଉଦ୍ୟୋଗରେ ପାର୍ଟନର କରିବା ପ୍ରତିଶ୍ରୁତି ଦେଇ ୩୫ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି। ପଠାନମଥିଟ୍ଟା ଜିଲା ଅରନମୁଲା ଗ୍ରାମର ହରିକ୍ରିଷ୍ଣନ୍ କହିଛନ୍ତି, ରାଜଶେଖରନ୍ ରାଜ୍ୟପାଳ ଥିବାବେଳେ ସେ ତାଙ୍କର ତତ୍କାଳୀନ ସହଯୋଗୀ ପ୍ରବୀଣଙ୍କୁ ୩୫ ଲକ୍ଷ ଟଙ୍କା ଦେଇଥିଲେ।

## ମସ୍‌ଜିଦରେ ଆକ୍ରମଣ: ୧୨ ଶିଶୁ ମୃତ

କାବୁଲ,୨୨।୧୦(ଆଇଏଏନ୍ଏସ୍)

ଆଫଗାନିସ୍ତାନର ତଖାର ପ୍ରଦେଶସ୍ଥିତ ଏକ ମସ୍‌ଜିଦ ଉପରେ ତାଲିବାନ ଆତଙ୍କବାଦୀମାନେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ଏହି ଆକ୍ରମଣରେ ୧୨ ଶିଶୁ ପ୍ରାଣ ହରାଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ତାଲିବାନ ଦଖଲରେ ଥିବା ବାହାରକ୍ ଜିଲାରେ ଆତଙ୍କବାଦୀମାନେ ମଙ୍ଗଳବାର ୪୨ ସୈନ୍ୟଙ୍କୁ ହତ୍ୟା କରିଥିଲେ।



ଉତ୍ତରପ୍ରଦେଶର ଗୋରଖପୁରରେ ଦୀପାବଳି ପୂର୍ବରୁ ଦୀପ ଗଢୁଛନ୍ତି ଜଣେ କୁମ୍ଭକାର।

## 'ନାଗ' ପରୀକ୍ଷା ସଫଳ

ନୂଆଦିଲ୍ଲୀ,୨୨।୧୦

ତୃତୀୟ ପିଢ଼ିର ବହୁପ୍ରତୀକ୍ଷିତ ଆଣ୍ଟାଇ-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ (ଏଟିଜିଏମ୍) 'ନାଗ'ର ସଫଳ ପରୀକ୍ଷଣ କରାଯାଇଛି। ରାଜସ୍ଥାନର ପୋଖରାନ ରେଞ୍ଜସ୍ଥିତ ଥର ମରୁଭୂମିରେ ଗୁରୁବାର ଭୋର ସମୟରେ ଏହାର ଫାଇନାଲ୍ ୟୁଜର ଟ୍ରାଏଲ କରାଯାଇଛି। ଏହା ପୂର୍ବରୁ ୨୦୧୯ରେ ଏହି କ୍ଷେପଣାସ୍ତ୍ରର ଶୀତ ଓ ଗ୍ରୀଷ୍ମକାଳୀନ ୟୁଜର ଟ୍ରାଏଲ ମଧ୍ୟ ଶେଷ ହୋଇଥିଲା। ସଦ୍ୟ ପରୀକ୍ଷଣରେ ସଫଳତା ହାସଲ କରିବା ପରେ 'ନାଗ' ଏବେ ଭାରତୀୟ ସେନାରେ ସାମିଲ ହେବା ପାଇଁ ଆଉ ଏକ ପାଦ ଆଗକୁ ବଢ଼ିଛି ବୋଲି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ସୂଚନା ଦିଆଯାଇଛି। ଚୂଡ଼ାନ୍ତ ପର୍ଯ୍ୟାୟ ପରୀକ୍ଷଣରେ ଉତ୍ତୀର୍ଣ୍ଣ ହୋଇଥିବା 'ନାଗ' ଏବେ ନିର୍ମାଣ ସ୍ତରକୁ ଆସିଛି। ଡିଫେନ୍ସ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ) ଭାରତ ଡାଇନାମିକ୍ସ ଲିମିଟେଡ୍ ଏହାର ନିର୍ମାଣ ଆରମ୍ଭ କରିବ। ଶତ୍ରୁ ପକ୍ଷର ଉଚ୍ଚ କ୍ଷମତାସମ୍ପନ୍ନ ଟ୍ୟାଙ୍କକୁ ବିଧ୍ୱଂସ କରିବା ଭଳି ଏହାର ଦକ୍ଷତା ରହିଛି। ଏପରି କି ରାତିରେ ମଧ୍ୟ ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିପାରିବ।

## ଟୁଇଟରକୁ ଭାରତର ଚେତାବନୀ ଭୁଲ୍ ମ୍ୟାପ୍ ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ,୨୨।୧୦(ଆଇଏଏନ୍ଏସ୍)

ଭାରତ ମାନଚିତ୍ରର ଭୁଲ୍ ଉପସ୍ଥାପନା ଗ୍ରହଣୀୟ ହେବନାହିଁ ବୋଲି କେନ୍ଦ୍ର ସରକାର ଗୁରୁବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟରକୁ ଚେତାଇଦେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ଅଜୟ ସହନେ ଏନେଇ ଟୁଇଟର ସିଇଓ ଜ୍ୟାକ୍ ଡୋର୍ସେଙ୍କୁ ଏକ କଡ଼ା ଚିଠି ଲେଖିଛନ୍ତି।

ଜମ୍ମୁ-କଶ୍ମୀରକୁ ଟୁଇଟର ପକ୍ଷରୁ ରବିବାର ଚାଇନାର ଏକ ଅଂଶ ବୋଲି ଦର୍ଶାଯାଇଥିଲା। ପରେ ଏହାକୁ 'ବୈଷୟିକ ତ୍ରୁଟି' କହି ତୁରନ୍ତ ସମାଧାନ ହୋଇଯାଇଛି ବୋଲି ପ୍ରକାଶ କରିଥିଲା। ଏହା ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଜାତୀୟ ନିରାପତ୍ତା ବିଶ୍ଳେଷକ ନୀତିନ ଗୋଖଲେ ପ୍ରଥମେ ଏହି ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ। ଲେହର ଯୁଦ୍ଧ ସ୍ମାରକୀକୁ ଜମ୍ମୁ-କଶ୍ମୀରର ଏବଂ ଚାଇନାର ଏକ ଅଂଶ ବୋଲି ଟୁଇଟରରେ ଦର୍ଶାଯାଇଥିବା ସେ ସୂଚନା ଦେଇଥିଲେ। ଏନେଇ ଆଇଟି ସଚିବ ଚିଠି ଲେଖି କହିଛନ୍ତି, ଲେହ ହେଉଛି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ମୁଖ୍ୟାଳୟ। ଉଭୟ ଲଦାଖ ଓ ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଭାରତୀୟମାନଙ୍କ ସମ୍ବେଦନଶୀଳତା ପ୍ରତି ଟୁଇଟର ସମ୍ମାନ ଦେବା ଉଚିତ ।



# ଲୋକପାଳଙ୍କ ନିକଟରେ ୫୫ ଅଭିଯୋଗ

ନୂଆଦିଲ୍ଲୀ,୨୨।୧୦(ପି.ଟି.)

ଲୋକପାଳଙ୍କ ନିକଟରେ ଗତ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ୫୫ଟି ଅଭିଯୋଗ କରାଯାଇଛି। ସେଥିମଧ୍ୟରୁ ୩ ଜଣ ଏମ୍‌ପିଙ୍କ ବିରୋଧରେ ଅଭିଯୋଗ ଥିବା ଜଣାପଡ଼ିଛି।

ଦୁର୍ନୀତି ନିବାରଣ ଜଗୁଆଳି ସଂସ୍ଥା ଲୋକପାଳଙ୍କ ନିକଟରେ ଦାଖଲ କରାଯାଇଥିବା ୫୫ ଅଭିଯୋଗପତ୍ର ମଧ୍ୟରୁ ୨୨ଟି ଗ୍ରୁପ୍ 'ଏ' ଏବଂ 'ବି' ବର୍ଗର କେନ୍ଦ୍ରୀୟ ଅଧିକାରୀଙ୍କ ବିରୋଧରେ ରହିଛି। ସେହିପରି କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପାଣ୍ଠିରେ ଚାଲୁଥିବା ବିଭିନ୍ନ ବୋର୍ଡ/ ନିଗମ/ସ୍ୱୟଂଶାସିତ ସଂସ୍ଥାର ଅଧ୍ୟକ୍ଷ, ସଦସ୍ୟ ଓ କର୍ମଚାରୀଙ୍କ ବିରୋଧରେ ୨୬ ମାମଲା ରହିଛି। ୪ ଅଭିଯୋଗ ଅନ୍ୟ ବର୍ଗର ଲୋକଙ୍କ ବିରୋଧରେ ଅଛି। ପ୍ରାଥମିକ ଯାଞ୍ଚ ପରେ ୨୮ଟି ଅଭିଯୋଗକୁ ବନ୍ଦ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ଅପ୍‌ଡେଟ୍ କରାଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ଦ୍ୱାରା ୧୨ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦିଆଯାଇଥିବା ଗୋଟିଏ ଅଭିଯୋଗର ପ୍ରାଥମିକ ତଦନ୍ତ ପାଇଁ ଲୋକପାଳ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ଯାଞ୍ଚ ଓ ତଦନ୍ତ ପାଇଁ ଲୋକପାଳ ଗଠନ କରାଯାଇଥିଲା। ୨୦୧୯ ମାର୍ଚ୍ଚ ୨୩ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜଷ୍ଟିସ୍ ପିନାକୀ ଚରଣ ଘୋଷଙ୍କୁ ଲୋକପାଳ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲେ। ଏହି ଦୁର୍ନୀତି ବିରୋଧୀ ସଂସ୍ଥାର ଅନ୍ୟ ୮ ସଦସ୍ୟଙ୍କୁ ସେହିବର୍ଷ ମାର୍ଚ୍ଚ ୨୭ରେ ଜଷ୍ଟିସ୍ ଘୋଷ ଶପଥ ପାଠ କରାଇଥିଲେ। ଗତ ମେ'ରେ ଲୋକପାଳ ସଦସ୍ୟ ଜଷ୍ଟିସ୍ ଅଜୟ କୁମାର ତ୍ରିପାଠୀଙ୍କ ପରଲୋକ ହୋଇଥିଲା। ସେହିପରି ଜଷ୍ଟିସ୍ ଦିଲୀପ ବି. ଭୋସ୍‌ଲେ ଗତ ଜାନୁୟାରୀରେ ଲୋକପାଳ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।

୨୦୧୯-୨୦ରେ ଲୋକପାଳ ମୋଟ ୧,୪୨୭ଟି ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୧୩ ଅଭିଯୋଗ ରାଜ୍ୟ ସରକାରଙ୍କ ଅଧିକାରୀ, ୪ କେନ୍ଦ୍ରମନ୍ତ୍ରୀ ଓ ପାର୍ଲାମେଣ୍ଟ ସଦସ୍ୟ (ଏମ୍‌ପି)ଙ୍କ ବିରୋଧରେ ରହିଥିବା ତଥ୍ୟରୁ ଜଣାପଡ଼ିଛି। ଏଥିରେ ଆହୁରି କୁହାଯାଇଛି ଯେ, ୨୪୫ ଅଭିଯୋଗ କେନ୍ଦ୍ର ସରକାରଙ୍କ ଅଧିକାରୀଙ୍କ ବିରୋଧରେ ରହିଛି। ସରକାରୀ ଉଦ୍ୟୋଗ(ପିଏସ୍‌ୟୁ), ସାମ୍ବିଧାନିକ ସଂସ୍ଥା, ନ୍ୟାୟପାଳିକା ଓ କେନ୍ଦ୍ରୀୟ ସ୍ତରର ସ୍ୱୟଂଶାସିତ ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ ଅଧିକାରୀଙ୍କ ବିରୋଧରେ ୨୦୦ ଅଭିଯୋଗ ଆସିଥିବାବେଳେ ଘରୋଇ ଓ ଅନ୍ୟ ସଙ୍ଗଠନର ବ୍ୟକ୍ତିଙ୍କ ନାମରେ ୧୩୫ ଅଭିଯୋଗ କରାଯାଇଛି। ଅନୁରୂପ ଭାବେ ବିଭିନ୍ନ ରାଜ୍ୟର ମନ୍ତ୍ରୀ ଓ ବିଧାୟକଙ୍କ ବିରୋଧରେ ୬ ମାମଲା ଥିବାବେଳେ ୪ ଜଣ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଅଭିଯୋଗ ରହିଛି।



ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ

## ଫୁରସତ୍

# ୧.୭୨ ଲକ୍ଷ ବର୍ଷର ବିଲୁପ୍ତ ନଦୀ

ନଦୀକୂଳରୁ ବିକାଶ ଆଡ଼କୁ ପାଦ କାଢ଼ିଥିଲା ମନୁଷ୍ୟ। ଚିରସ୍ରୋତା ନଦୀର ଧାରା ସଭ୍ୟତାର ବିକାଶରେ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା। ମଣିଷ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ହେଉ କି ପୋଷାପ୍ରାଣୀଙ୍କ ପାଇଁ ଖାଦ୍ୟ ସବୁକିଛି ମିଳୁଥିଲା ନଦୀକୂଳିଆ ଅଞ୍ଚଳରେ। ତେଣୁ ପୃଥିବୀର ପ୍ରାଚୀନ ସଭ୍ୟତା ମୁଣ୍ଡ ଟେକିଥିଲା ନଦୀ ତଟବର୍ତ୍ତୀ ଅଞ୍ଚଳରେ, ଯାହା ପରବର୍ତ୍ତୀ ସମୟରେ ଯୋଡ଼ି ହୋଇଥିଲା ଇତିହାସ ଫର୍ଦ୍ଦରେ। ନିକଟରେ ରାଜସ୍ଥାନର ଥର୍ ମରୁଭୂମିରେ ୧ଲକ୍ଷ ୭୨ ହଜାର ବର୍ଷ ପୁରାତନ ଏକ ବିଲୁପ୍ତ ନଦୀର ଅବଶେଷ ଠାବ କରିଛନ୍ତି ବିଶେଷଜ୍ଞ। ପ୍ରାଗ୍-ଐତିହାସିକ ସମୟର ଏହି ନଦୀ ଉପରେ ଅଧିକ ଗବେଷଣା ହେଲେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି।



ସଂସ୍କୃତିସମ୍ପନ୍ନ ଦେଶ ଭାରତ ଐତିହାସିକ କୀର୍ତ୍ତିରାଜିର ଭଣ୍ଡାର। ଆଜି ବି ଏପରି ଅନେକ ସ୍ଥାନ ରହିଛି, ଯାହା ଦେଶର ସମୃଦ୍ଧିଶାଳୀ ବିଭବର ବାର୍ତ୍ତା ବହନ କରେ। ନିକଟରେ ରାଜସ୍ଥାନର ଥର୍ ମରୁଭୂମି ଅନ୍ତର୍ଗତ ତଥା ବିକାନେରଠାରୁ ୨୦୦ କି.ମି. ଦୂରରେ ଏକ ବିଲୁପ୍ତ ନଦୀର ଅବଶେଷ ଠାବ କରାଯାଇଛି। ଏହି ନଦୀ ୧ଲକ୍ଷ ୭୨ ହଜାର ବର୍ଷ ତଳେ ପ୍ରବାହିତ ହେଉଥିବା ପ୍ରମାଣ ମିଳିଛି। ସେହି ସମୟରେ ଏହି ନଦୀ ମାନବ ସଭ୍ୟତା ଲାଗି ଜୀବନରେଖା ଭଳି କାମ କରୁଥିବା ଏହା ଉପରେ ଗବେଷଣା କରୁଥିବା ବିଶେଷଜ୍ଞ ଦଳ କହିଛନ୍ତି।

ଥର୍ ମରୁଭୂମିରେ ଉତ୍‌ଖନନ ସମୟରେ ଏହି ବିଲୁପ୍ତ ନଦୀ ବିଷୟରେ ସଙ୍କେତ ମିଳିଥିଲା। ଜର୍ମାନୀ, ତାମିଲନାଡୁ ଏବଂ କୋଲକାତା ଆଇଆଇଏସ୍‌ସିଆର୍‌ର ବିଶେଷଜ୍ଞ ଦଳ ମିଳିତ ଭାବେ ଏହା ଉପରେ ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି। ବେକାନିର ନିକଟରେ ବର୍ତ୍ତମାନ ପ୍ରବାହିତ ନଦୀଠାରୁ ଆନୁମାନିକ ୨୦୦ କି.ମି. ଦୂରରେ ଏହି ପୁରାତନ ନଦୀ ବହୁଥିଲା। ପ୍ରସ୍ତର ଯୁଗରେ ଥର୍ ମରୁଭୂମିର ଭୌଗୋଳିକ ପରିବେଶ ଭିନ୍ନ ଥିଲା। ସେଠାରେ ଜନସଂଖ୍ୟା ଏବେକାର ତୁଳନାରେ ଅଧିକ ଥିଲା ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି।

ତାମିଲନାଡୁର ଆନ୍ନା ୟୁନିଭର୍ସିଟିର ପ୍ରଫେସର ହେମା ଅଚ୍ୟୁତନ୍ କୁହନ୍ତି, ଥର୍ ମରୁଭୂମିରେ ପ୍ରବାହିତ ନଦୀଗୁଡ଼ିକର ଅବଶେଷ ଜାଲ ଭଳି ଦେଖାଯାଉଛି। ତେଣୁ ପୂର୍ବରୁ ଏଠାରେ ଅନେକ ନଦୀ ଏବଂ ଜଳସ୍ରୋତ ଥିବା ସ୍ପଷ୍ଟ ହୋଇଛି। ସାଟେଲାଇଟ୍ ଚିତ୍ର ଅନୁଧ୍ୟାନରୁ ଏ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ହେଲେ ନଦୀଗୁଡ଼ିକ କେବେ ପ୍ରଭାବିତ ହେଉଥିଲା, ଏହା କେତେ ବର୍ଷ ପୁରୁଣା ଏବଂ କେଉଁ କାରଣରୁ ଏହା ବିଲୁପ୍ତ ହୋଇଗଲା ସେ ସମ୍ପର୍କରେ ଠିକ୍ ତଥ୍ୟ ମିଳିପାରିନାହିଁ। ଏହାକୁ ଜାଣିବାକୁ ହେଲେ ଅବଶେଷ ଠାବ କରାଯାଇଥିବା ସ୍ଥାନ ଉପରେ ଅଧିକ ଗବେଷଣା ଜରୁରୀ। ଏଥିଲାଗି ଟିମ୍ ସଦସ୍ୟମାନେ ନାଲ୍ ଗ୍ରାମ ଆଖପାଖ ଅଞ୍ଚଳରେ ଉତ୍‌ଖନନ କରିବା ସହ ଗଭୀର ଭାବେ ଅଧ୍ୟୟନ କରିଥିଲେ। ସେହିପରି ଜର୍ମାନୀର 'ମ୍ୟାକ୍ସ ଇନଷ୍ଟିଚ୍ୟୁଟ୍ ଫର୍ ଦି ସାଇନ୍ସ ଅଫ୍ ହ୍ୟୁମାନ ହିଷ୍ଟ୍ରି'ର ପ୍ରଫେସର ଜିମ୍‌ବବ ବ୍ଲିଙ୍କ୍‌ହର୍ନ କହିଛନ୍ତି, ବିଲୁପ୍ତ ନଦୀ ପାଖରେ ଗଢ଼ି ଉଠିଥିବା ସଭ୍ୟତାକୁ ଇତିହାସରେ ଅଣଦେଖା କରାଯାଇଛି। ପୂର୍ବକାଳରେ ଥର୍ ମରୁଭୂମି ଅଞ୍ଚଳ ସୁନାବ୍ୟା ଥିଲା। ଏହାର ବଳିଷ୍ଠ ପ୍ରମାଣ ମିଳିସାରିଛି। ଏଥିରୁ ପ୍ରାଗ୍-ଐତିହାସିକ ଯୁଗର ମଣିଷଙ୍କ ଜୀବନଯାପନ ଶୈଳୀ, ଖାଦ୍ୟପେୟ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡ଼ିଛି। ନଦୀ ସର୍ବଦା ସଭ୍ୟତାର ବିକାଶରେ ସହାୟକ ହୋଇଆସିଛି। ନଦୀର ଆବଶ୍ୟକତା ପୁରାତନ ସମୟରେ ଯେତିକି ଥିଲା ଆଜି ତା'ଠାରୁ ବେଶି। ଏକଥାକୁ ମଣିଷ ବୁଝିପାରୁନାହାନ୍ତି। ନଦୀର ଅସ୍ତିତ୍ୱ ଶେଷ ହୋଇଗଲେ ପରିମାଣ କେତେ ଭୟଙ୍କର ହୋଇପାରେ ତାହାର ଜ୍ୱଳନ୍ତ ଉଦାହରଣ ଥର ମରୁଭୂମି ବୋଲି ପ୍ରଫେସର ଜିମ୍‌ବବ ଚେତାଇଛନ୍ତି।



ମାଧୁରୀ ଦୀକ୍ଷିତ

## ମାଧୁରୀଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଫିଲ୍ମ ସହିତ ନିଜର ସୁନ୍ଦର ଡ୍ୟାନ୍ସ ପାଇଁ ସମସ୍ତଙ୍କ ହୃଦୟ ଜିତିପାରିଛନ୍ତି। ମାଧୁରୀଙ୍କ ଏକ୍ସପ୍ରେସନ୍ ଦମ୍‌ଦାର୍ ହୋଇଥାଏ। ସେଥିପାଇଁ ତ ତାଙ୍କୁ ଏକ୍ସପ୍ରେସନ୍ କୁଇନ୍ କୁହାଯାଏ। ଦେଖିବାକୁ ସୁନ୍ଦରୀ ଯେମିତି ଅଭିନୟ ବି ସେମିତି। ଲୋକେ ତାଙ୍କ ଅନ୍ଦାଜ୍‌ର ଦିୱାନା। ନିକଟରେ ତାଙ୍କର ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସେ ଜଣେ କୁନି ଝିଅ ସହିତ ତାଙ୍କର ସୁପରହିଟ୍ ସଙ୍ଗ୍ 'ଆଖିଆଁ ମିଲାଉଁ କଭି ଆଖିଆଁ ଚୁରାଉ'ରେ ଜବରଦସ୍ତ ଏକ୍ସପ୍ରେସନ୍ ସହିତ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି। ଫ୍ୟାନମାନେ ଏହି ଭିଡିଓକୁ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ କରିଛନ୍ତି। ଏହି ଭିଡିଓ ବର୍ତ୍ତମାନ ସୁଦ୍ଧା ୨୨ହଜାରରୁ ଅଧିକ ଥର ଦେଖାସରିଲାଣି। ତେବେ ଏହି ଭିଡିଓକୁ ଫ୍ୟାନ ପେଜ୍‌ରୁ ଶେୟାର କରାଯାଇଛି। ଏଥିରେ ଆଖିର ଏକ୍ସପ୍ରେସନ୍ ଯେମିତି ଫ୍ୟାନମାନଙ୍କର ନିଦ ହଜାଇଦେଇଛୁ। ସୂଚନା ଥାଉ କି, ମାଧୁରୀ ଏବେ ନିଜ ଫ୍ୟାମିଲି ସହିତ ଘରେ ସମୟ ବିତାଉଛନ୍ତି। ଏହାସହିତ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ସେ ତାଙ୍କର ଫଟୋ ଏବଂ ଭିଡିଓ ଇନ୍‌ଷ୍ଟାରେ ଶେୟାର ମଧ୍ୟ କରୁଛନ୍ତି। ଗତବର୍ଷ ତାଙ୍କର 'ଟୋଟାଲ ଧମାଲ' ଏବଂ 'କଲଙ୍କ' ଫିଲ୍ମ ରିଲିଜ ହୋଇଥିଲା। ଯେଉଁଥିରେ ମାଧୁରୀଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ ମଧ୍ୟ କରିଥିଲେ।

## ପୂଜାମଣ୍ଡପରେ ସୋନୁଙ୍କ ପ୍ରତିମୂର୍ତ୍ତି

**କୋଲକାତା:** ଲକ୍‌ଡାଉନ୍‌ବେଳେ ଅସହାୟ ସାହାଯ୍ୟ କରି ଲୋକଙ୍କ ହୃଦୟରେ ଭଗବାନଙ୍କ ଭଳି ସମ୍ମାନ ପାଉଛନ୍ତି ଅଭିନେତା ସୋନୁ ସୁଦ୍। ତାଙ୍କୁ ବିଭିନ୍ନ ଅଞ୍ଚଳର ଲୋକେ ବି ଭିନ୍ନ ଭିନ୍ନ ଢଙ୍ଗରେ ନିଜର ଶ୍ରଦ୍ଧା ଓ ଭଲପାଇବା ଜାହିର କରୁଛନ୍ତି। ଏମିତି ଏକ ଲକ୍ଷ୍ୟରେ ଏବେ କୋଲକାତାର ଏକ ପୂଜାମଣ୍ଡପରେ ଦେଖିବାକୁ ମିଳିଛି ସୋନୁଙ୍କ ପ୍ରତିମୂର୍ତ୍ତି।



କରୋନା ମହାମାରୀ ଭିତରେ ଏବେ ମାଆ ଦୁର୍ଗାଙ୍କ ଆଗମନ ପାଇଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା। ତେବେ କଟକଣା ଯୋଗୁ ଏଥର ମେଢ଼ କି ତୋରଣ ଆଦିର ସାଜସଜ୍ଜା ନ ଥିଲେ ବି ମୂର୍ତ୍ତି ତିଆରିରେ କେତେକ ସ୍ଥାନରେ ଭିନ୍ନତା ଦେଖିବାକୁ ମିଳିଛି। ଅଧିକାଂଶ ସ୍ଥାନରେ କୋଭିଡ୍ ଥିମ୍‌ରେ ତିଆରି ହୋଇଛି ମାଆଙ୍କ ମୂର୍ତ୍ତି। କୋଲକାତାରେ ଏଥର ଏକ ପୂଜାମଣ୍ଡପରେ ମାଆଙ୍କ ମୂର୍ତ୍ତି ସାଙ୍ଗକୁ ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କର ଏକ ପ୍ରତିମୂର୍ତ୍ତି ବି ଦେଖିବାକୁ ମିଳିଛି। ପୂଜା କମିଟି ପକ୍ଷରୁ ସୋନୁଙ୍କୁ ସମ୍ମାନ ଜଣାଇ ଏଭଳି କରାଯାଇଛି। ତେବେ ସୋନୁଙ୍କ ସହିତ ଏହି ପୂଜା ମଣ୍ଡପରେ ଲକ୍‌ଡାଉନ୍ ସମୟର ବିଭିନ୍ନ ଦୃଶ୍ୟ ଏବଂ ସୋନୁ କିପରି ସେମାନଙ୍କୁ ସାହାଯ୍ୟ କରିଛନ୍ତି ସେସବୁକୁ ମଧ୍ୟ ରୂପ ଦିଆଯାଇଛି। ଏହି ମଣ୍ଡପରେ କୋଭିଡ୍ ଥିମ୍‌ରେ କେଉଁଠି ଶ୍ରମିକମାନଙ୍କୁ କିପରି ସୋନୁ ସ୍ୱତନ୍ତ୍ର ଗାଡ଼ିରେ ପଠାଉଛନ୍ତି ତ କେଉଠି ଫସିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରାଯାଉଛି। ଏଭଳି ବିଭିନ୍ନ ପ୍ରକାରର ଦୃଶ୍ୟକୁ ପୂଜା ମଣ୍ଡପରେ ରୂପ ଦିଆଯାଇଛି।



## କ୍ରିକେଟରଙ୍କ ୱେଡିଂ ଫଟୋ

**ନୂଆଦିଲ୍ଲୀ:** ୱେଡିଂ ଫଟୋ ଶୁଟ୍ କରିବା ଆଜିକାଲିର ଏକ ଫ୍ୟାଶନ ହୋଇଗଲାଣି। ସେଥିପାଇଁ ତ ଏବେ ସୁନ୍ଦର ପର୍ଯ୍ୟଟନ ସ୍ଥାନମାନଙ୍କରେ ନବ ବିବାହିତମାନେ ବିଭିନ୍ନ ଢଙ୍ଗରେ ଫଟୋ ଶୁଟ୍ କରି ଅଭୁଲା ମୁହୂର୍ତ୍ତକୁ ସାଇତି ରଖୁଛନ୍ତି। ତେବେ ନୂଆ ନୂଆ ଡିଜାଇନରେ ଫଟୋ ଶୁଟ୍ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ବି ଆଜିକାଲିର ଏକ ଟ୍ରେଣ୍ଡରେ ପରିଣତ ହେଲାଣି। ଠିକ୍ ଏମିତି ଏକ ଭିନ୍ନ ଢଙ୍ଗରେ ନିଜର ୱେଡିଂ ଫଟୋ ଶୁଟ୍ କରି ଏବେ ଢେର୍ ଚର୍ଚ୍ଚାକୁ ଆସିଛନ୍ତି ବାଂଲାଦେଶର ମହିଳା କ୍ରିକେଟ ଖେଳାଳି ସଞ୍ଜିଦା ଇସ୍‌ଲାମ୍।

କ୍ରିକେଟ ଖେଳାଳି ସଞ୍ଜିଦା ଇସଲାମ୍‌ଙ୍କ ୱେଡିଂ ଫଟୋ ଶୁଟ୍‌କୁ ନେଇ ଏବେ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା। କାହିଁକିନା ସଞ୍ଜିଦା ୱେଡିଂ ଫଟୋ ଶୁଟ୍‌କୁ କ୍ରିକେଟ୍ ଷ୍ଟାଇଲରେ ଉଠାଇଛନ୍ତି। ଫଟୋରେ ସେ କ୍ରିକେଟ୍ ଖେଳିବା ଭଳି ପୋଜ୍ ଦେଇଛନ୍ତି, କିନ୍ତୁ ପାରମ୍ପରିକ ଶୈଳୀରେ ଶାଢ଼ି ପିନ୍ଧିବା ସହିତ ସମସ୍ତ ପ୍ରକାରର ଗହଣାଗାଣ୍ଠି ବି ପିନ୍ଧିଛନ୍ତି। ଏହା ସହିତ ସେ ହାତରେ ବ୍ୟାଟ ଧରି କ୍ରିକେଟ୍ ପଡ଼ିଆରେ ଫଟୋ ପୋଜ୍ ଦେଇଛନ୍ତି। ନବବଧୂ ବେଶରେ ସଞ୍ଜିଦାଙ୍କର ଏଭଳି ବ୍ୟାଟ୍ ଧରି ଫଟୋ ଶୁଟ୍ କରିବା ସମସ୍ତଙ୍କୁ ପ୍ରଭାବିତ କରିପାରିଛି। ସଞ୍ଜିଦା ତାଙ୍କର ଏଭଳି ଫଟୋ ଶୁଟ୍ କରିବା ପରେ ଏହାକୁ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ପ୍ରଥମେ ଶେୟାର କରିଥିଲେ। ତେବେ ଏହି ଫଟୋ ଶେୟାର କରିବାର ମାତ୍ର ଦିନକ ପରେ ଏହାକୁ ହଜାର ହଜାର ସଂଖ୍ୟାରେ ଲୋକେ ଲାଇକ୍ କରିଥିଲେ। ବହୁସଂଖ୍ୟାରେ ଲୋକେ ଏହି ଫଟୋକୁ ରିଟୁଇଟ୍ ବି କରିଛନ୍ତି। ସଞ୍ଜିଦାଙ୍କର ଏଭଳି ୟୁନିକ୍ ଷ୍ଟାଇଲରେ ଫଟୋ ଉଠାଇବା କେବଳ ଲୋକଙ୍କୁ ନୁହେଁ କ୍ରିକେଟପ୍ରେମୀଙ୍କୁ ବି ପ୍ରଭାବିତ କରିପାରିଛି। ସେଥିପାଇଁ ତାଙ୍କର ଏଭଳି ଫଟୋକୁ ଆଇସିସିର ଟୁଇଟର ପେଜ୍‌ରେ ମଧ୍ୟ ଶେୟାର କରାଯାଇଥିବାର ଦେଖିବାକୁ ମିଳିଛି ଏବଂ ଫଟୋ କ୍ୟାପ୍‌ସନରେ ସଞ୍ଜିଦାଙ୍କୁ ଢେର୍ ପ୍ରଶଂସା କରାଯାଇଛି। ଜଣେ କ୍ରିକେଟର ପ୍ରକୃତରେ ଏଭଳି ହେବା ଉଚିତ ବୋଲି ଆଇସିସି ତା'ର ସୋସିଆଲ୍ ସାଇଟ୍‌ରେ ମତ ଦେଇଛି। ସୋସିଆଲ ମିଡିଆରେ ଲୋକେ ସଞ୍ଜିଦାଙ୍କର କ୍ରିକେଟ ପ୍ରତି ଥିବା ଭଲପାଇବାକୁ ପସନ୍ଦ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ରିଲାଏନ୍ସ ଜିଓର ସ୍ୱଦେଶୀ ୱେବ୍ ବ୍ରାଉଜର

ରିଲାଏନ୍ସ ଜିଓ ପକ୍ଷରୁ ଏକ ସ୍ୱଦେଶୀ ୱେବ୍ ବ୍ରାଉଜର 'ଜିଓପେଜେସ' ର ପ୍ରଚଳନ କରାଯାଇଛି। ଏହି ନୂଆ ୱେବ୍ ବ୍ରାଉଜର ଇଂରାଜୀ ବ୍ୟତୀତ ଅନ୍ୟ ପ୍ରମୁଖ ୮ଟି ଭାଷାର ବ୍ୟବହାର ଉପଯୋଗୀ ହୋଇପାରିଛି। ଜିଓପେଜେସକୁ ଶକ୍ତିଶାଳୀ କ୍ରୋମିୟମ ବ୍ଲିଙ୍କ ଇଞ୍ଜିନ ଉପରେ ଭିତ୍ତିକରି ଏହି ୱେବ ବ୍ରାଉଜରର ପ୍ରସ୍ତୁତ କରାଯାଇଛି। ଜିଓପେଜେସର ବିଶେଷତ୍ୱ ହେଉଛି ଏହା ଅନ୍ୟ ବ୍ରାଉଜର ତୁଳନାରେ ବ୍ୟବହାରକାରୀଙ୍କୁ ଡାଟା ପ୍ରିଭେସି ସହିତ ନିଜ ଡାଟା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରଦାନ କରିଥାଏ।

### ସଂକ୍ଷେପରେ

## ଜୀବନ ବୀମାକୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ,୨୨।୧୦: ସୁପ୍ରିମକୋର୍ଟ ଜୀବନବୀମାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜୀବନବୀମା ପଲିସି ନେବା ବେଳେ ଲୋକଙ୍କୁ ରୋଗ ସମ୍ପର୍କିତ ଠିକ୍ ତଥ୍ୟ ପ୍ରଦାନ କରିବାକୁ ହେବ। ଲୋକମାନେ ଯଦି ଏ କ୍ଷେତ୍ରରେ ଠିକ୍ ସୂଚନା ନ ଦେଇ ତଥ୍ୟ ଲୁଚାନ୍ତି ତେବେ କ୍ଲେମ୍ ଖାରଜ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ବୀମା ସୁବିଧା ଭରସା ଉପରେ ଆଧାରିତ ହୋଇଥାଏ। ଜୀବନବୀମା ନେଉଥିବା ବ୍ୟକ୍ତିଙ୍କର ଏହା ଉତ୍ତରଦାୟିତ୍ୱ ଯେ, ସବୁ ତଥ୍ୟ ଠିକ୍ ଭାବେ ଉପସ୍ଥାପନ କରିବେ। ଫଳରେ ବୀମା କମ୍ପାନୀ ସବୁ ପ୍ରସଙ୍ଗକୁ ଠିକ୍ ଭାବେ ବିଚାର କରିବାକୁ ସକ୍ଷମ ହେବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସଂକ୍ରାନ୍ତ ହୋଇଥିବା ଏକ ମାମଲାର ଗୁରୁବାର ଶୁଣାଣି ହୋଇଛି। ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ, ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ନ୍ୟାୟାଳୟ କହିଛନ୍ତି, ବୀମା ନେଉଥିବା ବ୍ୟକ୍ତିଙ୍କ ଫର୍ମରୁ ବୀମା କମ୍ପାନୀ ଲୋକଙ୍କର ବୀମା ଗ୍ରହଣ ସ୍ଥିତି ବିଚାର କରିଥାନ୍ତି। ଏଣୁ ଏଥିରେ ଠିକ୍ ସୂଚନା ଦେବାର ଆବଶ୍ୟକତାକୁ ସମସ୍ତେ ବିଚାର କରିବାକୁ ହେବ।

## ଆତ୍ମନିର୍ଭର ଭାରତକୁ ନେଇ ପ୍ରଶ୍ନ ଉଠାଇଲେ ରାଜନ

ନୂଆଦିଲ୍ଲୀ,୨୨।୧୦



ରଘୁରାମ ରାଜନ

କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ପ୍ରଶ୍ନ ଉଠାଇଛନ୍ତି। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଆମଦାନୀ ଉପରେ ଯେଉଁ କଟକଣା ଲାଗୁଛି ତାକୁ ନେଇ ରାଜନ ସରକାରଙ୍କୁ ସତର୍କ କରାଇଛନ୍ତି। ଭାରତ ପୂର୍ବରୁ ଏଭଳି ପନ୍ଥା ଆପଣାଇଥିବା ବେଳେ ସଫଳ ହୋଇନାହିଁ ବୋଲି ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ଏହି ମତ ରଖିଛନ୍ତି।

ଟାରିଫ ବଢାଇ ଆମଦାନୀକୁ କମ୍ କରିବାକୁ ଯଦି ଆତ୍ମନିର୍ଭର ଭାରତ କୁହାଯାଏ କିମ୍ବା ଏହା ଉପରେ ଯଦି ଫୋକସ କରାଯାଉଥାଏ ତାହା ଠିକ୍ ନୁହେଁ। ଗତ କିଛି ବର୍ଷ ପୂର୍ବରୁ ଏଭଳି ପଦକ୍ଷେପ ଭାରତ ନେଇଛି। ଏପରି କାମ ଭାରତ ପୂର୍ବରୁ କରିଥିବା ବେଳେ ପୁଣି ଥରେ ସମାନ କାମ କରିବା ଭଳି ହେଉଛି; ଯାହା ସଫଳ ହୋଇନାହିଁ। ଏଣୁ ଏ ଦିଗରେ ଧ୍ୟାନ କେନ୍ଦ୍ରିତ କରା ନ ଯାଉ ବୋଲି ରାଜନ ସତର୍କ କରାଇଛନ୍ତି।

ରପ୍ତାନି ଉପରେ ମତ ରଖି ସେ କହିଛନ୍ତି ଯେ, ବିଦେଶରୁ ସାମଗ୍ରୀ ଆମଦାନୀ କରି ସାମଗ୍ରୀ ପ୍ରସ୍ତୁତ କରିବା ସହ ଏଗୁଡିକ କିଭଳି ସୁଲଭ ହେବ ତାକୁ ଧ୍ୟାନଦେବାକୁ ହେବ। ଏହା ହେଲେ ପ୍ରଡକ୍ଟ ପ୍ରତିଦ୍ୱନ୍ଦ୍ୱୀ ହୋଇପାରିବ। ସାମଗ୍ରୀ ଆସେମ୍ବଲ ଦ୍ୱାରା ଚାଇନା ରପ୍ତାନିରେ ଏକ ସୁପରପାୱାର ହୋଇପାରିଛି। ଚାଇନା ନିଜ ଦେଶର ଶିଳ୍ପର ସ୍ୱାର୍ଥ ଲାଗି ଆମଦାନୀ ଉପରେ କଟକଣା ଲଗାଇନାହିଁ। ବିଦେଶ ସାମଗ୍ରୀ ଆମଦାନୀ ଏବଂ ନିଜ ଦେଶର ସାମଗ୍ରୀ ଉଭୟକୁ ବ୍ୟବହାର କରି ଚାଇନା ଭଲ ସ୍ଥିତି ସୃଷ୍ଟି କରିପାରିଛି। ରପ୍ତାନି କରିବାକୁ ହେଲେ ଭାରତକୁ ଆମଦାନୀ କରିବାକୁ ହେବ। ଆମଦାନୀରେ ଅତ୍ୟଧିକ ଟିକସ ଲଗାଇ ଭାରତରେ ଉତ୍ପାଦକୁ ଏକ ଭଲ ସ୍ଥିତିରେ ପହଞ୍ଚାଇବାକୁ ଫୋକସ୍ ନ କରାଯାଉ । ସରକାର ଦେଶରୁ ରପ୍ତାନି ବଢାଇବା ଲାଗି ଦୀର୍ଘ ମିଆଦୀ ପୁଞ୍ଜି ବିନିଯୋଗ କରିବା ସହ ସବୁ କିଛିକୁ ଧ୍ୟାନରେ ରଖିବା ଆବଶ୍ୟକତା ରହିଛି ବୋଲି ସେ ପରାମର୍ଶ ଦେଇଛନ୍ତି।

## ବାରିପଦାରେ ଖୋଲିଲା ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ



ଭୁବନେଶ୍ୱର,୨୨।୧୦

ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଏହାର ୨୨ତମ ମେଗା ଶୋ'ରୁମ୍ ବାରିପଦା ସହରର ଶୁଭାରମ୍ଭ ହୋଇଛି। ୮୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହା ଖୋଲିଛି। ଏହି ନୂତନ ଶୋ'ରୁମ୍‌କୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ଗୁପ୍ତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପାର୍ବଣ ବିଶେଷ ଅଫର ବିଷୟରେ ସୂଚନା ଦେଇଛନ୍ତି। ଏହି ଅଫର ଅନ୍ତର୍ଗତ ଶୋ'ରୁମ୍ ପକ୍ଷରୁ ପ୍ରତିଦିନ ଗ୍ରାହକଙ୍କ ପାଇଁ ୨୦ଗ୍ରାମ ସୁନା ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି। ନିର୍ଦ୍ଦିଷ୍ଟ ସାମଗ୍ରୀ କ୍ରୟ ଉପରେ ୪୦% ରିହାତି, ବଛାବଛା ପ୍ରଡକ୍ଟ ଉପରେ ମଧ୍ୟ ୨୨% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ଏବଂ ଏସ୍‌ବିଆଇ କାର୍ଡ ଜରିଆରେ କିଣାକିଣି କଲେ ଗ୍ରାହକଙ୍କୁ ଅତିରିକ୍ତ ୫% କ୍ୟାଶ୍‌ବ୍ୟାକ ସୁବିଧା ମିଳିବ। ନୂଆ ଶୋ'ରୁମ୍ ଶୁଭାରମ୍ଭ ଅବସରରେ ପ୍ରଥମ ୧୦୦ଜଣ ଗ୍ରାହକ ଲକି ଡ୍ର ସୁବିଧା ପାଇବେ। ସଂସ୍ଥାର କଟକ, କଳାପଥର, ଜଗତ୍‌ସିଂହପୁର, ନିମାପଡ଼ା, ନୟାଗଡ଼,ବାଲୁଗାଁ ଏବଂ ଯାଜପୁର ଶୋ'ରୁମ୍‌ରୁ ହୋମ ଫର୍ନିଚରଗୁଡିକ ଉପରେ ୬୦% ପର୍ଯ୍ୟନ୍ତ ରିହାତି ମିଳୁଛି। ସେହିଭଳି ସାମଗ୍ରୀ ଉପରେ ୱାରେଣ୍ଟି ଓ ବୀମା ସୁବିଧା ରହିଥିବା ଶୋ'ରୁମ୍ ପକ୍ଷରୁ ସୂଚନା ରହିଛି।

## ସୋନିର ନୂଆ ଆଲ୍‌ଫା ୭ଏସ୍ କ୍ୟାମେରା

ଭୁବନେଶ୍ୱର,୨୨।୧୦



ସୋନି ଇଣ୍ଡିଆ ପକ୍ଷରୁ ଆଲ୍‌ଫା ୭ ଏସ୍୩ ମିରର୍‌ଲେସ୍ କ୍ୟାମେରାକୁ ଉନ୍ମୋଚନ କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଏହି କ୍ୟାମେରା ଉପଲବ୍ଧ ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ଓଡ଼ିଶା ବଜାରର ଗ୍ରାହକମାନେ ଏହାକୁ କିଣିବାରେ ସୁଯୋଗ ପାଇବେ ବୋଲି ସୋନି ପକ୍ଷରୁ ସୂଚନା ଦିଆଯାଇଛି। ଏହି ମଡେଲରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ସେହିଭଳି ପେସାଦାର ବ୍ୟବହାରକାରୀଙ୍କ ପାଇଁ ଏହି କ୍ୟାମେରା ବେଶ୍ ଉପଯୁକ୍ତ ଓ ଉଲେଖନୀୟ ପ୍ରଦର୍ଶନ କରିବ। ଏଥିରେ ଏକ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ସିନେମା ଶୁଟିଂ କରିହେବ। ଆଲ୍‌ଫା ୭ ଏସ୍ ୩ରେ ଅଟୋଫୋକସ ବ୍ୟବସ୍ଥା ସହ ଟଚ୍‌ସ୍କ୍ରିନ, ସାଇଡ ଫ୍ଲିପ୍ ଏଲ୍‌ସିଡି ସ୍କ୍ରିନ୍ ଭଳି ଅନେକ ସୁବିଧା ରହିଛି।

## ମାରୁତି ସୁଜୁକି ଭିଟାରା ବ୍ରିଜାର ବିକ୍ରି ରେକର୍ଡ

ନୂଆଦିଲ୍ଲୀ,୨୨।୧୦

ମାରୁତି ସୁଜୁକିର ପ୍ରମୁଖ କମ୍ପାକ୍ଟ ଏସ୍‌ୟୁଭି ମଡେଲ ଭିଟାରା ବ୍ରିଜା ବିକ୍ରି କ୍ଷେତ୍ରରେ ରେକର୍ଡ ହାସଲ କରିଛି। ମାତ୍ର ୪.୫ ବର୍ଷରୁ କମ୍ ସମୟ ମଧ୍ୟରେ ଏହି ମଡେଲଟି ଏଭଳି ସଫଳତା ହାସଲ କରିବା ସହ ୫.୫ ଲକ୍ଷ ୟୁନିଟ ବିକ୍ରିର ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ମଡେଲ ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ପ୍ରାରମ୍ଭରେ ବଜାରକୁ ଆସିଥିବା ଏହି ମଡେଲ ଗ୍ଲାମରସ ଲୁକ୍ ସହ ବଜାରରେ ଏକ ବିପ୍ଳବ ଆଣିଥିଲା। ଲୁକ୍,ପ୍ରଦର୍ଶନ ଏବଂ ଚଲାଇବା ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ ଏହା ପ୍ରଦାନ କରୁଛି। ଗ୍ରାହକଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକରି ଚାହିଦା ଆଧାରରେ ଏଭଳି ମଡେଲ କମ୍ପାନୀ ବଜାରକୁ ଛାଡିଥିଲା। ଦ୍ରୁତ ପରିବର୍ତ୍ତନ ସହ ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜା ୨୦୨୦ ଅଟୋ ଏକ୍ସପୋରେ ସର୍ବପ୍ରଥମ ଭାବେ ଉପସ୍ଥାପନ କରାଯାଇଥିଲା।

## ଏଲ୍‌ଆଇସିର ନୂଆ ଜୀବନ ଶାନ୍ତି ସ୍କିମ୍

ନୂଆଦିଲ୍ଲୀ,୨୨।୧୦

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପକ୍ଷରୁ ନୂଆ ଜୀବନ ଶାନ୍ତି ସ୍କିମ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀ ବିଭିନ୍ନ ସମୟରେ ଏହାର ଗ୍ରାହକଙ୍କ ଲାଗି ନୂଆ ସ୍କିମ୍ ମାନ ଘୋଷଣା କରିଥାଏ। ଚଳିତ ଥର ଜୀବନ ଶାନ୍ତି ଡିଫର୍ଡ ଆନ୍ୟୁଇଟି ପ୍ଲାନ୍‌କୁ ଲଞ୍ଚ କରାଯାଇଛି। ଏହି ପ୍ଲାନ୍‌କୁ ଗ୍ରାହକ ୨୧ ଅକ୍ଟୋବର ୨୦୨୦ଠାରୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମୋଡ୍‌ରେ କ୍ରୟ କରିପାରିବେ। ଏହା ଏକ ନନ୍ ଲିଙ୍କଡ୍, ନନ୍ ପାର୍ଟିସିପେଟିଂ, ବ୍ୟକ୍ତିଗତ, ସିଙ୍ଗଲ ପ୍ରିମିୟମ ଏବଂ ଡେଫର୍ଡ ଆନୁଇଟି ପ୍ଲାନ୍। ଅନ୍ୟୁନ ଏକ ବର୍ଷରୁ ସର୍ବାଧିକ ୧୨ ବର୍ଷର ଡିଫରମେଣ୍ଟ ପିରିୟଡ ଏଥିରେ ରହିଛି। ଅନ୍ୟୁନ ୩୦ ବର୍ଷରୁ ୭୯ ବର୍ଷ ବୟସର ବ୍ୟକ୍ତିବିଶେଷ ଏହାକୁ ନେଇପାରିବେ । ଏଥିରେ ସାରାଜୀବନ ପାଇଁ ଆନ୍ୟୁଇଟି, ଡିଫରମେଣ୍ଟ ପିରିୟଡରେ ଡେଥ୍ ବେନିଫିଟ୍ ସୁବିଧା ମଧ୍ୟ ରହିଛି।

## ଟାଟା ମୋଟର୍ସର ଗ୍ରାହକ ସମ୍ବାଦ ୨୦୨୦

ନୂଆଦିଲ୍ଲୀ,୨୨।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ଗ୍ରାହକ ସମ୍ବାଦ ୨୦୨୦ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୨୩ରୁ ୩୧ ଯାଏ ଏହା ଚାଲିବ। ଏହାର ବିଶ୍ୱସ୍ତରୀୟ ପ୍ରଡକ୍ଟ ସହ ଗ୍ରାହକଙ୍କ ଅଭିଜ୍ଞତାକୁ ଆହୁରି ଉନ୍ନତ କରିବା ଲାଗି କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହାବାଦ କମ୍ପାନୀ ଦେଶବ୍ୟାପୀ ସର୍ଭିସ କ୍ୟାମ୍ପ ମଧ୍ୟ ଆୟୋଜନ କରୁଛି। ଗ୍ରାହକ ସେବା ମହୋତ୍ସବକୁ ନଭେମ୍ବର ପହିଲାରୁ ୩୦ ତାରିଖ ଯାଏ ଆୟୋଜନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସେହିଭଳି ଅକ୍ଟୋବର ୨୩ରେ କମ୍ପାନୀ ନ୍ୟାଶନାଲ କଷ୍ଟମର କେୟାର ଡେ ପାଳନ କରୁଛି। ଗ୍ରାହକ ସମ୍ବାଦ ୨୦୨୦ ଅବସରରେ ଗ୍ରାହକଙ୍କଠାରୁ ମତାମତ ଗ୍ରହଣ କାର୍ଯ୍ୟକ୍ରମ, ଚାନେଲ ପାର୍ଟନରଙ୍କୁ ସମ୍ବର୍ଦ୍ଧନା, ସାରା ଦେଶରେ ଟାଟା ମୋଟର୍ସ ବାଣିଜ୍ୟିକ ଯାନଗୁଡିକର ଚେକ୍ ଅପ୍ କ୍ୟାମ୍ପ ମାନ ଆୟୋଜନ କରାଯିବ। ବିଗତ ଦିନଗୁଡିକରେ ଏଭଳି କାର୍ଯ୍ୟକ୍ରମକୁ ଗ୍ରାହକ ଏବଂ ଅଂଶୀଦାରଙ୍କ ପକ୍ଷରୁ ଜୋର୍‌ଦାର ରେସପନ୍ସ ମିଳିଛି। ଗ୍ରାହକ ସେବା ମହୋତ୍ସବ ସାରା ଦେଶରେ ଟାଟା ମୋଟର୍ସର ୧୫ ଶହ ଡିଲର, ଟାଟା ଅଧିକୃତ ସର୍ଭିସ ଷ୍ଟେଶନଗୁଡିକରେ ଆୟୋଜନ କରାଯାଉଛି। ବାଣିଜ୍ୟିକ ଯାନ କ୍ଷେତ୍ରରେ ମାର୍କେଟ ଲିଡର ଭାବେ ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ବିଚାରକରି ଏଭଳି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଥିବା କମ୍ପାନୀର ବାଣିଜ୍ୟିକ ଯାନ ବିଜ୍‌ନେସ ୟୁନିଟ ଗ୍ଲୋବାଲ ହେଡ୍ ଆର୍.ରାମକ୍ରିଷ୍ଣନ କହିଛନ୍ତି।


**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2430197 (O), 2430741 (R), FAX: 0663-2430712
E-mail: srgmhps_burla@yahoo.co.in
No.: HHEP/WK-101/15/Vol-V/4782 Date: 21.10.2020

**TENDER NOTICE NO. HHEP-50/2020**

No.: CAD-631: Sealed tenders are invited from company / firm / agency / authorized dealer having past experience for the work as mentioned below.

| Sl. No. | Name of Work | Approx. Tender Value (in Rs.) | Cost of Tender (Non-refundable) |
|---|---|---|---|
| 1 | Repair of concrete by grouting and sealing around runner chamber fixed part of Unit No. 1 & 2 of HHEP, Burla by using FOSROC Renderoc RG special & ITW DEVCON Silite Sealant | 417721/- | Rs.2360/- (Rs.2000/- + GST 18%) |

- Sale of Tender Paper : 27.10.2020 to 06.11.2020 upto 11.00 A.M.
- Receipt of Tender Paper : 06.11.2020 upto 01.00 P.M.
- Date & time of Opening of Tender : 06.11.2020 at 04.00 P.M.
- EMD : Rs.4200/-

Further details like tender specification, corrigendum to the tender call notice etc can only be available in our website www.ohpcltd.com.

Sd./- C&P Head, HHEP, Burla
OIPR-04007/11/0016/2021

**PARADIP PORT TRUST**
**E-TENDER CALL NOTICE**
Name of the work : Dry Docking & Repairs of 300 Ton Reception Barge, Pantoon Barge of 25 Mtrs. LOA and Pantoon Barge of 20 Mtrs. LOA of Paradip Port Trust at Paradip. Estimated cost put to tender : Rs. 1,28,97,510/- excluding GST. Last date & time of submission of tender through on-line bidding is 15.00 hours in Dt. 19.11.2020. For details, please log on to the Website : https://eprocure.gov.in./eprocure/app.
Deputy Conservator
PPT/PR/264/20-21 Date : 22.10.2020

**PARADIP PORT TRUST**
**e-TENDER CALL NOTICE**
Name of the work : Dry Docking & Repairs of 300 Ton Reception Barge, Pantoon Barge of 25 Mtrs. LOA and Pantoon Barge of 20 Mtrs. LOA of Paradip Port Trust at Paradip. Estimated Cost put to tender : ₹ 1,28,97,510/- excluding GST. Last date and time of submission of tender through on-line bidding is 15.00 hrs. on 19.11.2020. For details, please log on to the website : https://eprocure.gov.in/eprocure/app
Deputy Conservator
PPT/PR/261/20-21 Dt : 22.10.2020

**NOTICE**
No. 9423 Date: 22.10.2020
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**
In pursuance to Advt.8493 dt-18.09.2020, objections are invited from the candidates for the post of **District Data Manager, IDSP and Block Programme Manager under NHM, Bargarh**. For this, database has been prepared as per the documents submitted by the candidates. Candidates are requested to login the official website of Bargarh District **www.bargarh.nic.in** and submit their objections if any apply through e-mail only i.e. **dpmubar@nic.in** on or before **28.10.2020 upto 5.00 P.M.** No fresh documents shall be accepted, except typographical error if any and after due date no applications shall be entertained.
Sd./- Chief District Medical & PHO, Bargarh

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . Sr. GENERAL MANAGER (Elect.) O&M ZONE-I,NARENDRAPUR
CIN: U40102OR2004SGC007553
No. CAD-626 **e-TENDER CALL NOTICE NO. NPR- 01/2020-21**
For and on behalf of OPTCL, Sr. GM, O&M Zone-I, Narendrapur invites tenders from reputed Bidders in single part bidding system for **PAINTING OF TOWER MEMBERS FROM LOC NO 471 TO 827 OF 220kV BHANJANAGAR-THERUBALI DC LINE.** The interested Bidders would be required to enroll themselves on the tender portal **www.tenderwizard.com/OPTCL.** Complete set of bidding documents are available at **www.tenderwizard.com/OPTCL** from Dated 24.10.2020 (10.01 Hrs.) up to Dated 23.11.2020 (12.31 Hrs.). Interested Bidders may visit OPTCL's official website **http://www.optcl.co.in and http://www.tenderwizards.com/OPTCL for detail specification.**
**N.B:** All subsequent addendums/corrigendum to the tender shall be hosted in the OPTCL's official website http://www.optcl.co.in and www.tenderwizard.com/OPTCL.
FIPR-16/2020-21 OIPR-04011/11/0022/2021 Sd/- Sr. General Manager (Elect.)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
ପ୍ରତ୍ର ସଂଖ୍ୟା : ୧୦୭ **ବିଜ୍ଞାପନ** ତା. : ୧୪।୧୦।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଯୁଗ୍ମ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ ଯୁଗ୍ମ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୪ ପ୍ରଭାକର ସାହୁ ପି-ରାମ ସାହୁ ସା-ଏଲ୍.ଆଇ.ଜି.ବି-୧୭୬ ଡୁମୁଡୁମା ୫ମ ପର୍ଯ୍ୟାୟ ଭୁବନେଶ୍ୱର ଜିଲ୍ଲା -ଖୋର୍ଦ୍ଧା | ଏଲ୍.ଆଇ.ଜି-ବି-୧୭୬ ଡୁମୁଡୁମା ୫ମ ପର୍ଯ୍ୟାୟ ଭୁବନେଶ୍ୱର | ୧- ଅପୂର୍ବା (କନ୍ୟା) ୨-ଇତିଶ୍ରୀ ସାହୁ (ସ୍ତ୍ରୀ) |

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**INSTITUTE OF MANAGEMENT & INFORMATION TECHNOLOGY**
(A Constituent College of BPUT, Odisha)
Cuttack - 753007
No. 816, Date.22.10.2020
**TENDER CALL NOTICE**
Sealed tenders are invited in two bids (Technical bid and Financial bid) from Original Equipment Manufactures (OEM) / Authorized Dealer (AUD) / Distributor of OEM for Purchase of Desktop Computers & Microsoft Window 10 (30 user) with the detailed terms and conditions stipulated in the "Tender Document" to be downloaded from our Website www.imit.ac.in.
The last date, time and mode of submission of selad tender are 16.11.2020 by 4.00 PM by Regd. Post / Speed Post / Courier only.
Sd/- PRINCIPAL

**OFFICE OF THE NOTIFIED AREA COUNCIL, TARBHA**
E-Mail- nactarabha@gmail.com
No.1371/ Date 21.10.2020
**"e" Procurement Notice**
**BID IDENTIFICATION No. TRV-NAC-01/2020-21**
Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tenderorissa.gov.in
1. Nature of the work : Civil construction works as per DTCN
2. No. of works : 16 Nos.
3. Estimated cost : As per DTCN
4. Period of completion : As per DTCN
5. Date & time of availability of bid documents in the portal : Dt.22.10.2020 from 11.00 A.M.
6. Last date & time for receipt of bid in the portal : Dt.7.11.2020 upto 5.00 P.M.
7. Last date of submission: Dt.10.11.2020 before 5.00 P.M. of hard copies (Box drop)
8. Bids received online shall be opened on : Dt.12.11.2020 at 11.00 A.M.
9. Name & address of the Officer inviting bid : Executive Officer, NAC, Tarbha

Further the details can be seen from the procurement portal www.tendersorissa.gov.in
Sd./- Executive Officer
NAC, Tarbha

**OFFICE OF THE MUNICIPAL COUNCIL, TITILAGARH**
No.2450/ Dated 22.10.2020
**TENDER CALL NOTICE**
Sealed tenders are invited from reputed manpower agencies/service providers to provide the service for the categories like A (Unskilled, B (Semiskilled) and C (Skilled) for a period of one year from the date of issue of work order through a suitable placement agency on contract basis for day to day work. The terms and conditions of contract and other necessary documents can be seen in District web portal i.e. https://balangir.nic.in/
1. Name of the work : Supply of manpower
2. Tender start date : 23.10.2020, 10.00 A.M.
3. Last date of bid submission : 06.11.2020 upto 4.00 P.M.
4. Bids received shall be opened on : 07.11.2020 at 12.30 P.M.
5. Name and address of the officer inviting bid : Executive Officer, Titilagarh Municipality

Sd./- Executive Officer
Titilagarh Municipality

**ପୌର କାର୍ଯ୍ୟାଳୟ, ଜୟପୁର**
**MUNICIPAL OFFICE, JEYPORE**
ପତ୍ର ସଂଖ୍ୟା 3865 ତାରିଖ 21.10.2020
**ପ୍ରସ୍ତାବ ପାଇଁ ଅନୁରୋଧ**
ମୋକାପୁଟସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ମେଟେରିଆଲ ରିକୋଭେରି ଫେସିଲିଟିର କାର୍ଯ୍ୟକାରୀ ଓ ପରିଚାଳନା ନିମନ୍ତେ ଏମ୍.ୟୁ.ଏଲ୍.ଏମ୍. ଯୋଜନା ଆନୁକୂଲ୍ୟରେ ଜୟପୁର ପୌର ସଂସ୍ଥା ଦ୍ୱାର ପଞ୍ଜୀକୃତ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃତୀୟ ଲିଙ୍ଗ ଗୋଷ୍ଠୀମାନଙ୍କଠାରୁ ନିମ୍ନଲିଖିତ ସର୍ତ୍ତ ଆଧାରରେ ପ୍ରସ୍ତାବ ଆହ୍ୱାନ କରାଯାଉଅଛି।
୧) ମୁଦଦିଆ ଲଫାପାରେ ପ୍ରସ୍ତାବଗୁଡିକ ୨୯।୧୦।୨୦୨୦ ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସୁଦ୍ଧା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜୟପୁର ପୌର ପରିଷଦଙ୍କ ନିକଟକୁ କୋରିୟର/ସ୍ପିଡ୍‌ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ହାତରେ ପହଞ୍ଚିବା ଦରକାର।
୨) ହସ୍ତଗତ ହୋଇଥିବା ପ୍ରସ୍ତାବଗୁଡିକୁ ସେହିଦିନ ତା୨୯।୧୦।୨୦୨୦ରିଖ ଦିନ ୫.୦୦ ଘଣ୍ଟା ସମୟରେ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ ତୃତୀୟ ଲିଙ୍ଗ ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ।
୩) ଇଚ୍ଛୁକ ଗୋଷ୍ଠୀ ତାଙ୍କ ପ୍ରସ୍ତାବ ସହ ଗୋଷ୍ଠୀ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ଯଥା ଆଧାର କାର୍ଡ ନକଲ/ ପାନ୍‌କାର୍ଡ ନକଲ ଗୋଷ୍ଠୀର କେତେ ଅର୍ଥ ବ୍ୟାଙ୍କରେ ରହିଛି ସଂଲଗ୍ନ କରିଥିବେ।
୪) ସମ୍ପୃକ୍ତ ଗୋଷ୍ଠୀ କାର୍ଯ୍ୟାଦେଶ ପାଇବା ୭ ଦିନ ଭିତରେ ଟ୧୦,୦୦୦/-ଙ୍କାର ଅମାନତ ରାଶି (ଫେରସ୍ତମୂଳକ ଅଟେ), ତାହା ପୌର ପରିଷଦ କାର୍ଯ୍ୟାଳୟରେ ଜମା କରିବେ।
୫) ନିର୍ଦ୍ଧାରିତ ସମୟସୀମା ପରେ ହସ୍ତଗତ ହୋଇଥିବା ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ।
୬) ଗୋଷ୍ଠୀ ଚୟନ ପରେ ସେମାନେ MCC/MRF ପରିଚାଳନା ପାଇଁ ମାନବ ସମ୍ବଳ ଯୋଗାଇବେ।
୭) ଚୟନ ହୋଇଥିବା ଗୋଷ୍ଠୀ MCC/MRF ପରିଚାଳନା ନିମନ୍ତେ ପ୍ରତ୍ୟେକ MCC/MRF ପିଛା ଗୋଟିଏ ସୁପରଭାଇଜର ଓ ୭ଟି ମଜୁରିଆ ଯୋଗାଇବେ। ସୁପରଭାଇଜରକୁ ମାସିକ ୫,୦୦୦/- ଟଙ୍କା ଓ ମଜୁରିଆକୁ ମାସିକ ୪,୦୦୦/-ଟଙ୍କା ପ୍ରଦାନ କରାଯିବ।
୮) ସୁପରଭାଇଜର MCC/MRF ପରିଚାଳନା ଓ ଅଫିସ କାର୍ଯ୍ୟ କରିବେ, ମେସିନ୍ ଚଲାଇବା ଏବଂ ବନ୍ଦ କରିବା କାର୍ଯ୍ୟ କରିବେ ଏବଂ ମଜୁରିଆ ଶୁଖିଲା ଅଳିଆ, ଓଦା ଅଳିଆ, ପ୍ଲାଷ୍ଟିକ ଅଲଗା ଅଲଗା କରିବେ, ଖତ ତିଆରି କରିବା ପାଇଁ ଯାବତୀୟ କାର୍ଯ୍ୟସମ୍ପାଦନ କରିବେ, MCC/ MRF ପରିସର ସଫାସୁତୁରା ରଖିବେ ଓ MCC/MRF ସମ୍ବନ୍ଧୀୟ ଯେତେବେଳେ ଯେଉଁ କାର୍ଯ୍ୟ ଦିଆଯିବ ସେହି କାର୍ଯ୍ୟ କରିବେ।
୯) ଚୟନ ହୋଇଥିବା ଗୋଷ୍ଠୀ MCC/MRFର କୌଣସି ସମ୍ପତ୍ତି ନଷ୍ଟ/ଅପବ୍ୟବହାର /ହଜିବା ପାଇଁ ସମ୍ପୂର୍ଣ୍ଣରୂପେ ଦାୟୀ ରହିବେ।
୧୦) ପରିଚାଳନା କାର୍ଯ୍ୟ ସନ୍ତୋଷଜନକ ନ ହେଲେ ଚୟନ ହୋଇଥିବା ଗୋଷ୍ଠୀକୁ ଏକମାସର ନୋଟିସ ଦେଇ କାର୍ଯ୍ୟନିବୃତ କରିବା କ୍ଷମତା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ରହିବ।
୧୧) ହସ୍ତଗତ ହୋଇଥିବା କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବାତିଲ କରିପାରିବେ।
୧୨) ଚୟନ ହୋଇଥିବା ଗୋଷ୍ଠୀ ତାଙ୍କର କେଉଁ କେଉଁ ସଦସ୍ୟଙ୍କୁ କାର୍ଯ୍ୟରେ ନିୟୋଜିତ କରିବେ ଓ ସୁପରଭାଇଜରଙ୍କ ଶିକ୍ଷାଗତ ଯୋଗ୍ୟତା ସହ ତାଲିକା ପ୍ରଦାନ କରିବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଜୟପୁର ପୌରପାଳିକା

**JAWAHAR NAVODAYA VIDYALAYA, SARANG**
DIST.: DHENKANAL (ODISHA),Ph: 06760-295622
Email: jnvdhenkanal@gmail.com
Website: navodaya.gov.in/nvs/nvs-school/Dhenkanal/en/home
**TENDER NOTICE**
Sealed tenders are invited from the Registered and reputed firms having Registration under GST/VAT & Income Tax, VAT clearance certificate for supply of following items for the period upto April 2021.
Grocery, Non-veg, Snacks Items, Vegetables & Fruites, Hair Cutting (Student, Office & Computer Stationery), Science Lab & Mathematics Lab items, Furniture, Sports Goods, Computer & Computer peripheral, Footwear, Uniform & Bedding, Electrical items, M&R items, Utensils, Medicines, Bakery items, Toilet items & Stitching of Uniform, Laundry works, Fire extinguisher, Covid-19 equipment & sanitizing material.
Sealed tenders are also invited from the Registered and Reputed manpower agencies/ service providers under the labor (REGULATION & ABOLITION) ACT-1970 to provide the services of different manpower on DAILY WAGE basis for day to day Official/Mess/M&R work of JNV, Sarang, Dhenkanal, Odisha, such as Casual workers, Mess workers, Gardeners/ Mali, Sweepers & Massions, M&R workers etc. The tender forms & other related informations can be obtained from the Vidyalaya Office on all working days from dtd.23.10.2020 to 06.11.2020 (4.40 P.M.) during office hours on payment of Rs.100.00 (Rupees One hundred only) which is non-refundable. The tenders completed in all respect along with requisite earnest money in shape of Bank Draft in favour of Principal, JNV, Sarang, payable at S.B.I. IGIT, SARANG to be submitted in this Vidyalaya by 5.00 P.M. of 06.11.2020 and it will be opened at 10 A.M. on 07.11.2020 before the P.A.C. In case of exigencies if it could not be opened on 07.11.2020 date of opening will be notified in the Vidyalaya Notice Board/Website. The detailed information for outsourcing the services of aforesaid workers & tender items have been given in the tender document which can be downloaded from the official website:- https://navodaya.gov.in/nvs/nvs-school/Dhenkanal/en/home
The Vidyalaya Purchase Advisory Committee reserves the right to reject one or all tender papers partially or wholly without assigning any reason thereof. Any dispute in this process would subject to the Court Jurisdiction of the Dhenkanal district.
PRINCIPAL

# ର‌ୟାଲ୍ସକୁ ହରାଇଲା ସନ୍‌ରାଇଜର୍ସ

ଦୁବାଇ, ୨୨।୧୦

ଜାସନ ହୋଲ୍ଡରଙ୍କ ପ୍ରଭାବୀ ବୋଲିଂ ପରେ ମନୀଷ ପାଣ୍ଡେ ଓ ବିଜୟ ଶଙ୍କରଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୮ ଉଇକେଟରେ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୫୫ ରନ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଦଳ ୧୮.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରି ନେଇଥିଲା। ଏଠାରେ ବିଜୟ ସହ ସନ୍‌ରାଇଜର୍ସ ଏହାର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଏହି ଦଳ ୧୦ ମ୍ୟାଚରୁ ୪ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ରାଜସ୍ଥାନ ୧୧ ମ୍ୟାଚରୁ ୭ମ ପରାଜୟବରଣ କରି ୭ମ ସ୍ଥାନକୁ ଖସିଛି। ଫଳରେ ଏହି ଦଳର ପ୍ଲେ-ଅଫ୍ ଯୋଗ୍ୟତା ଆଶଙ୍କା ବଢ଼ି ଯାଇଛି। ଚଳିତ ମାସ ୧୧ ତାରିଖରେ ଅନୁଷ୍ଠିତ ପ୍ରଥମ ଭେଟ୍‌ରେ ରୟାଲ୍ସ ୫ ଉଇକେଟରେ ବିଜୟୀ ହୋଇଥିଲା। ତେଣୁ ଏଠାରେ ରିଟର୍ନ ମ୍ୟାଚରେ ପରାସ୍ତ କରି ପରାଜୟର ମଧୁର ପ୍ରତିଶୋଧ ନେଇଛି ଡେଭିଡ ୱାର୍ନରଙ୍କ ଦଳ।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ହାଇଦ୍ରାବାଦ ଅଧିନାୟକ ୱାର୍ନର। ରାଜସ୍ଥାନ ପକ୍ଷରୁ ଭଲ ଆରମ୍ଭ କରିଥିଲେ ରବିନ ଉଥପ୍ପା ଓ ବେନ୍ ଷ୍ଟୋକ୍ସ। ଉଥପ୍ପା ଆକ୍ରମଣାତ୍ମକ ଖେଳିଥିଲେ ହେଁ ୧୩ ବଲ୍‌ରୁ ୧୯ (୨ ଚୌକା, ୧ ଛକା) ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇଯାଇଥିଲେ। ୨୧ ବଲ୍‌ରୁ ୩୦ ରନ ହେବାପରେ ପ୍ରଥମ ଉଇକେଟ ପତନ ଘଟିଥିଲା। ଷ୍ଟୋକ୍ସ ଓ ସଞ୍ଜୁ ସାମ୍‌ସନ୍ ସତର୍କତାର ସହିତ ଖେଳି ଇନିଂସକୁ ଆଗେଇ ନେଇଥିଲେ। ଦ୍ୱିତୀୟ ଉଇକେଟରେ ୫୬ ରନର ଭାଗୀଦାରି ପରେ ଯୋଡ଼ି ଭାଙ୍ଗିଥିଲା। ସାମ୍‌ସନ୍ ୨୬ ବଲ୍‌ରୁ ୩ ଚୌକା ଓ ୧ ଛକା ସହିତ ୩୬ ରନ କରିଥିବାବେଳେ ଜାସନ ହୋଲ୍ଡରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ପରେ ଷ୍ଟୋକ୍ସ ମଧ୍ୟ ଆଉଟ ହୋଇଥିଲେ। ସେ ୩୨ ବଲ୍‌ରୁ ୩୦ ରନ କରି ରଶିଦ୍ ଖାଁଙ୍କଦ୍ୱାରା ବୋଲ୍ଡ ହୋଇ ଯାଇଥିଲେ। ମିଡିଲ ଅର୍ଡରରେ ଫର୍ମରେଥିବା ଜୋସ୍ ବଟଲର ମାତ୍ର ୯ ରନ କରି ପ୍ୟାଭିଲିୟନ ଫେରିବାରୁ ଦଳର ବଡ଼ ସ୍କୋର ଆଶା ମଉଳିଥିଲା। ଅଧିନାୟକ ଷ୍ଟିଭେନ୍ ସ୍ମିଥ ୧୫ ବଲ୍‌ରୁ ୧୯(୨ ଚୌକା) ରନ କରି ପାରିଥିବାବେଳେ ଯୁବ ଖେଳାଳି ରିୟାନ ପରାଗ ୧୨ ବଲ୍‌ରୁ ଦ୍ରୁତ ୨୦(୨ ଚୌକା, ୧ ଛକା) ରନର ଯୋଗଦାନ ଦେଇଥିଲେ। ବିଳମ୍ବରେ ସୁଯୋଗ ପାଇଥିବା ରାହୁଲ ଟେୱାଟିଆ ମାତ୍ର ୩ଟି ବଲ୍ ଖେଳି ୨ ଓ ଜୋଫ୍ରା ଆର୍ଚର ୭ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ଜରିଆରେ ୧୬ ରନ କରି ଅପରାଜିତ ରହିଥିଲେ। ରୟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରି ପାରିଥିଲା। ସନ୍‌ରାଇଜର୍ସ ପକ୍ଷରୁ ଚଳିତ ସିଜନରେ ପ୍ରଥମଥରପାଇଁ ସୁଯୋଗ ପାଇଥିବା ଜାସନ ହୋଲ୍ଡର ୩ଟି ଏବଂ ବିଜୟ ଶଙ୍କର ଓ ରଶିଦ ଖାଁ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ସନ୍‌ରାଇଜର୍ସ ୧୬ ରନ ମଧ୍ୟରେ ଦୁଇ ଅଭିଜ୍ଞ ଓପନରଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଇନିଂସର ପ୍ରଥମ ଓଭରରେ ୱାର୍ନର(୪)ଙ୍କୁ ପ୍ୟାଭିଲିୟନ ଫେରାଇ ରାଜସ୍ଥାନ ଶିବିରରେ ଉତ୍ସାହ ଭରିଥିଲେ ଜୋଫ୍ରା ଆର୍ଚର। କେବଳ ସେତିକି ନୁହେଁ ସେ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ଜନି ବେୟାରଷ୍ଟୋ(୧୦ ରନ, ୭ ବଲ, ୧ ଚୌକା, ୧ ଛକା)ଙ୍କୁ ବୋଲ୍ଡ କରି ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମାତ୍ର ଚାପର ବଶବର୍ତ୍ତୀ ହୋଇ ନ ଥିଲେ ଭାରତୀୟ ଖେଳାଳି ମନୀଷ ପାଣ୍ଡେ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ଅଲରାଉଣ୍ଡର ବିଜୟ ଶଙ୍କର। ଉଭୟ ଖେଳାଳି ସତର୍କତା ଅବଲମ୍ବନ କରିଥିଲେ ହେଁ ସୁଯୋଗ ପାଇବାମାତ୍ରେ ଷ୍ଟ୍ରୋକମାନ ମାରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଅସମାପ୍ତ ତୃତୀୟ ଉଇକେଟରେ ଦୁହେଁ ୧୪୦ ରନର ଭାଗୀଦାରି ଗଢ଼ି ଦଳର ବିଜୟକୁ ସହଜ କରି ଦେଇଥିଲେ। ଆକ୍ରମଣର ନେତୃତ୍ୱ ନେଇଥିଲେ ମନୀଷ। ସେ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍‌ମାନ ମାରି ପ୍ରତିପକ୍ଷ ବୋଲରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ୧୧ଟି ବଲ୍ ବାକିଥାଇ ହାଇଦ୍ରାବାଦ ବିଜୟ ହାସଲ କରିଥିଲା। ୪୭ଟି ବଲ୍ ଖେଳିଥିବା ମନୀଷ ୪ ଚୌକା ଓ ୮ ଛକା ସହାୟତାରେ ୮୩ ଏବଂ ବିଜୟ ଶଙ୍କର ୫୧ ବଲ୍‌ରୁ ୫୨(୬ ଚୌକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ କେବଳ ଆର୍ଚର ୨ଟି ଉଇକେଟ ନେଇଥିଲେ।


ଜାସନ ହୋଲ୍ଡର


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମନୀଷ ପାଣ୍ଡେ।

### ଆଇପିଏଲ୍
(ଶୁକ୍ରବାର ମ୍ୟାଚ୍)
**ଚେନ୍ନାଇ ସୁପରକିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର
ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୪/୬(ସାମସନ-୩୬, ଷ୍ଟୋକ୍ସ-୩୦, ପରାଗ-୨୦, ହୋଲ୍ଡର-୩/୩୩, ବିଜୟ ଶଙ୍କର-୧/୧୫, ରଶିଦ-୧/୨୦)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୧ ଓଭରରେ ୧୫୬/୨(ମନୀଷ-୮୩*, ବିଜୟ ଶଙ୍କର-୫୨*, ଆର୍ଚର-୨/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୭ | ୩ | ୧୪ | +୦.୭୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୭ | ୩ | ୧୪ | +୦.୧୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | +୧.୨୦୧ |
| ନାଇଟ ରାଇଡର୍ସ | ୧୦ | ୫ | ୫ | ୧୦ | -୦.୮୨୮ |
| ସନ୍‌ରାଇଜର୍ସ | ୧୦ | ୪ | ୬ | ୮ | +୦.୦୯୨ |
| କିଙ୍ଗ୍ସ ଇଲେଭେନ | ୧୦ | ୪ | ୬ | ୮ | -୦.୧୭୭ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୬୨୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୬୩ |

## କ୍ୱାରାଣ୍ଟାଇନ୍ ସମୟରେ ଟ୍ରେନିଂ ପାଇଁ ନ୍ୟୁ ସାଉଥ୍ ୱେଲ୍ସ ସରକାରଙ୍କ ଅନୁମତି

**ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ**

ସିଡ୍‌ନୀ, ୨୨।୧୦

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଯିବ। ସେଠାରେ ଦଳ ପ୍ରଥମେ ସିଡ୍‌ନୀ ଓ କାନ୍‌ବେରାରେ ୩ଟି ଲେଖାଏ ଏକଦିବସୀୟ ଓ ଟି୨୦ ମ୍ୟାଚ ଖେଳିବ। ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ସମୟରେ ଟ୍ରେନିଂ ପାଇଁ ନ୍ୟୁ ସାଉଥ୍ ୱେଲ୍ସ ସରକାର ଅନୁମତି ଦେବାପରେ ଏହି ନିଷ୍ପତ୍ତି ନିଆଯାଇଛି। ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରୁ ଭାରତୀୟ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଏଠାରେ ପହଞ୍ଚିବା ପରେ ଟ୍ରେନିଂ ପାଇଁ ଅନୁମତି ଦେବାକୁ ନ୍ୟୁ ସାଉଥ୍ ୱେଲ୍ସ ସରକାର ଓ କ୍ରିକେଟ ଅଷ୍ଟ୍ରେଲିଆ ମଧ୍ୟରେ ଚୁକ୍ତି ହୋଇଛି। ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳ ୟୁଏଇରୁ ସିଧା ବ୍ରିସ୍‌ବେନ୍ ଯିବାନେଇ ପୂର୍ବରୁ ପ୍ରସ୍ତାବ ଥିଲା। ମାତ୍ର କୁଇନ୍ସଲାଣ୍ଡ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ନିୟମରେ କୋହଳ କରି ବିରାଟ କୋହଲିଙ୍କ ଦଳକୁ ଟ୍ରେନିଂ ପାଇଁ ଅନୁମତି ଦେବାକୁ ରାଜି ହେଲେ ନାହିଁ। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ପ୍ରଥମ ଦୁଇଟି ଦିନିକିଆ ନଭେମ୍ବର ୨୭ ଓ ୨୯ରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳିବ। ଅନ୍ତିମ ମ୍ୟାଚଟି କାନ୍‌ବେରା ମାନୁକା ଓଭାଲରେ ଅନୁଷ୍ଠିତ ହେବ। ସେହିପରି ସିରିଜର ପ୍ରଥମ ଟି୨୦ ମ୍ୟାଚ କାନ୍‌ବେରାରେ ହେବାପରେ ଅବଶିଷ୍ଟ ୨ଟି ମ୍ୟାଚ ସିଡ୍‌ନୀରେ ଖେଳାଯିବ।

ସୀମିତ ଓଭର ସିରିଜ ପରେ ଫ୍ଲଡ୍‌ଲାଇଟରେ ପିଙ୍କ୍‌ବଲ ଟେଷ୍ଟ ଡିସେମ୍ବର ୧୭ରୁ ୨୧ ଆଡିଲେଡ୍‌ରେ ଅନୁଷ୍ଠିତ ହେବ। ବକ୍ସିଂ ଡେ' ଟେଷ୍ଟ ଡିସେମ୍ବର ୨୬ରୁ ସେହି ଆଡିଲେଡ୍‌ରେ ଖେଳାଯିବ। କୋଭିଡ-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ଏହି ଟେଷ୍ଟ ହେବନାହିଁ ବୋଲି ନିଷ୍ପତ୍ତି ହୋଇଛି। ନୂଆ ବର୍ଷର ଟେଷ୍ଟ ସିଡ୍‌ନୀଠାରେ ଜାନୁୟାରୀ ୭ରୁ ୧୧ ପର୍ଯ୍ୟନ୍ତ ଏବଂ ୪ର୍ଥ ତଥା ଅନ୍ତିମ ଟେଷ୍ଟ ବ୍ରିସବେନ୍‌ରେ ଜାନୁୟାରୀ ୧୫ରୁ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁମୋଦନ କରିବାପରେ କ୍ରିକେଟ ଅଷ୍ଟ୍ରେଲିଆ ଆନୁଷ୍ଠାନିକ ଭାବେ ଏହାକୁ ଘୋଷଣା କରିବା ଅନୁମାନ କରାଯାଉଛି।

## ପଏଣ୍ଟ ଭାଗ ପାଇଁ ଆଇସିସିର ଯୋଜନା

**ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍**

ଦୁବାଇ, ୨୨।୧୦(ପି.ଟି.)

କୋଭିଡ-୧୯ ମହାମାରୀ ପାଇଁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ଅନେକ ଦ୍ୱିପାକ୍ଷିକ ସିରିଜ ସ୍ଥଗିତ ରହିଛି। ମାତ୍ର ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ଜୁନ୍‌ରେ ଫାଇନାଲ ଆୟୋଜନ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍(ଆଇସିସି) ଲକ୍ଷ୍ୟ ରଖିଛି। ଏପରି ସ୍ଥିତିରେ ଯେଉଁ ସିରିଜଗୁଡ଼ିକ ହୋଇ ପାରି ନାହିଁ ସେଥିପାଇଁ ପଏଣ୍ଟ ଭାଗ କରିବାକୁ ଯୋଜନା କରୁଛି। ଏହି ପ୍ରସଙ୍ଗରେ ଆସନ୍ତା ମାସରେ କ୍ରିକେଟ କମିଟି ବୈଠକରେ ଆଲୋଚନା ହେବା ସମ୍ଭାବନା ରହିଛି। ଇଏସପିଏନ୍ କ୍ରିକ୍‌ଇନ୍‌ଫୋ ୱେବସାଇଟ୍ ଅନୁସାରେ ଗୋଟିଏ ବିକଳ୍ପ ହେଉଛି ପଏଣ୍ଟ ଭାଗ ଏବଂ ଅନ୍ୟ ବିକଳ୍ପଟି କେବଳ ୨୦୨୧ ମାର୍ଚ୍ଚ ଶେଷସୁଦ୍ଧା ଖେଳାଯିବାକୁଥିବା ମ୍ୟାଚ ଗୁଡ଼ିକୁ ବିଚାରକୁ ନେଇ ପଏଣ୍ଟ କଥା ଚିନ୍ତା କରାଯାଇପାରେ। ନିୟମ ଅନୁସାରେ ପ୍ରତି ସିରିଜ ପାଇଁ ୧୨୦ ପଏଣ୍ଟ ଧାର୍ଯ୍ୟ କରାଯାଇଛି। ସିରିଜରେ ମ୍ୟାଚ ସଂଖ୍ୟା ଅନୁସାରେ ଏହି ପଏଣ୍ଟ ଭାଗ ହେଉଛି। ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବିଜୟୀ ଦଳ ୬୦ ପଏଣ୍ଟ ପାଇଛି ଏବଂ ଡ୍ର କ୍ଷେତ୍ରରେ ୩୦ ପଏଣ୍ଟ ଦିଆଯାଉଛି। ୩ ମ୍ୟାଚ ବିଶିଷ୍ଟ ସିରିଜ କ୍ଷେତ୍ରରେ ଏହା ୪୦ ଓ ୨୦ ପଏଣ୍ଟ ହେଉଛି। ସେହିପରି ୪ ମ୍ୟାଚ ସିରିଜ କ୍ଷେତ୍ରରେ ୩୦, ୧୫ ଏବଂ ସର୍ବାଧିକ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨୪ ଓ ୧୨ ପଏଣ୍ଟ ଦିଆ ଯାଉଛି। ମହାମାରୀ ପାଇଁ ଚଳିତ ବର୍ଷ ଅନେକ ଟେଷ୍ଟ ସ୍ଥଗିତ ରହିଛି। ଅନେକ କ୍ଷେତ୍ରରେ ଏହା କେବେ ଆରମ୍ଭ ହେବ ତାହା ସ୍ପଷ୍ଟ ନୁହେଁ। ୨୦୨୧ ମାର୍ଚ୍ଚ ଶେଷରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଶେଷ ହେବାକୁ ଥିବାରୁ ଆଇସିସି ଏପରି ନିଷ୍ପତ୍ତି ନେବାକୁ ଯୋଜନା କରୁଛି।




## ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଯିବ ଇଂଲଣ୍ଡ

କେପ୍‌ଟାଉନ୍,୨୨।୧୦(ଏପି)

୬ଟି ସୀମିତ ଓଭର ମ୍ୟାଚ୍ ଖେଳିବାକୁ ଇଂଲଣ୍ଡ ଆସନ୍ତାମାସରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଦକ୍ଷିଣ ଆଫ୍ରିକା ସରକାର ଭ୍ରମଣକାରୀ ଦଳଗୁଡିକ ପାଇଁ କରୋନା ଭାଇରସ୍ ଯାତ୍ରା କଟକଣା କୋହଳ କରିବା ପରେ ଇଂଲଣ୍ଡ ଗସ୍ତ କରିବା ସ୍ପଷ୍ଟ ହୋଇଛି।

କରୋନା ଭାଇରସ୍ ଦ୍ୱାରା ଅତ୍ୟଧିକ ଭାବେ ସଂକ୍ରମିତ ହୋଇଥିବା ଦେଶଗୁଡିକରୁ କୌଣସି ନାଗରିକଙ୍କୁ ଦକ୍ଷିଣ ଆଫ୍ରିକାରେ ପ୍ରବେଶ୍ କରିବାକୁ ଅନୁମତି ଦିଆଯାଇ ନାହିଁ। ଏଥିରେ ବ୍ରିଟେନ ସମେତ ୨୨ଟି ଦେଶ ସାମିଲ ରହିଛନ୍ତି। ତେବେ ଇଂଲଣ୍ଡ ଦଳ ପାଇଁ ଦକ୍ଷିଣ ଆଫ୍ରିକା ତା'ର ନିୟମରେ କୋହଳ କରିଛି। କେପ୍‌ଟାଉନ୍‌ରେ ଇଂଲଣ୍ଡର ଏହି ୩ ସପ୍ତାହ ବିଶିଷ୍ଟ ଗସ୍ତ ସୀମିତ ରହିବ। ଦୁଇ ଦଳ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍ ଖେଳିବେ। ୪ଟି ମ୍ୟାଚ୍ କେପ୍‌ଟାଉନର ନ୍ୟୁଲାଣ୍ଡ୍ସରେ ଖେଳାଯିବ। ସେହିପରି ଅନ୍ୟ ଦୁଇଟି ମ୍ୟାଚ୍ କେପ୍‌ଟାଉନର ପାଖ ସହର ପାର୍ଲରେ ଆୟୋଜନ ହେବ। ଅର୍ଥାତ ଇଂଲଣ୍ଡ ପୂରା ଗସ୍ତରେ ବାୟୋ ବବଲରେ ଥିବା ଗୋଟିଏ ହୋଟେଲରେ ହିଁ ରହିବ।

## ତୃତୀୟଥର ଏଏଫ୍‌ଆଇ ମୁଖ୍ୟ ହେବେ ସୁମାରିୱାଲା

ନୂଆଦିଲ୍ଲୀ,୨୨।୧୦(ପି.ଟି.)

ଜଣାଶୁଣା କ୍ରୀଡ଼ା ପ୍ରଶାସକ ଆଡିଲ ସୁମାରିୱାଲା ତୃତୀୟଥର ପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅଧ୍ୟକ୍ଷ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ସେହିପରି ପୂର୍ବତନ ମହିଳା ଲଙ୍ଗ୍‌ଜମ୍ପର ଅଞ୍ଜୁ ବବି ଜର୍ଜ ସିନିୟର ଭାଇସ୍ ପ୍ରେସିଡେଣ୍ଟ ଭାବେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଆସନ୍ତା ୩୧ ତାରିଖରେ ଏଏଫ୍‌ଆଇର ଜାତୀୟ ଗଭର୍ନିଂ ବଡି ନିର୍ବାଚନ ଆୟୋଜନ ହେବ।

ବୁଧବାର ଅପରାହ୍ନ ୪ଟା ସୁଦ୍ଧା ନାମାଙ୍କନ ଦାଖଲର ଶେଷ ତାରିଖ ଥିଲା। ସୁମାରିୱାଲା ଓ ଅଞ୍ଜୁ ଏହି ଦୁଇ ହାଇପ୍ରୋଫାଇଲ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟ କେହି ନାମାଙ୍କନ ଦାଖଲ କରି ନ ଥିବାରୁ ଏହି ଦୁଇଜଣ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ସେହିପରି ସନ୍ଦୀପ ମେହେଟା ଓ ରବିନ୍ଦର ଚୌଧୁରୀ ସମ୍ପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ମେହେଟା ମଧ୍ୟ ସିନିୟର ଯୁଗ୍ମ ସମ୍ପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ତେବେ ସେ ସମ୍ପାଦକ ପଦ ପାଇଁ ନାମାଙ୍କନ ପ୍ରତ୍ୟାହର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଶୁକ୍ରବାର ୬ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାରର ଡେଡ୍‌ଲାଇନ ବୋଲି ଘୋଷଣା କରାଯାଇଛି। କୋଷାଧ୍ୟକ୍ଷ ପଦ ପାଇଁ ମଧୁକାନ୍ତ ପାଠକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବେ। ତେବେ ୫ ଯୁଗ୍ମ ସମ୍ପାଦକ ପଦ ପାଇଁ ୬ଜଣ ନାମାଙ୍କନ ଦାଖଲ କରିଛନ୍ତି। ୮ଟି କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।


ଆଡିଲ ସୁମାରିୱାଲା

## ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ଲକ୍ଷ୍ୟରେ ଚେନ୍ନାଇ

**ଆଜି ମୁମ୍ବାଇ ବିପକ୍ଷ ମ୍ୟାଚ୍**

ଶାରଜା,୨୨।୧୦ (ପି.ଟି.)

ପ୍ଲେ- ଅଫ୍ ପାଇଁ ସଂଘର୍ଷ କରୁଥିବା ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଶକ୍ତିଶାଳୀ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୧ତମ ମ୍ୟାଚ୍‌ରେ ଶୁକ୍ରବାର ଚେନ୍ନାଇ ଓ ମୁମ୍ବାଇ ପରସ୍ପରକୁ ଭେଟିବେ। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚ୍ ଚେନ୍ନାଇ ପାଇଁ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ବହନ କରୁଛି। ଚେନ୍ନାଇ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୩ ବିଜୟ, ୭ ପରାଜୟ ସହ ୬ ପଏଣ୍ଟ ପାଇ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ବାକି ୪ଟି ମ୍ୟାଚ୍‌ରେ ବିଜୟୀ ହେଲେ ଚେନ୍ନାଇ ତଥାପି ୧୪ ପଏଣ୍ଟ ହାସଲ କରିବ ଓ ପ୍ଲେ- ଅଫ୍ ଖେଳିବାର ବାହାରୁ ଏକ ସୁଯୋଗ ମିଳିବ। ରାଜସ୍ଥାନ ରୟାଲ୍ସଠାରୁ ହାରିବା ପରେ ଚେନ୍ନାଇର ପ୍ଲେ- ଅଫ୍ ଆଶା ଏବେ ସୂତା ଖିଅରେ ଝୁଲୁଛି। ଚେନ୍ନାଇ ୨୦୧୮ରେ ଟାଇଟଲ ହାସଲ କରିଥିଲା। ସେହିପରି ୨୦୧୯ରେ ଫାଇନାଲରେ ପ୍ରବେଶ କରିଥିଲା। ଏଥର କିନ୍ତୁ କଥା ଅଲଗା ହୋଇଛି।

ଏଥର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁମ୍ବାଇକୁ ହରାଇ ଚେନ୍ନାଇ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା। ଇତିମଧ୍ୟରେ କଥା ସମ୍ପୂର୍ଣ୍ଣ ଭାବେ ଓଲଟି ଯାଇଛି। ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିବା ପରେ ଚେନ୍ନାଇର ସମସ୍ୟା ଦ୍ୱିଗୁଣିତ ହୋଇଛି। ଦଳରେ ଏଥର ଅନ୍ୟ ଖେଳାଳିଙ୍କୁ ସୁଯୋଗ ଦିଆଯିବ ବୋଲି ଅଧିନାୟକ ଧୋନୀ ସୂଚନା ଦେଇଛନ୍ତି। ଧୋନୀ ନିଜର ଶ୍ରେଷ୍ଠ ଫର୍ମରେ ନାହାନ୍ତି। ଯଦିଓ ଫାଫ୍ ଡୁପ୍ଲେସି ଭଲ ପ୍ରଦର୍ଶନ କରିଛନ୍ତି। ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା କେଦାର ଯାଦବଙ୍କ ବଦଳରେ ଏନ୍. ଜଗଦୀଶାନ କିମ୍ବା ଋତୁରାଜ ଗାଏକ୍ୱାଡଙ୍କୁ ଖେଳାଯାଇପାରେ।

ଅନ୍ୟପଟେ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ପରାସ୍ତ ହେବା ପୂର୍ବରୁ ମୁମ୍ବାଇ କ୍ରମାଗତ ୫ଟି ବିଜୟ ହାସଲ କରିଥିଲା। ଡବଲ ସୁପର ଓଭରରେ ପଞ୍ଜାବ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୪ଥର ଆଇପିଏଲ୍ ଟାଇଟଲ ହାସଲ କରିଥିବା ମୁମ୍ବାଇ ଜବରଦସ୍ତ ଫର୍ମରେ ରହିଛି। ବୋଲିଂରେ ମୁମ୍ବାଇର ବିବିଧତା ଆତ୍ମବିଶ୍ୱାସ ହରାଇଥିବା ଚେନ୍ନାଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବ। ଶାରଜା ଗ୍ରାଉଣ୍ଡରେ ବୋଲରମାନେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାନ୍ତି। ତେବେ ଇତିମଧ୍ୟରେ ଉଇକେଟ ମନ୍ଥର ହୋଇଛି। ତେଣୁ ବ୍ୟାଟ୍ସମ୍ୟାନମାନେ ଛକା ଚୌକା ବର୍ଷା କରିବାରେ ସମସ୍ୟାରେ ପଡିବେ। ମୁମ୍ବାଇର କ୍ୱିଣ୍ଟନ ଡିକକ୍ ଜବରଦସ୍ତ ଫର୍ମରେ ରହିଛନ୍ତି। ସେହିପରି ଅଧିନାୟକ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶନ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ପାୱାର ହିଟର କିରନ ପୋଲାର୍ଡ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ଭଲ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମୁମ୍ବାଇର ବୋଲିଂ ମଧ୍ୟ ଭଲ ରହିଛି। ନାଥନ କୁଲ୍ଟର- ନାଇଲ ମହଙ୍ଗା ସାବ୍ୟସ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ଜେମ୍ସ ପାଟିସନଙ୍କୁ ଖେଳାଇବାର ଆବଶ୍ୟକତା ରହିଛି। ଚେନ୍ନାଇ ପାଇଁ ମୁମ୍ବାଇ ଏହି ମ୍ୟାଚ୍‌ରେ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବ। ବିଜୟୀ ହେଲେ ମୁମ୍ବାଇ ପ୍ଲେ- ଅଫ୍‌ର ନିକଟତର ହେବ। ଅନ୍ୟପଟେ ଚେନ୍ନାଇ ପ୍ଲେ- ଅଫ୍ ଦୌଡ଼ରୁ ବାଦ୍ ପଡି ନ ଥିଲେ ମଧ୍ୟ ବିଜୟ ଦଳ ପାଇଁ ଆଶା ସୃଷ୍ଟି କରିବ। ଆଇପିଏଲ୍ ଇତିହାସରେ ଚେନ୍ନାଇ ପୂର୍ବରୁ ଏପରି ଖରାପ୍ ପ୍ରଦର୍ଶନ କରି ନ ଥିଲା। ତେଣୁ ପରାସ୍ତ ହେଲେ ଚେନ୍ନାଇ ପାଇଁ ଏହି ମ୍ୟାଚ୍ ଦୁଃସ୍ୱପ୍ନ ସାବ୍ୟସ୍ତ ହେବ।


ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡାକ୍ତର ଅଲେଖ ସାହୁ
ଏଲ୍-୧/୧୧, ଡୁମ୍‌ଡୁମା ହାଉସିଂ କଲୋନୀ
ଫେଜ୍-୩, ଭୁବନେଶ୍ୱର-୧୯
ଆବିର୍ଭାବ: ୦୧।୧୦।୧୯୪୯
ତିରୋଧାନ: ୧୪।୧୦।୨୦୨୦
ତୁମର ସ୍ନେହ, ନିଃସ୍ୱାର୍ଥପର ଦିଗ୍‌ଦର୍ଶନ ଏବଂ ଉପଦେଶ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ପୁଣ୍ୟ ଓ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: କୁମୁଦିନୀ, ପୁତ୍ର: ଅବିନାଶ, ପୁତ୍ରୀ: ଅନସୂୟା, ଅର୍ଚ୍ଚନା, ଅଙ୍କିତା, ଜ୍ୱାଇଁ: ଧୋବା, ଦେବୀ, ବିନୟ, ନାତି: ଓମ୍, ଗୁଡୁନ୍, ସ୍ୱୟଂ, ସୁଡୁନ୍, ପ୍ରିନ୍ସ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୭୦୨

୧୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ଇଂ. ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ .... ଆଜିର ଏ ପୁଣ୍ୟତିଥିରେ ତୁ ଆମ୍ଭମାନଙ୍କୁ ୧୩ବର୍ଷ ହେଲା ଏପରି ଅସହାୟ ଅବସ୍ଥାରେ ଛାଡି ନିଶ୍ଚିନ୍ତରେ ଯାଇରହିଲୁ। ତୋର ସେ ହସହସ ମୁହଁ ସଦାସର୍ବଦା ଆଖିଆଗରେ ନାଚିଉଠୁଛି ଓ ସ୍ନେହବୋଳା ଡାକ କାନରେ ବାଜିଯାଉଛି। ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଓ ଅଭୁଲା ସ୍ମୃତି ଗୁଡିକ ଆମମାନଙ୍କ ହୃଦୟକୁ ବିଦାରିତ କରୁଅଛି। ପ୍ରଭୁ ଶ୍ରୀଜଗନ୍ନାଥ ତତେ ଯେଉଁଠି ରଖିଥାନ୍ତୁ ଭଲରେ ରଖିଥାନ୍ତୁ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ପ୍ରାର୍ଥନା।
ଆଦରର :- ବୋଉ ଓ ନନା, ନାନୀ ଓ ଭାଇନାମାନେ, ଜେଜେ ଓ ଖୁଡିମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇନା ଓ ଭାଉଜମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ-ମୁନ୍‌ମୁନ୍, ଭୂମି, ଭଣଜା-ଆଦି, ସାଙ୍ଗସାଥି ଓ ଅନାନ୍ୟ ପରିବାରବର୍ଗ।
ଧ-୬୭୭୬୧

ଦଶମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୪୩
ତିରୋଧାନ: ୧୫।୧୦।୨୦୧୦
(ଆଶ୍ୱିନ ଅଷ୍ଟମୀ ତିଥି)
ଚାହୁଁ ଚାହୁଁ ୧୦ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର, ଶ୍ରଦ୍ଧା ଆମମାନଙ୍କର ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କର ଅମରାତ୍ମା ସଦା ଶାନ୍ତି ଲାଭକରୁ ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା। ଆପଣଙ୍କର ସମସ୍ତ ପରିବାରବର୍ଗ ଓ ଜ୍ଞାତିକୁଟୁମ୍ବ। ମେସର୍ସ ନଟବର ଦେବତା, ଓମ୍ ଟେକ୍ସଟାଇଲ୍ସ ଓ ବଳରାମ ଫେବ୍ରିକ୍ସ ।
ଧ-୬୬୮୮୭



ନିର୍ମଳ କୁମାର ମିଶ୍ର

# କିଙ୍ଗ୍ ଅଫ୍ କ୍ଲେ

**କ୍ଲେ କୋର୍ଟର ରାଜା କୁହାଯାଉଥିବା ସ୍ପେନ୍ ଅଭିଜ୍ଞ ଖେଳାଳି ରାଫାଲ ନାଡାଲ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ୧୩ତମ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଛନ୍ତି। ଏଥିସହ ସେ ରୋଜର ଫେଡେରରଙ୍କ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଧୁନିକ ଟେନିସର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିବା ନାଡାଲ ଆଉ କିଛି ବର୍ଷ ଫିଟ୍ ରହିଲେ ସବୁ ରେକର୍ଡକୁ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି...**

କରୋନା ସମଗ୍ର କ୍ରୀଡ଼ାଜଗତକୁ ବ୍ୟତିବ୍ୟସ୍ତ କରିପକାଇଛି। ବିଭିନ୍ନ ବର୍ଗର ଅନେକଗୁଡିଏ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟକୁ ଆୟୋଜକମାନେ ସମ୍ପୂର୍ଣ୍ଣ ରୂପେ ବାତିଲ କରିଛନ୍ତି କିମ୍ବା ଔପଚାରିକତା ଦୃଷ୍ଟିକୋଣରୁ ଆୟୋଜିତ କରିଛନ୍ତି। ଏପରି ହେବା ଦ୍ୱାରା କୋଟି କୋଟି ଦର୍ଶକ ଏପରି ମେଗା ପ୍ରତିଯୋଗିତାଗୁଡିକର ଖୋଲା ଷ୍ଟାଡିୟମଗୁଡିକର ଆନନ୍ଦ ନେବାରୁ ବଞ୍ଚିତ ହୋଇଛନ୍ତି। ଏପରି ହେବା ଦ୍ୱାରା କୋଟି କୋଟିକ୍ରୀଡାପ୍ରେମୀ ଏବଂ ଆୟୋଜକମାନେ ବେଶ୍ ମର୍ମାହତ। ହଜାର ହଜାର କୋଟି ଟଙ୍କାର କ୍ଷତି ସହିବାକୁ ବାଧ ହୋଇଛନ୍ତି ବିଭିନ୍ନ କ୍ରୀଡାର ଆୟୋଜକମାନେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅନେକ ଗୁଡିଏ ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ସର୍ବୋଚ୍ଚ କ୍ରୀଡା ସଂସ୍ଥାମାନଙ୍କ ଏସ୍.ଓ.ପି . ଗାଇଡ ଲାଇନ୍‌କୁ ମାନି ପରୀକ୍ଷାମୂଳକ ଭାବେ ମେଗା ଇଭେଣ୍ଟଗୁଡିକୁ ଆରମ୍ଭ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବିଗୁଲ ବାଜିବା ସହିତ ଅନେକଗୁଡିଏ ଦ୍ୱିପାକ୍ଷିକ ସିରିଜ ଖେଳାଯାଇଛି। ୪ଟି ମଧ୍ୟରୁ ତିନୋଟି ଟେନିସ୍ ଗ୍ରାଣ୍ଡସ୍ଲାମ ଆୟୋଜିତ ହୋଇଛି। ବିଶ୍ୱସ୍ତରୀୟ କେତୋଟି ଫର୍ମୁଲା ରେସିଂ ପ୍ରତିଯୋଗିତା ସହ କେତେଗୁଡିଏ ମେଗା ଫୁଟବଲ ପ୍ରତିଯୋଗିତା ମଧ ଇତିମଧ୍ୟରେ ସମାପ୍ତ ହୋଇଛି। ଅନେକଗୁଡିଏ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ ପ୍ରତିଯୋଗିତା ଗୁଡିକର ଭବିଷ୍ୟତ ଅନ୍ଧକାର ମଧ୍ୟମରେ ରହିଥିବା ବେଳେ ମେଗା ଅଲିମ୍ପିକ୍ସ ପ୍ରତିଯୋଗିତାକୁ ଏକ ବର୍ଷ ପାଇଁ ଘୁଞ୍ଚାଇ ଦିଆଯାଇଛି।

ବିଶ୍ୱର ୪ଟି ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ମଧ୍ୟରୁ ୩ଟି ପ୍ରତିଯୋଗିତା ଆରମ୍ଭ ହୋଇ ସମାପ୍ତ ହୋଇଥିବା ବେଳେ ହାଇପ୍ରୋଫାଇଲ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟକୁ ମଧ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ ଖେଳାଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ୟୁଏସ୍ ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତା ଏବଂ ସଦ୍ୟ ସମାପ୍ତ ହୋଇଛି ବିଶ୍ୱର ଶ୍ରେଷ୍ଠ କ୍ଲେ କୋର୍ଟ ଟେନିସ୍ ପ୍ରତିଯୋଗିତା ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍। ଟୁର୍ନାମେଣ୍ଟର ଫାଇନାଲ ଉପରେ ନଜର ଥିଲା ଦର୍ଶକମାନଙ୍କର। ବିଶ୍ୱର ଦୁଇ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଖେଳାଯାଇଥିଲା ଫ୍ରେଞ୍ଚ ଓପନ୍‌ର ଫାଇନାଲ ମ୍ୟାଚ। ଟାଇଟଲ ପାଇଁ ପରସ୍ପରକୁ ଭେଟିଥିଲେ ନୋଭାକ ଜୋକୋଭିଚ୍ ଏବଂ ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ। ଦୁଇ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରେ ଫାଇନାଲ ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଇଥିଲା। ମାତ୍ର ସିଧାସଳଖ ସେଟ୍‌ରେ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ନାଡାଲ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଅବଶ୍ୟ କ୍ଲେ କୋର୍ଟର ରାଜା ବିବେଚିତ ହେଉଥିବା ନାଡାଲ ଟାଇଟଲ ଫେଭରାଇଟ୍ ବିବେଚିତ ହେଉଥିଲେ। ରୋଲାଣ୍ଡ ଗ୍ୟାରସରେ ନାଡାଲଙ୍କୁ ହରାଇବାର କ୍ଷମତା କେବଳ ଜୋକୋଭିଚଙ୍କ ନିକଟରେ ରହିଥିଲା। ମାତ୍ର କ୍ଲେ-କୋର୍ଟ ସ୍ପେଶିଆଲିଷ୍ଟଙ୍କ ଆଗରେ ସାମାନ୍ୟତମ ଚ୍ୟାଲେଞ୍ଜ୍ ଦେବାକୁ ସକ୍ଷମ ହୋଇପାରି ନ ଥିଲେ ଜୋକୋଭିଚ୍, ଯାହା କି ମ୍ୟାଚକୁ ସମ୍ପୂର୍ଣ୍ଣ ଏକତରଫା କରିବାକୁ ସହାୟକ ହୋଇଥିଲା। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ସାମାନ୍ୟ ସୁଯୋଗ ରାଫେଲ ନାଡାଲ ଜୋକୋଭିଚ୍‌କୁ ଦେଇ ନ ଥିଲେ। ମାତ୍ର ୨ ଘଣ୍ଟା ୪୧ମିନିଟ୍‌ରେ ମ୍ୟାଚକୁ ନିଜ କବଜାକୁ ନେଇଥିଲେ ନାଡାଲ। ଏହି ଫାଇନାଲକୁ ମିଶାଇ ଦୁଇ ସୁପରଷ୍ଟାର ପରସ୍ପରକୁ ୫୬ଥର ଭେଟିଥିବା ବେଳେ ଜୋକୋଭିଚ୍ ୨୯ଥର ଓ ନାଡାଲ ୨୭ଥର ମ୍ୟାଚ ଜିତିଥିଲେ।

ଗ୍ରାଣ୍ଡସ୍ଲାମ ମ୍ୟାଚରେ କିନ୍ତୁ ନାଡାଲଙ୍କ ବିଜୟ ସଂଖ୍ୟା ଅଧିକ। ଜୋକୋଭିଚ୍ ୨୦୧୫ ମସିହା ଫ୍ରେଞ୍ଚ ଓପନ୍‌ରେ ନାଡାଲଙ୍କୁ ପରାସ୍ତ କରିଥିଲେ। ୨୦୧୫ ମୁକାବିଲା ବ୍ୟତୀତ ଉଭୟ ଖେଳାଳି ପରସ୍ପରକୁ ୬ଥର ଭେଟିଥିବାବେଳେ ସମସ୍ତ ମ୍ୟାଚରେ ରାଫେଲ ନାଡାଲ ବିଜୟୀ ହୋଇଛନ୍ତି।

ନାଡାଲ ପ୍ରଥମ ଖେଳାଳି ରୂପେ ରୋଲାଣ୍ଡ ଗ୍ୟାରସଠାରେ ୧୦୦ତମ ମ୍ୟାଚରେ ବିଜୟୀ ହୋଇ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ୧୦୨ଟି ମ୍ୟାଚ ଏଠାରେ ଖେଳି ସେ ୧୦୦ଟି ମ୍ୟାଚରେ ବିଜୟୀ ହେବାର ରେକର୍ଡ ସ୍ଥାପନ କରିଛନ୍ତି। ଏଥିସହ ସେ କ୍ୟାରିୟରର ୮୬ତମ ସିଙ୍ଗଲ୍ସ ଟାଇଟଲ ଜିତି ଓପନ୍ ଏରା ଟେନିସ୍‌ର ୪ର୍ଥ ଖେଳାଳି ରୂପେ ମାନ୍ୟତା ପାଇଛନ୍ତି। ଜିମି କନର୍ସ, ରୋଜର ଫେଡେରର ଏବଂ ଇଭାନ୍ ଲେଣ୍ଡଲ ଏହି କ୍ରମରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୩୪ବର୍ଷୀୟ ନାଡାଲ ୨୦୦୫ରେ ଟାଇଟଲ୍ ଡେବ୍ୟୁ କରିବାଠାରୁ ରୋଲାଣ୍ଡ ଗ୍ୟାରସ୍‌ରେ ମାତ୍ର ୨ଟି ମ୍ୟାଚରେ ପରାସ୍ତ ହୋଇଛନ୍ତି। ୨୦୦୫ରେ ସେ ପ୍ରଥମ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଜିତିଥିଲେ।

ନାଡାଲ କ୍ୟାରିୟରରେ ୨୦୦୯ରେ ଅଷ୍ଟ୍ରେଲିଆ ଓପନ୍ ଜିତିଥିବା ବେଳେ ୱିମ୍ବେଲଡନ୍ ଗ୍ରାସକୋର୍ଟରେ ୨୦୦୮ ଏବଂ ୨୦୧୦ରେ ବିଜୟୀ ହୋଇଥିଲେ। ୟୁଏସ୍ ଓପନ୍‌ରେ ସେ ୨୦୧୦, ୨୦୧୩, ୨୦୧୭ ଏବଂ ୨୦୧୯ରେ ବିଜୟୀ ହୋଇଥିଲେ। କ୍ଲେ କୋର୍ଟର ମାଷ୍ଟର ରୂପେ ପରିଚିତ ନାଡାଲ ୨୦୦୫, ୨୦୦୬, ୨୦୦୭, ୨୦୦୮ ରୋଲାଣ୍ଡ ଗ୍ୟାରସ୍ଠାରେ ଜିତିବା ପରେ କ୍ରମାଗତ ରୂପେ ୨୦୧୦-୧୧-୧୨-୧୩-୧୪ ପାଞ୍ଚଥର ପାଇଁ ଜିତିବା ପରେ ପୁନର୍ବାର ୨୦୧୭, ୨୦୧୮, ୨୦୧୯, ୨୦୨୦ ଜିତି ଫ୍ରେଞ୍ଚ୍ ଓପନରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ଏଥି ସହିତ ଫ୍ରେଞ୍ଚ ଓପନରେ ସେ ତାଙ୍କର ୧୩ତମ ଟାଇଟଲ୍ ଜିତି ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ୨୦ତମ ଗ୍ରାଣ୍ଡସ୍ଲାମ୍ ରେକର୍ଡର ସମକକ୍ଷ ରହିଛନ୍ତି। ପେସାଦାର ଟେନିସ୍‌ରେ ନାଡାଲ ବିଶ୍ୱର ଅନ୍ୟତମ ସଫଳ ଖେଳାଳି ବିବେଚିତ ହେଉଛନ୍ତି। ୪ଥର ଆଇଟିଏଫ୍ ୱାର୍ଲ୍ଡ ଚାମ୍ପିୟନ ବିବେଚିତ ହୋଇଥିବା ନାଡାଲ ୫ଥର ଏଟିପି ପ୍ଲେୟାର ଅଫ୍ ଦି ଇୟର ମଧ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ସଫଳତା ହାର ଅନ୍ୟ ଖେଳାଳିଙ୍କଠାରୁ ଭଲ ରହିଛି। ସେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସିଙ୍ଗଲ୍ସ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ଡବଲ୍ସରେ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଥିଲେ।

ଫ୍ରେଞ୍ଚ୍ ଓପନ୍ ଗତମାସ ୨୭ତାରିଖରୁ ଆରମ୍ଭ ହୋଇ ଚଳିତ ମାସ ୧୧ତାରିଖରେ ଉଦ୍‌ଯାପିତ ହୋଇଛି। ଏହି ୧୨୪ତମ ସଂସ୍କରଣରେ ୧୨୮ଜଣ ସିଙ୍ଗଲସ୍ ଖେଳାଳି ଭାଗ ନେଇଥିବା ବେଳେ ୬୪ଜଣ ଡବଲ ପ୍ଲେୟାର୍ସ ଭାଗନେଇଥିଲେ। ଏହାର ମହିଳା ସିଙ୍ଗଲସ୍‌ରେ ପୋଲାଣ୍ଡର ଟିନ୍ ଏଜର ଇଗା ସ୍ୱିଟେକ୍ ଆମେରିକାର ୪ର୍ଥ ସିଡେଡ୍ ଖେଳାଳି ସୋଫିଆ କେନିନ୍‌ଙ୍କୁ ପରାସ୍ତ କରି ପ୍ରଥମ ପୋଲାଣ୍ଡ ଖେଳାଳି ରୂପେ ଗ୍ରାଣ୍ଡସ୍ଲାମ ଟାଇଟିଲ ଜିତି ରେକର୍ଡ କରିଛନ୍ତି। ପ୍ରାଇଜ୍‌ମନି ରୂପେ ଟୁର୍ଣ୍ଣାମେଣ୍ଟରେ ୩୮କୋଟି ୟୁରୋ ପ୍ରଦାନ କରାଯାଇଛି।



ରାଫାଲ ନାଡାଲ

## ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ

| | |
|---|---|
| ରୋଜର ଫେଡେରର- | ୨୦ |
| ରାଫାଲ ନାଡାଲ- | ୨୦ |
| ନୋଭାକ ଜୋକୋଭିଚ୍- | ୧୭ |
| ପିଟ୍ ସାମ୍ପ୍ରାସ- | ୧୪ |
| ରଏ ଇମର୍ସନ- | ୧୨ |
| ବିଜର୍ନ ବର୍ଗ- | ୧୧ |
| ରୋଡନି ଲାଭର- | ୧୧ |
| ୱିଲିୟମ ଟିଲଡେନ- | ୧୦ |

## ସଂକ୍ଷେପରେ...

**ପୂରା ନାମ:** ରାଫାଲ ନାଡାଲ ପାରେରା
**ଦେଶ:** ସ୍ପେନ୍
**ଜନ୍ମ:** ୩ ଜୁନ୍ ୧୯୮୬, ମାନାକୋର, ମାଲେକ୍ରା, ସ୍ପେନ୍
**ଉଚ୍ଚତା:** ୬ ଫୁଟ୍ ୧ ଇଞ୍ଚ୍
**ପେସାଦାର ପଦାର୍ପଣ:** ୨୦୦୧
**କୋଚ୍:** ଟୋନି ନାଡାଲ, ଫ୍ରାନ୍‌ସିସ୍କୋ ରୋଇଗ୍, କାର୍ଲୋସ ମୋୟା।
**ସିଙ୍ଗଲ୍ସ କ୍ୟାରିୟର ଟାଇଟଲ:** ୮୬(ଓପନ୍ ଏରାରେ ଚତୁର୍ଥ)
**ଉଚ୍ଚତମ ର୍ୟାଙ୍କିଙ୍ଗ୍:** ୧ ନମ୍ବର
**ଏବେକାର ର୍ୟାଙ୍କିଙ୍ଗ୍:** ୨ ନମ୍ବର
**ଡବଲ୍ସ କ୍ୟାରିୟର ଟାଇଟଲ:** ୧୧
**ଡେଭିସ୍ କପ୍ ଟାଇଟଲ:** ୨୦୦୪, ୨୦୦୮, ୨୦୦୯, ୨୦୧୧, ୨୦୧୯।
**ଆଇଟିଏଫ୍ ୱାର୍ଲ୍ଡ ଚାମ୍ପିୟନ:** ୨୦୦୮, ୨୦୧୦, ୨୦୧୭, ୨୦୧୯।
**ଏଟିପି ପ୍ଲେୟର ଅଫ୍ ଦି ଇୟର:** ୨୦୦୮, ୨୦୧୦, ୨୦୧୩, ୨୦୧୭, ୨୦୧୯।

## ଗ୍ରାଣ୍ଡସ୍ଲାମ ଟାଇଟଲ ସଫଳତା

**ଅଷ୍ଟ୍ରେଲିଆନ ଓପନ୍:** ୨୦୦୯।
**ଫ୍ରେଞ୍ଚ୍ ଓପନ୍:** ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯ ଓ ୨୦୨୦।
**ୱିମ୍ବେଲଡନ:** ୨୦୦୮, ୨୦୧୦।
**ୟୁଏସ୍ ଓପନ୍:** ୨୦୧୦, ୨୦୧୩, ୨୦୧୭, ୨୦୧୯।



## ପଜିଟିଭ୍

ସିମ୍ପଟମ୍ ନ ଥାଇ ପଜିଟିଭ ବୋଲି
କୋଭିଡ୍ ଟେଷ୍ଟରୁ ଦେଖି
ପର୍ତ୍ତୁଗୀଜ ଷ୍ଟାର ଫୁଟବଲ ଖେଳାଳି
ମନଯାଇ ଅଛି ଶୁଖି
କୋଭିଡ୍ ନିୟମ ରଖି
ସ୍ୱିଡେନ ବିପକ୍ଷ ମ୍ୟାଚ୍‌ରୁ ବାଦ୍
କ୍ରିଷ୍ଟିଆନୋ ହେଲା ସଖୀ।୧।

ପଜିଟିଭ୍ ଥିଙ୍କିଙ୍ଗ୍ ନେଇ ଟପ୍‌ରେ
ଦିଲ୍ଲୀ କ୍ୟାପିଟାଲ୍ସ ଦଳ
କ୍ୟାପ୍‌ଟେନ ଶ୍ରେୟାସ
ଆୟାର କହଇ
ଟିମ୍ ମେଟ୍ ମୋର ବଳ
ମିଠା ହେବ ଆମ ଫଳ
ରେକର୍ଡ ରହିବ କରୋନା ବର୍ଷରେ
ଏ ଆଇପିଏଲ୍ ଖେଳ।୨।

ଭାରତ, ଇଟାଲୀ, ପାକିସ୍ତାନ, ଚିନ୍
ସ୍ପେନ୍ ପରି ବହୁ ଦେଶ
ଖେଳାଳି ଓ ଖେଳ ଜର୍ନାଲିଷ୍ଟଙ୍କର
କୋଭିଡ୍‌ରେ ପ୍ରାଣ ଶେଷ
ଚୀର ଗ୍ରୀନ୍ ତୁମ ଯଶ
ମାଇଲ୍ଡ, ମଡରେଟ୍
କିଓରେବୁଲ ବେଳେ
ସିଭିୟର ଲୋକ ନାଶ।୩।

-ସୁବାସ ଚନ୍ଦ୍ର ପ୍ରଧାନ

# ନିରାଡ଼ମ୍ବର ଭାବେ ଜନ୍ମଦିନ ପାଳିବେ ପେଲେ

ବ୍ରାଜିଲର ମହାନ ଫୁଟ୍‌ବଲର ପେଲେ ଶୁକ୍ରବାର ୮୦ ବର୍ଷରେ ପଦାର୍ପଣ କରିବେ। ୩ଥର ବିଶ୍ୱବିଜେତା କିନ୍ତୁ ତାଙ୍କ ଜନ୍ମଦିନକୁ ଜାକଜମକରେ ନ ପାଳି ପରିବାରର କେତେଜଣ ହାତଗଣତି ସଦସ୍ୟଙ୍କ ସହ ସାଓପୋଲୋ ବାହାରେ ଅତିବାହିତ କରିବେ। ଏହାସତ୍ତ୍ୱେ ଖେଳାଳି, ସମର୍ଥକ, ସେଲିବ୍ରିଟି ଓ ରାଜନେତାଙ୍କଠାରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାର ଶୁଅ ଛୁଟିବ। ତାଙ୍କ ଦୀର୍ଘକାଳୀନ ମୁଖପାତ୍ର ପେପିଟୋ ଫର୍ନସ୍ କହିଛନ୍ତି ପେଲେଙ୍କର ସାଓପୋଲୋ ନିକଟବର୍ତ୍ତୀ ଗୁଆରୁଜା ସହରସ୍ଥିତ ସମୁଦ୍ରକୂଳରେ ଏକ ଅଟ୍ଟାଳିକା ରହିଛି। ସେହିଠାରେ ହିଁ ସେ ତାଙ୍କ ଜନ୍ମଦିନ ପାଳିବେ। ସେଠାରେ ସେ କୋଭିଡ୍-୧୯ ଆରମ୍ଭ ପୂର୍ବରୁ ଅବସ୍ଥାନ କରି ଆସୁଛନ୍ତି। ତାଙ୍କର ସାଓପାଓଲୋ ଏବଂ ସାଣ୍ଟୋସଠାରେ ମଧ ବାସଭବନ ରହିଛି। ପେଲେ କେବଳ ତାଙ୍କ ପରିବାର ସହ ରହିବେ। କୌଣସି ପାର୍ଟି ହେବ ନାହିଁ। ଫର୍ନସ୍ କହିଛନ୍ତି, ପେଲେଙ୍କ ଭାଇ ଜାଇର୍ ମାର୍ଚ୍ଚରେ କର୍କଟ ରୋଗରେ ପ୍ରାଣ ହରାଇଛନ୍ତି। ଏହି ଦୁଃଖଦ ଘଟଣାକୁ ଫୁଟ୍‌ବଲ କିମ୍ବଦନ୍ତୀ ଆଦୌ ପାସୋରି ପାରୁନାହାନ୍ତି। ଏଥିପାଇଁ ସାଧାରଣରେ କୌଣସି ବକ୍ତବ୍ୟ ଦେବାକୁ ସେ ଚାହୁଁ ନାହାନ୍ତି। ପେଲେ ହେଉଛନ୍ତି ବ୍ରାଜିଲର ସର୍ବକାଳୀନ ଅଗ୍ରଣୀ ସ୍କୋରର। ସେ ୭୭ଟି ଗୋଲ ସ୍କୋର କରିଥିବାବେଳେ ତାଙ୍କ ପଛରେ ନେମାର ଏପର୍ଯ୍ୟନ୍ତ ୬୪ ଗୋଲ କରି ସାରିଲେଣି। ଯଦି ବିଶ୍ୱକପ୍ ଟାଇଟଲ କଥା ବିଚାର କରାଯାଏ ତେବେ ପ୍ୟାରିସ ସେଣ୍ଟ ଜର୍ମେନ ଷ୍ଟ୍ରାଇକର ତାଙ୍କଠାରୁ ବହୁ ପଛରେ ରହିଛନ୍ତି। ପେଲେ ୧୯୫୮, ୧୯୬୨ ଏବଂ ୧୯୭୦ ବିଶ୍ୱକପ୍ ଜିତିଛନ୍ତି। ଅନ୍ୟ କୌଣସି ଖେଳାଳି ଏହି ସଫଳତା ହାସଲ କରିପାରି ନାହାନ୍ତି।



ପେଲେ

# ମାଗ୍ନସନ୍, ଗ୍ରୋସ୍‌ଜେଁଙ୍କୁ ବଦଳାଇବ ହାସ୍

**କାନାପୋଲିସ (ଯୁକ୍ତରାଷ୍ଟ୍ର ଆମେରିକା), ୨୨।୧୦(ଏପି)**

ଆସନ୍ତାବର୍ଷ ଫର୍ମୁଲା ୱାନ୍ ଟିମ୍ ହାସ୍ ଏହାର ଦୁଇ ଡ୍ରାଇଭର କେଭିନ୍ ମାଗ୍ନସନ୍ ଓ ରୋମନେ୍ ଗ୍ରୋସ୍‌ଜେଁଙ୍କ ବଦଳ କରାଇବ। ଏହି ଯୋଡ଼ି ସେମାନଙ୍କ ୪ର୍ଥ ସିଜନରେ ସଂଘର୍ଷ ଚଳାଇଛନ୍ତି ଏବଂ ଗତ ୧୧ଟି ରେସ୍‌ରେ ସେମାନେ ମାତ୍ର ୩ ପଏଣ୍ଟ ସ୍କୋର କରିଛନ୍ତି। ୨୦୧୬ରେ ହାସ୍‌ରେ ଗ୍ରୋସ୍‌ଜେଁଙ୍କ ଆରମ୍ଭ ଉତ୍ସାହଜନକ ଥିଲା। ସିଜନ ଓପନିଂ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ସେ ୬ଷ୍ଠ ହୋଇଥିଲେ ଏବଂ ବାହାରିନ୍‌ରେ ସେ ୯ମ ହୋଇଥିଲେ। କିନ୍ତୁ ଏହି ଫ୍ରେଞ୍ଚ୍ ଡ୍ରାଇଭର ଗତ ଦୁଇ ସିଜନ ହେଲା ତ୍ରୁଟି କରିବାରେ ଲାଗିଛନ୍ତି। ମାଗ୍ନସନଙ୍କ କ୍ଷେତ୍ରରେ ମଧ ତାହା ପରିଲକ୍ଷିତ ହୋଇଛି। ଡେନମାର୍କର ଏହି ଡ୍ରାଇଭର ଫର୍ମୁଲା ୱାନ୍‌ରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦୧୮ରେ କରିଥିଲେ। ସେତେବେଳେ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ସେ ୯ମ ସ୍ଥାନ ଅଧିକାର କରିଥିଲେ।






# ଭାରତୀୟ ମହିଳା ଖେଳାଳି ୟୁଏଇରେ

## ଟି୨୦ ଚ୍ୟାଲେଞ୍ଜ

ଦୁବାଇ, ୨୨।୧୦ (ପି.ଟି)

ମହିଳା ଟି୨୦ ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବା ଲାଗି ଭାରତର ୩୦ ଶ୍ରେଷ୍ଠ ମହିଳା କ୍ରିକେଟ ଖେଳାଳି ଗୁରୁବାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିଛନ୍ତି। 'ମିନି ୱିମେନ୍ସ ଆଇପିଏଲ୍' ଭାବେ ପରିଚିତ ଏହି ଟୁର୍ନାମେଣ୍ଟ ଶାରଜାରେ ନଭେମ୍ବର ୪ରୁ ୯ ପର୍ଯ୍ୟନ୍ତ ହେବ। ଗସ୍ତ ପୂର୍ବରୁ ଟି୨୦ ଅଧିନାୟିକା ହରମନପ୍ରୀତ କୌର, ବ୍ୟାଟ୍ସଓମ୍ୟାନ ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କ ଭଳି ପୁରୁଖା ଖେଳାଳି ମୁମ୍ବାଇରେ ୯ଦିନ ଧରି କ୍ୱାରାଣ୍ଟାଇନ୍‌ରେ ରହିସାରିଛନ୍ତି। ସେମାନଙ୍କର ଏକାଧିକ ଥର ଆରଟି-ପିସିଆର୍ ଟେଷ୍ଟ ସରିଛି। 'ବାୟୋ-ବବଲ୍'ରେ ପ୍ରବେଶ ପୂର୍ବରୁ ପୁରୁଷ ଖେଳାଳିଙ୍କ ଭଳି ମହିଳା ଖେଳାଳିଙ୍କୁ ସେଠାରେ ୬ ଦିନ ସଙ୍ଗରୋଧରେ ରହିବାକୁ ପଡ଼ିବ। ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଜୈବ ସୁରକ୍ଷିତ ପରିବେଶରେ ପ୍ରବେଶ ପାଇଁ ଅନୁମତି ଦିଆଯିବା ପୂର୍ବରୁ ସେମାନଙ୍କର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ପଞ୍ଚମ ଦିବସରେ ଟେଷ୍ଟ କରାଯିବ। ତିନୋଟି ଦଳର ନେତୃତ୍ୱ ନେବେ ମିଥାଲି ରାଜ, ମନ୍ଧାନା ଓ ହରମନପ୍ରୀତ୍। ଟୁର୍ନାମେଣ୍ଟରେ ଡିଏଣ୍ଡ୍ରା ଡଟିନ୍, ସୋଫି ଏକଲେଷ୍ଟୋନ୍, ଡାନିଲି ୟାଟ୍ ଓ ଟାମରି ଆଟାପାଟୁଙ୍କ ଭଳି ବିଦେଶୀ ଷ୍ଟାର ଖେଳାଳିମାନେ ଭାଗ ନେବେ। କୋଭିଡ୍ ଦେଖାଦେବା ପରଠାରୁ ପ୍ରଥମ ଅନ୍ତର୍ଜାତୀୟ ସିରିଜ ଖେଳିବା ଲାଗି ୟୁଏଇରୁ ଭାରତୀୟ ମହିଳା ଦଳ ଶ୍ରୀଲଙ୍କା ଯାଇପାରେ ବୋଲି ଶୁଣିବାକୁ ମିଳୁଛି।








HeroMotoCorp.com HeroMotoCorp HeroMotoCorpIndia HeroMotoCorpLimited TheHeroMotoCorp ^As per cumulative dispatch numbers till 15th September, 2019. ###Largest two-wheeler selling company in the world for any particular country for the year 2019. ସରକାରୀ LTC ଭାଉଚର୍ସ ଗ୍ରହଣୀୟ

*Offer amounts & combination of offers may vary by model. Avail maximum cash benefits up to ₹7000/-. #Finance scheme is at the sole discretion of Financier & subject to its respective terms & conditions. ^^Up to ₹2500/- cashback from Paytm and up to ₹5000/- cash back from Citi Bank (applicable only on Citi Bank cards). **Terms & conditions apply. Offer valid for limited period or till stock lasts. For more details, please visit your nearest authorized Hero outlet.

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ccmindia.in

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ – 7799766342. ଢେଙ୍କାନାଳ : ସୋମ ହୀରୋ – 7799766347. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ତାଳଚେର: ତାରିଣୀ ହୀରୋ – 7799766374.

ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ – 9437578295. ଛେଣ୍ଡିପଦା : ତାରା ମୋଟର୍ସ – 9437031859. କାମାକ୍ଷାନଗର: ରିଲାଏବୁ ଅଟୋମୋବାଇଲ୍‌ସ – 9938711223.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ